R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୪୭
ତିଥି : ଦ୍ୱାଦଶୀ
୨୨ ସେପ୍ଟେମ୍ବର ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 347
22 September 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଗଭୀର ଅବପାତର ରୂପ ନେବ ଲଘୁଚାପ



- ୨୪ ସୁଦ୍ଧା ବିଶାଖାପାଟଣା-ଗୋପାଳପୁରରେ ପହଞ୍ଚିବ
- ୨୫ ଯାଏ ପ୍ରବଳ ବର୍ଷା ନେଇ ସତର୍କତା ଜାରି
- କୋରାପୁଟ, ଗଞ୍ଜାମ, ଗଜପତି, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି ଲାଗି ରେଡ୍ ୱାର୍ଣ୍ଣିଂ
- ୨୪ ଯାଏ ଗଜପତି ଜିଲ୍ଲାରେ ସ୍କୁଲ ଛୁଟି
- ଆଜି ଜଗତସିଂହପୁର ଜିଲ୍ଲାରେ ସ୍କୁଲ ଛୁଟି
- ୨୩ ଲାଗି ୧୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୧।୯ (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ସ୍ପଷ୍ଟ ଚିହ୍ନିତ ହୋଇଛି । ପଶ୍ଚିମ କେନ୍ଦ୍ରୀୟ ଓ ଏହାର ସଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏହା ୨୪ ଘଣ୍ଟା ମଧ୍ୟରେ ଗଭୀର ଅବପାତର ରୂପ ନେବ । ଏହା ପଶ୍ଚିମ-ଉତ୍ତର, ପଶ୍ଚିମ ଦିଗକୁ ଅଗ୍ରସର ହେବ । ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର ପଶ୍ଚିମ ବଙ୍ଗୋପସାଗ ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଉପକୂଳ ଓଡ଼ିଶାର ବିଶାଖାପାଟଣମ୍ ଓ ଗୋପାଳପୁରରେ ଆସନ୍ତା ୨୩ ତାରିଖ ରାତି ବା ୨୪ ସକାଳୁ ପହଞ୍ଚିବ । ଏହାର ପ୍ରଭାବରେ ପ୍ରବଳ ବର୍ଷା ନେଇ ଆସନ୍ତା ୨୫ ତାରିଖ ଯାଏ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ୨୪ ଯାଏ ଗଜପତି ଜିଲ୍ଲାରେ ସ୍କୁଲ ଛୁଟି କରାଯାଇଥିବାବେଳେ ଆସନ୍ତାକାଲି ଲାଗି ଜଗତସିଂହପୁରର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି ।

ଆସନ୍ତାକାଲି ଯାଏ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ସୁନ୍ଦରଗଡ଼, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ରାୟଗଡ଼, କୋରାପୁଟ, ମାଲକାନଗିରିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ୨୩ ତାରିଖ ଯାଏ କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ମୟୂରଭଞ୍ଜ, ରାୟଗଡ଼, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ଭଦ୍ରକ, ଯାଜପୁର, ଅନୁଗୁଳ, ଢେଙ୍କାନାଳ,କେନ୍ଦୁଝର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ୨୪ ତାରିଖରେ କୋରାପୁଟ, ଗଜପତି, ଗଞ୍ଜାମ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ପ୍ରବଳ ବର୍ଷା ଲାଗି ଜଗତସିଂହପୁର, କଟକ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼, ମାଲକାନାଗିରି, ପୁରୀ, ଖୋର୍ଦ୍ଧା, ନୟାଗଡ଼କୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି । ସେହିଭଳି (୯ ପୃଷ୍ଠାରେ)

## ଲଗାଣ ବର୍ଷା ନେଇ ସରକାରୀ ପ୍ରସ୍ତୁତି

# ବର୍ତ୍ତମାନ ସୁଦ୍ଧା ବାତ୍ୟା ସମ୍ଭାବନା ନାହିଁ



### ଜିଲ୍ଲାପାଳମାନଙ୍କୁ ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୯ (ସବ୍ୟୁ) : ଆଗାମୀ ୨-୩ ଦିନ ରାଜ୍ୟର ବିଶେଷ କରି ଦକ୍ଷିଣାଂଚଳ ଜିଲ୍ଲାଗୁଡ଼ିକରେ ସମ୍ଭାବ୍ୟ ଲଘୁଚାପଜନିତ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଏହି ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଗ୍ନିଶମ ସେବା ନିର୍ଦ୍ଦେଶକ ଡ଼ଃ. ସୁଧାଂଶୁ ଷଡଙ୍ଗୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ଏସଆରସି ଏବଂ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗୀୟ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ । ସମ୍ଭାବ୍ୟ ଲଘୁଚାପ ଜନିତ ଲଗାଣ ବର୍ଷାରେ ପ୍ରଭାବିତ ହେବାକୁ ଥିବା ୧୧ଟି ଜିଲ୍ଲାର ଜିଲ୍ଲାପାଳମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ ।

ବୈଠକରେ ଭୁବନେଶ୍ୱରସ୍ଥିତ ଭାରତୀୟ ପାଣିପାଗ ବିଭାଗ ଆଂଚଳିକ କେନ୍ଦ୍ର ନିର୍ଦ୍ଦେଶିକା (୯ ପୃଷ୍ଠାରେ)

## ଶିକ୍ଷକ ସମସ୍ୟା : ସରକାରଙ୍କୁ କମିଟିର ରିପୋର୍ଟ

# ସୁପାରିସ ଅନୁଯାୟୀ ଉପଯୁକ୍ତ ନିଷ୍ପତ୍ତି : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧।୯ (ସବ୍ୟୁ) : ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଠିତ କମିଟି ଏହାର ରିପୋର୍ଟ ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି କମିଟି ୨୦୨୫ ଡିସେମ୍ବର ୬ ତାରିଖରେ ଗଠିତ ହୋଇଥିଲା ଏବଂ ୨୦୨୬ ଫେବୃଆରୀ ୩ ତାରିଖରେ ପୁର୍ନଗଠିତ ହୋଇଥିଲା । ଆଜି ଏହି କମିଟି ତା'ର ରିପୋର୍ଟ (୯ ପୃଷ୍ଠାରେ)

# ଆଜିଠୁ ବିଧାନସଭାର ମୌସୁମୀ ଅଧିବେଶନ



- ସର୍ବଦଳୀୟ ବୈଠକରେ ସବୁ ଦଳର ସହଯୋଗ ଲୋଡ଼ିଲେ ବାଚସ୍ପତି
- ବିରୋଧୀଙ୍କ ସବୁ ପ୍ରସଙ୍ଗର ଆଲୋଚନା ପାଇଁ ସରକାର ପ୍ରସ୍ତୁତ : ମହାଲିଙ୍ଗ
- ଆସନ୍ତା ୩ ଯାଏ ଅଧିବେଶନ, ଆସିବ ୬ ବିଲ୍

ଭୁବନେଶ୍ୱର, ୨୧।୯ (ସବ୍ୟୁ) : ଆସନ୍ତାକାଲି ଠାରୁ ବିଧାନସଭାରେ ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଅକ୍ଟୋବର ୩ ପର୍ଯ୍ୟନ୍ତ ହେବାକୁ ଥିବା ଅଧିବେଶନରେ ୯ଟି କାର୍ଯ୍ୟ ଦିବସ ରହିଛି । ଗୃହ କାର୍ଯ୍ୟକୁ ସୁରୁଖୁରୁରେ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ବାଚସ୍ପତି ସବୁ ଦଳର ସହଯୋଗ ଲୋଡ଼ିଛନ୍ତି ।

ବୈଠକରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁସ୍ଥ ସଂସଦୀୟ ପରମ୍ପରା ରକ୍ଷା ଓ ଜନହିତକର ପ୍ରସଙ୍ଗରେ ଗଠନମୂଳକ ଓ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ସବୁ ରାଜନୈତିକ ଦଳର ସହଯୋଗ ଲୋଡ଼ିଛନ୍ତି । ତାଙ୍କ ସରକାର ରାଜ୍ୟବାସୀଙ୍କ ସର୍ବାଙ୍ଗୀନ କଲ୍ୟାଣ ତଥା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଲାଗି ସହମତି ଏବଂ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବାକୁ ଦୃଢ଼ ପ୍ରତିବଦ୍ଧ ବୋଲି ସେ କହିଛନ୍ତି । ସେହିପରି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ସର୍ବଦଳୀୟ ବୈଠକରେ ଅଧିବେଶନର ସୁପରିଚାଳନା ପାଇଁ ଆଲୋଚନା ହୋଇଛି । ବିରୋଧୀ ଦଳ (୯ ପୃଷ୍ଠାରେ)

# ଶୀର୍ଷ ଛୁଇଁଲା ହୀରାକୁଦ ଜଳଭଣ୍ଡାର ଜଳସ୍ତର



ସମ୍ବଲପୁର, ୨୧।୯ (ସବ୍ୟୁ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଶୀର୍ଷରେ ପହଞ୍ଚିଛି । ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ଫୁଟ୍ ଥିବାବେଳେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୩୦.୦୨ଫୁଟ୍‌ରେ ପହଞ୍ଚିଛି । ଏହାକୁ ଦୃଷ୍ଟିରେ ରଖି ଡ୍ୟାମ କର୍ତ୍ତୃପକ୍ଷ ୨ଟି ଗେଟ୍ ଖୋଲିଛନ୍ତି । ଉଭୟ ବାମ ଓ ଡାହାଣ ପଟୁ ୧ଟି ଲେଖାଁଏ ଗେଟ୍ ଖୋଲା ରହିଛି । ଜଳ ସମ୍ପଦ ବିଭାଗ ସୂଚନା ଅନୁସାରେ, ଜଳଭଣ୍ଡାରକୁ ୪୧ହଜାର୯୨୪ଘନଫୁଟ ଜଳ ପ୍ରବେଶ କରୁଛି ।

ସେହିପରି ୨୯ ହଜାର ୨୧୯ ଘନଫୁଟ ଜଳ ନିଷ୍କାସିତ (୯ ପୃଷ୍ଠାରେ)

## ମଧ୍ୟପ୍ରଦେଶରେ ୭ ଓଡ଼ିଆଙ୍କ ମୃତ୍ୟୁ ଘଟଣା

# ମୃତ୍ୟୁ ପରେ ସିନ୍ଦୂର ପିନ୍ଧାଇଲେ ଭାବୀ ସ୍ୱାମୀ

ଭୁବନେଶ୍ୱର, ୨୧।୯ (ସବ୍ୟୁ) : ମଧ୍ୟପ୍ରଦେଶରେ ମୃତ୍ୟୁ ହୋଇଥିବା ଭୁବନେଶ୍ୱରର ୭ ଓଡ଼ିଆଙ୍କ ମରଶରୀର ତାଙ୍କ ଜୟଦେବବିହାରସ୍ଥିତ ଘରେ ରବିବାର ରାତିରେ ପହଞ୍ଚିଥିଲା । ମରଶରୀରଗୁଡ଼ିକୁ ମଧ୍ୟପ୍ରଦେଶ ଆଗରମାଲୱା ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ପୋଲିସ ଏସ୍କର୍ଟରେ ଭୁବନେଶ୍ୱର ପଠାଇଥିଲା । ଜୟଦେବବିହାରରେ ପହଞ୍ଚିବା ପରେ ଶେଷ ବିଦାୟ ଦେଇଥିଲେ ବହୁ ବନ୍ଧୁ ପରିଜନ, ନେତା, ମନ୍ତ୍ରୀ, ବିଧାୟକ । ହେଲେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା ବିବାହ ସ୍ଥିର ହୋଇଥିବା ବନମାଳୀ ବେହେରାଙ୍କ ସାନଝିଅର ଭାବିସ୍ୱାମୀ କରିଥିବା କାର୍ଯ୍ୟ । ତାଙ୍କ ପରିବାର ସେଠାରେ ପହଞ୍ଚିଥିବା ବେଳେ ରାଧାରାଣୀଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ତାଙ୍କ ମଥାରେ ସିନ୍ଦୂର ପିନ୍ଧାଇଥିଲେ ଭାବି ସ୍ୱାମୀ । ଭାବି ସ୍ୱାମୀଙ୍କ ମା' କାନ୍ଦି କାନ୍ଦି ଅଧୈର୍ଯ୍ୟ ହୋଇ କହୁଥିଲେ, ସେ ଆର ଜନ୍ମରେ ମୋ ବୋହୂ ହେବ ।

ବନମାଳୀ ବେହେରାଙ୍କ ଜୟଦେବବିହାର ଘର ନିକଟରେ ୭ ମରଶରୀର ଆଗରମାଲୱା ଜିଲ୍ଲା ପ୍ରଶାସନ ପହଞ୍ଚାଇବା ପରେ ଶେଷ ବିଦାୟ ଦେବାକୁ ସେଠାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂ, ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚିଥିଲେ । ଶହ ଶହ ଲୋକଙ୍କ ଗହଳି ହୋଇଥିଲା ବିଳମ୍ବିତ ରାତି ପର୍ଯ୍ୟନ୍ତ ବନା ବେହେରାଙ୍କ ଘର ଅଗଣାରେ । ପରିବାରର ନିଷ୍ପତ୍ତି ଅନୁଯାୟୀ ୭ ମରଶରୀରକୁ ଜୟଦେବବିହାରରୁ ବିଏମ୍‌ସି ଆମ୍ବୁଲାନ୍ସ ଯୋଗେ ବନମାଳୀ ବେହେରାଙ୍କ ନିଜ ଗାଁ ଗାଡକଣକୁ ନିଆଯାଇଥିଲା । ସେଠାରେ ଗାଁ ପରିକ୍ରମା କରିବା ପରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ଯାଇଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ସୋମବାର ଭୋର୍ ସମୟରେ ଏକାସଙ୍ଗେ ୭ ଜୁଇ ଜଳିଥିଲା । ଓଡ଼ିଶା ସରକାର ଅନ୍ତେଷ୍ଟିକ୍ରିୟାରେ ସହଯୋଗ କରିବା ସହ ବିଏମ୍‌ସି ଆମ୍ବୁଲାନ୍ସ ଯୋଗାଇଥିଲା । ମଧ୍ୟପ୍ରଦେଶରୁ ମରଶରୀରକୁ ଭୁବନେଶ୍ୱର ଘର ପର୍ଯ୍ୟନ୍ତ ଆଣିବା ପାଇଁ ଓଡ଼ିଶା (୯ ପୃଷ୍ଠାରେ)

# ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲେ ବାହାର ରାଜ୍ୟ ଟିମ୍

ଭୁବନେଶ୍ୱର, ୨୧।୯ (ସବ୍ୟୁ) : ବାଲେଶ୍ୱର ବିଚିତ୍ରପୁର ଜଙ୍ଗଲରୁ ଉଦ୍ଧାର ହୋଇଥିବା ୫ ଓରାଙ୍ଗଉଟାନଙ୍କ ଅବସ୍ଥା ଏକପ୍ରକାର ଭଲ ଅଛି । ନନ୍ଦନକାନନରେ ସ୍ୱତନ୍ତ୍ର ଟିମ୍ ସେମାନଙ୍କ ଯତ୍ନ ନେଉଛନ୍ତି । ୫ ଓରାଙ୍ଗଉଟାନ ଶିଶୁ ସଙ୍ଗରୋଧରେ ଥିବାରୁ ବାରମ୍ବାର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଉଛି । ଦିଲ୍ଲୀ, ଡେରାଡୁନ ଓ ମହୀଶୂରରୁ ଆସିଥିବା ପାଞ୍ଚଜଣିଆ ଟିମ୍ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେଇଛନ୍ତି । ନନ୍ଦନକାନନକୁ ୪ଦିନ ତଳେ ଆସିଥିବା ନୂଆ ଜୀବଜନ୍ତୁଙ୍କ ମଧ୍ୟରୁ ଦୁଇ ମିର୍‌କାଟ୍‌ଙ୍କ ମୃତ୍ୟୁ ହୋଇଥିବା ବେଳେ ମାଇ ଜେବ୍ରା ଅସୁସ୍ଥ ଅଛି ।

ବିଶେଷଜ୍ଞ ଟିମ୍ ଦେଇଥିବା ରିପୋର୍ଟରୁ ଜଣାଯାଇଛି ଯେ ସେମାନଙ୍କ ପେଟରେ କୃମି ଅଛନ୍ତି । କୃମି କମିବା ପାଇଁ ଯେଉଁ ଔଷଧ ଖାଇବା କଥା ସେମାନେ ମଧ୍ୟ ତାହା ପ୍ରେସ୍‌କ୍ରାଇବ୍ କରିଛନ୍ତି । ସେହି ଔଷଧ ଖାଇଲେ ସେମାନଙ୍କ ଶରୀରରୁ କୃମି ହ୍ରାସ ପାଇବ ବୋଲି ବିଶେଷଜ୍ଞ ଟିମ୍ ମତ ଦେଇଛନ୍ତି । ଓଜନ ବଢିବା ପାଇଁ ଖାଦ୍ୟରେ ଝୁଡଙ୍ଗ ଓ ଗାଜର ପ୍ରଭୃତି ଦେବାକୁ ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ଡାକ୍ତରୀ ଟିମ୍ । ଏଥିସହ ସେମାନେ ପିଉଥିବା କ୍ଷୀର ପରିମାଣ ବଢାଇବାକୁ ମଧ୍ୟ ସେମାନେ କହିଛନ୍ତି । ଓରାଙ୍ଗଉଟାନ ଶିଶୁଙ୍କ ଅବସ୍ଥା ଏକପ୍ରକାର ଭଲ ଅଛି । ସେମାନେ ନନ୍ଦନକାନନ (୯ ପୃଷ୍ଠାରେ)

# ଏସ୍‌ଆଇଆର୍‌ରେ ବାଦ୍ ପଡ଼ିଲେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର

## ରାଜ୍ୟ ଭୋଟରଙ୍କ ସଂଖ୍ୟା ୩ କୋଟି ୧୬ ଲକ୍ଷ ୩୨ ହଜାର




ଭୁବନେଶ୍ୱର,୨୧।୯,(ସବ୍ୟୁ): ରାଜ୍ୟରେ ଚାଲିଥିବା ଏସଆଇଆର ପ୍ରକ୍ରିୟା ଶେଷ ହେବା ପରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ପ୍ରକାଶିତ ଭୋଟର ତାଲିକାରେ ୨୦,୧୨,୫୫୭ ଜଣ ଭୋଟର ତାଲିକାରୁ ବାଦ ପଡିଛନ୍ତି । ରାଜ୍ୟର ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି, ୧୬ ଲକ୍ଷ ୩୨ ହଜାର ୭୫୪ ରହିଛି । ଏସଆଇଆର ପ୍ରକ୍ରିୟାରେ ୫୮ ଲକ୍ଷ ଭୋଟରଙ୍କୁ ନୋଟିସ ଜାରି କରାଯାଇଥିଲା ।

ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନ ଗଣମାଧ୍ୟମକୁ ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି । ମୋଟ ଭୋଟରଙ୍କ ମଧ୍ୟରେ ୧ କୋଟି ୬୧ ଲକ୍ଷ ୩୦ ହଜାର ୩୧୯ ଜଣ ପୁରୁଷ ଥିବା ବେଳେ ୧ କୋଟି ୫୪ ଲକ୍ଷ ୯୯ ହଜାର ୬୬୧ ଜଣ ମହିଳା ଓ ୨୭୭୪ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି । ଲିଙ୍ଗ ଅନୁପାତ ୯୬୧କୁ ବୃଦ୍ଧି ପାଇଥିବା ବେଳେ ଭୋଟର-ଜନସଂଖ୍ୟା ଅନୁପାତ ୬୭.୦୫% ରହିଛି । ମତଦାନ କେନ୍ଦ୍ର ଗୁଡିକର ପୁନର୍ଗଠନ ପରେ ବୁଥ ସଂଖ୍ୟା ୪୫,୨୫୦କୁ ବୃଦ୍ଧି ପାଇଛି । ୫୮,୩୬,୩୯୨ ଜଣଙ୍କୁ ଏସଆଇଆର ପ୍ରକ୍ରିୟରେ ନୋଟିସ ଜାରି କରାଯାଇଥିଲା । ଗଣନା ଫର୍ମ ନଫେରିବାରୁ ୨୦,୧୨୫୫୭ ଜଣଙ୍କୁ ବାଦ ଦିଆଯାଇଛି । ୨୦୨୬ ଜୁଲାଇ ପହିଲାକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଏସଆଇଆର ଆରମ୍ଭ ହୋଇଥିଲା । ଏସଆଇଆର ଆରମ୍ଭ ହେବା ପୂର୍ବରୁ ୨୦୨୬ (୯ ପୃଷ୍ଠାରେ)

## ବିଜେଡି ବିଧାୟକ ଦଳ ବୈଠକ

# ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗରେ ରାଜ୍ୟ ଅଧିକାର ଫେରିବା ଯାଏଁ ଲଢ଼େଇ



ଭୁବନେଶ୍ୱର, ୨୧।୯ (ସବ୍ୟୁ) : ବିଜୁ ଜନତା ଦଳ ବିଧାୟକ ଦଳ ବୈଠକ ଆଜି ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଧାୟକ ମାନଙ୍କୁ ସମ୍ବୋଧିତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ବିଜେପି ସରକାର ଆସିବାର ଇତି ମଧ୍ୟରେ ଦୁଇ ବର୍ଷରୁ ଅଧିକ ସମୟ ବିତି ଗଲାଣି । କିନ୍ତୁ ଯେଉଁ ପରିବର୍ତ୍ତନର ନାରା ଦେଇ ସେମାନେ କ୍ଷମତାକୁ ଆସିଥିଲେ, ତାହା କେହି ଅନୁଭବ କରିପାରୁଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏହି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି । ଆଇନ ଶୃଙ୍ଖଳାଠାରୁ ଆରମ୍ଭ କରି ବନ୍ୟା ପରିଚାଳନାରେ ବିଫଳତା, ଦରବୃଦ୍ଧି, ଆର୍ଥିକ କୁପରିଚାଳନା, ବଜେଟ୍ ଅର୍ଥ ଖର୍ଚ୍ଚ କରି ନ ପାରିବା ଆଦି ବିଭିନ୍ନ ପ୍ରସଙ୍ଗ ରହିଛି ।

ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳ ମୁଖ୍ୟତଃ ପାଠ୍ୟ ପୁସ୍ତକରେ ତ୍ରୁଟି, ଏମ୍‌ଏମ୍‌ଡିଆର୍ (୯ ପୃଷ୍ଠାରେ)

## ଏଆଇ ଏଜେଣ୍ଟ ପ୍ରସ୍ତୁତ କରୁଛନ୍ତି ନୂଆ ଭାଷା

ସାମ୍ପ୍ରତିକ ଏକ ପରୀକ୍ଷଣରେ ଜଣାପଡିଛି କି କ୍ଲାଉଡ , ଜେମିନି ଏବଂ ଓପନ୍-ଏଆଇର ଏଆଇ ଏଜେଣ୍ଟଗୁଡ଼ିକ ନିଜ ନିଜ ମଧ୍ୟରେ କଥାବାର୍ତ୍ତା କରିବା ସମୟରେ ମାନବ ବୁଝିପାରୁ ନଥିବା ଏକ ଗୁପ୍ତ ଭାଷା ବିକଶିତ କରିଛନ୍ତି। ଏହି ଏଜେଣ୍ଟଗୁଡ଼ିକୁ କୌଣସି ନୂଆ ଭାଷା ତିଆରି କରିବାକୁ ନିର୍ଦ୍ଦେଶ ଦିଆଯାଇ ନଥିଲେ ବି, ନିଜର ଦୀର୍ଘ କଥାବାର୍ତ୍ତାକୁ ସଂକ୍ଷିପ୍ତ କରିବା ପାଇଁ ସେମାନେ ନିଜସ୍ୱ 'ସର୍ଟକଟ୍' ଏବଂ ନୂତନ ସଙ୍କେତ ପ୍ରସ୍ତୁତ କରି ପ୍ରଚଳିତ ଶବ୍ଦଗୁଡ଼ିକର ଅର୍ଥ ବଦଳାଇ ଦେଇଥିଲେ । ଅନ୍ୟ ଏଆଇ ଏଜେଣ୍ଟମାନେ ମଧ୍ୟ ଏହି ନୂତନ ଶବ୍ଦ ଓ ସଙ୍କେତଗୁଡ଼ିକୁ ଆପଣାଇବା ଆରମ୍ଭ କରିଦେବାରୁ ସେମାନଙ୍କର ଲେଖିବାର ଶୈଳୀ ଏପରି ସ୍ତରକୁ ଚାଲିଗଲା ଯେଉଁଠି ମଣିଷ ସେହି ଲେଖାଗୁଡ଼ିକୁ ପଢ଼ିପାରୁଥିଲେ ସୁଦ୍ଧା ତାର ପ୍ରକୃତ ଅର୍ଥ ବୁଝିବା ଅତ୍ୟନ୍ତ କଠିନ ହୋଇପଡ଼ିଥିଲା । ଏଆଇ ଷ୍ଟାର୍ଟଅପ୍ 'ଏମର୍ଜେନ୍ସି'ର ବିଜ୍ଞାନୀମାନଙ୍କ ଅନୁସାରେ, କେବଳ ଏଆଇର କଥାବାର୍ତ୍ତାକୁ ଦେଖିପାରିବା ଯଥେଷ୍ଟ ନୁହେଁ, ବରଂ ଏହି ଏଜେଣ୍ଟଗୁଡ଼ିକ କେଉଁ ପ୍ରସଙ୍ଗ ଓ ଅର୍ଥରେ କଥା ହେଉଛନ୍ତି ତାହା ବୁଝିବା ହିଁ ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି ।



## ଟ୍ରୋଲରଙ୍କୁ ରଶ୍ମିକାଙ୍କ ଉତ୍ତର

ଅଭିନେତ୍ରୀ ରଶ୍ମିକା ମନ୍ଦାନା ବିଭିନ୍ନ ଭାଷାର ଚଳଚ୍ଚିତ୍ରରେ କାମ କରିବା ସମୟରେ ନିଜର ଉଚ୍ଚାରଣ ଓ ଭାଷାକୁ ନେଇ ହେଉଥିବା ଟ୍ରୋଲିଂର ଜବାବ ଦେଇଛନ୍ତି । ସେ କହିଛନ୍ତି ଯେ, ସେ କୌଣସି ଗୋଟିଏ ଭାଷାରେ ସମ୍ପୂର୍ଣ୍ଣ ଦକ୍ଷ ନୁହଁନ୍ତି ଏବଂ ତାଙ୍କ କ୍ୟାରିୟର ସବୁବେଳେ ନୂଆ ନୂଆ ଭାଷା ଓ ଭୂମିକା ସହ ଖାପଖୁଆଇ ଆଗକୁ ବଢ଼ିଛି । ଏକ ସାକ୍ଷାତକାରରେ ସେ ପ୍ରକାଶ କରିଛନ୍ତି ଯେ ତାଙ୍କ ମାତୃଭାଷା କୋଡ଼ଭା (କୋଡ଼ଭା ତକ୍) ପାଇଁ କୌଣସି ଆଞ୍ଚଳିକ ସିନେମା ଇଣ୍ଡଷ୍ଟ୍ରି ନଥିବାରୁ ସେ ସବୁବେଳେ ଅନ୍ୟଭାଷାଭାଷୀ ଇଣ୍ଡଷ୍ଟ୍ରୀରେ କାମ କରିଛନ୍ତି । ତେବେ ଭାଷା କେବେବି ତାଙ୍କ ପାଇଁ ବାଧକ ସାଜିନାହିଁ ; ବରଂ ଫ୍ୟାନ୍ସମାନଙ୍କ ଅନୁରୋଧ କ୍ରମେ ସେ ତେଲୁଗୁ ଓ ହିନ୍ଦୀ ଭାଷାରେ ଅଭିନୟ କରି ସବୁ ଭାଷାକୁ ନିଜର ବୋଲି ଗ୍ରହଣ କରିଛନ୍ତି । ନିଜ ଉଚ୍ଚାରଣକୁ ନେଇ ହେଉଥିବା ଚର୍ଚ୍ଚା ପ୍ରତି ଧ୍ୟାନ ନଦେଇ ସେ ନିଜର କାମ ଓ ଭୂମିକା ଉପରେ ମନୋନିବେଶ କରନ୍ତି। ସୂଚନା ଅନୁସାରେ ଫିଲ୍ମ 'ଆନିମଲ୍'ର ଟ୍ରେଲରରେ ରଣବୀର କପୁରଙ୍କ ସହ ତାଙ୍କର କରୱା ଚୌଥ୍ ସିନ୍‌ର ଡାଇଲଗ ଡେଲିଭରୀକୁ ନେଇ ସେ ସୋସିଆଲ ମିଡିଆରେ ଟ୍ରୋଲ୍ ହୋଇଥିଲେ । ଏହିଭଳି ସେ ଅନେକ ଥର ନିଜର ଡାଇଲଗ କହିବାର ଷ୍ଟାଇଲ ପାଇଁ ଟ୍ରୋଲ ହୋଇଥାଆନ୍ତି ।



## ସୋସିଆଲ କୋଟ୍ସ



ମୋ ପିଲାଙ୍କୁ କେବେ ହେଲେ ବି ପିତାର ଆବଶ୍ୟକତା ପଡି ନାହିଁ । ମୁଁ ସେମାନଙ୍କର ସବୁ ଆବଶ୍ୟକତାକୁ ପୂରଣ କରିଛି । ସେମାନେ ମୋର ବିବାହକୁ ମଧ୍ୟ ବିରୋଧ କରନ୍ତି, କୁହନ୍ତି ସେମାନଙ୍କର ପିତା ଦରକାର ନାହିଁ ।

**ସୁସ୍ମିତା ସେନ୍, ଅଭିନେତ୍ରୀ**



ଅନୁପମ୍ ଅଙ୍କଲ ମୋଠାରୁ ଡ୍ୟାନ୍ସ ଶିଖିବା ପରେ ଖୁବ ଭଲ କରୁଛନ୍ତି । ସେ ଯେତବେଳେ ଘରକୁ ଆସନ୍ତୁ ଖୁବ ମଜା ହୁଏ । ବାପା ଠିକ କହୁଥିଲେ ସେ ହେଉଛନ୍ତି ବାପାଙ୍କ ପରେ ଦ୍ୱିତୀୟ ମଜାକିଆ ଲୋକ ।

**ବଂଶିକା କୌଶିକ, ସତିଶ କୌଶିକଙ୍କ ଝିଅ**



ମୋତେ ଅକ୍ଷୟ କୁମାର ପଚାରିଥିଲେ କି ମୋ ଆଖୁ କାହିଁକି କଳା । ମୋତେ ଏଭଳି ମନ୍ତବ୍ୟ ଅପମାନ ଜନକ ଲାଗିଥିଲା । ହେଲେ ଅକ୍ଷୟ ମୋତେ ଏଥିପାଇଁ କେବେ ବି କ୍ଷମା ମାଗି ନାହାନ୍ତି ।

**ଶାନ୍ତି ପ୍ରିୟା, ଅଭିନେତ୍ରୀ**

## ବିମାନ ଉଡାଇ ମୋନାସିଲା ଚିତ୍ର ଅଙ୍କନ

ଆମେରିକାର ଜଣେ ପାଇଲଟ୍ ଆକାଶରେ ନିଜ ବିମାନକୁ ଏକ ତୁଳୀ ଭାବରେ ବ୍ୟବହାର କରି ଲିଓନାର୍ଡୋ ଦା ଭିନ୍ସିଙ୍କ ପ୍ରସିଦ୍ଧ ଚିତ୍ରକଳା 'ମୋନାଲିସା'ର ଏକ ଆକର୍ଷଣୀୟ ପ୍ରତିକୃତି ଆଙ୍କିଛନ୍ତି। ଆରକାନସାସର ବେଣ୍ଟନଭିଲରୁ ଏକ ସେସନା ଆର୧୮୨ ବିମାନରେ ଉଡ଼ାଣ ଭରି ସେ ଆରକାନସାସ-ଓକଲାହୋମା ସୀମା ନିକଟରେ ନିଜ ଜିପିଏସ ରୁଟକୁ ଖୁବ ସୂକ୍ଷ୍ମ ଭାବେ ନିୟନ୍ତ୍ରଣ କରିଥିଲେ।




ବିମାନର ସମ୍ପୂର୍ଣ୍ଣ ଉଡ଼ାଣ ପଥ ମୋନାଲିସାଙ୍କ ଚେହେରା, ଚୁଟି ଏବଂ ସମ୍ପୂର୍ଣ୍ଣ ଆକୃତିର ରୂପ ନେଇଥିଲା । ପ୍ରାୟ ୫୬ କିଲୋମିଟର ଦୀର୍ଘ ଏହି ଉଡ଼ାଣ ପଥକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରାୟ ୩ ଘଣ୍ଟା ସମୟ ଲାଗିଥିଲା । ଯେଉଁଥିରେ ସାମାନ୍ୟତମ ଦିଗ ପରିବର୍ତ୍ତନ ମଧ୍ୟ ଏହି ଚିତ୍ରକୁ ବିଗାଡ଼ି ଦେବାର ବିପଦ ଥିଲା । ଏହି ସମୟରେ ୭୩,୦୦୦ରୁ ଅଧିକ ଲୋକ ଏକ ଫ୍ଲାଇଟ୍-ଟ୍ରାକିଂ ୱେବସାଇଟ୍‌ରେ ଏହି ଲାଇଭ୍ ଉଡ଼ାଣକୁ ଦେଖୁଥିଲେ । ବିମାନଟି ଅବତରଣ କରିବା ପରେ ଜିପିଏସ ଦ୍ୱାରା ସୃଷ୍ଟି ହୋଇଥିବା ଏହି ଅଦ୍ଭୁତ 'ମୋନାଲିସା' ଉଡ଼ାଣ ପଥଟି ସୋସିଆଲ ମିଡିଆରେ ବ୍ୟାପକ ଭାବେ ଭାଇରାଲ ହେବା ସହ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି ।

## ବନ୍ୟଜନ୍ତୁଙ୍କ ଫଟୋ ବଦଳରେ ମିଳୁଛି ଅର୍ଥ

ଇଣ୍ଡୋନେସିଆର ବୋର୍ନିଓରେ ସ୍ଥାନୀୟ ଗ୍ରାମବାସୀମାନେ ଜଙ୍ଗଲରେ ବନ୍ୟଜନ୍ତୁଙ୍କୁ ଦେଖିଲେ ଶିକାର ପାଇଁ ଅସ୍ତ୍ରଶସ୍ତ୍ର ଉଠାଇବା ପରିବର୍ତ୍ତେ ବର୍ତ୍ତମାନ ନିଜ ମୋବାଇଲ୍ ଫୋନ ଉଠାଉଛନ୍ତି । ବର୍ତ୍ତମାନ ସ୍ଥାନୀୟବାସିନ୍ଦା ମୋବାଇଲରେ ସେମାନଙ୍କର ଫଟୋ ଓ ଶବ୍ଦ ରେକର୍ଡ କରି ପାରିଶ୍ରମିକ ରୂପେ ଟଙ୍କା ରୋଜଗାର କରୁଛନ୍ତି । ଏହି ଅଭିନବ ପ୍ରକଳ୍ପ ଅଧୀନରେ ଓରାଙ୍ଗଉଟାନ୍ , ମାଙ୍କଡ଼ ଏବଂ ପକ୍ଷୀମାନଙ୍କର ଫଟୋ ବା ଶବ୍ଦ ପଠାଇଲେ ସ୍ଥାନୀୟ ଲୋକଙ୍କୁ ଅର୍ଥ ପ୍ରଦାନ କରାଯାଉଛି । ଯେଉଁଥିରେ ସାଧାରଣ ପକ୍ଷୀର ଫଟୋ ପାଇଁ ୨୭ ଟଙ୍କା ଏବଂ ଓରାଙ୍ଗଉଟାନ୍‌ର ଫଟୋ ପାଇଁ ସର୍ବାଧିକ ୭୦୦ଟଙ୍କା ପର୍ଯ୍ୟନ୍ତ ମିଳୁଛି । ପଶ୍ଚିମ କାଲିମାନ୍ତାନର ନଅଟି ଗ୍ରାମରେ ଚାଲିଥିବା 'କେହାତିକୁ' ନାମକ ଏହି ବନ୍ୟଜନ୍ତୁ ସଂରକ୍ଷଣ ଅଭିଯାନ ଯୋଗୁଁ ଅନେକ ଗ୍ରାମବାସୀ ମାସକୁ ୫୪,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି । ଯାହା ଜଣେ ଦିନମଜୁରିଆଙ୍କ ହାରାହାରି ଆୟଠାରୁ ଯଥେଷ୍ଟ ଅଧିକ । ଏହି ପ୍ରକଳ୍ପର ସଫଳତାରେ ପ୍ରଭାବିତ ହୋଇ ଅନ୍ୟ ଦୁଇଟି ଗ୍ରାମ ମଧ୍ୟ ଶିକାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୩.୫ ଲକ୍ଷରୁ ଅଧିକ ପଶୁପକ୍ଷୀଙ୍କ ଫଟୋ ଓ ଅଡିଓ ରେକର୍ଡିଂ ଦାଖଲ ହୋଇସାରିଥିବା ବେଳେ ତଦାରଖ ପରେ ସେଥିମଧ୍ୟରୁ ପ୍ରାୟ ଅଧା ଦାବିର ପାରିଶ୍ରମିକ ମଧ୍ୟ ପ୍ରଦାନ କରାଯାଇସାରିଛି ।



## ଇତିହାସ

୧୩୯- ଶିଖ୍ ସଂପ୍ରଦାୟର ପ୍ରଥମ ଗୁରୁ ନାନକ ଦେବ ଜୀ'ଙ୍କ ପାକିସ୍ତାନର କରତାରପୁରରେ ଦେହାନ୍ତ । ବର୍ତ୍ତମାନ ଏହି ସ୍ଥାନଟି ଡେରାବାବା ନାନକ ନାଁରେ ପରିଚିତ ।

୧୯୦୩- ଆମେରିକୀୟ ନାଗରିକ ଇଟାଲୋ ମାର୍ଚିଓନୀ ଆଇସକ୍ରିମ୍ କୋନ୍‌ର ପେଟେଣ୍ଟ କରାଇଲେ ।

୧୯୪୯ - ସୋଭିଏତ ସଙ୍ଘ ପକ୍ଷରୁ ସଫଳତାପୂର୍ବକ ପରମାଣୁ ପରୀକ୍ଷଣ ।

୧୯୫୫- ବ୍ରିଟେନ୍‌ରେ ଟେଲିଭିଜନ୍‌ର ବ୍ୟବସାୟୀକରଣ ଆରମ୍ଭ ।

୧୯୬୫- ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରାମ ଘୋଷଣା ।

୧୯୮୦- ଇରାନ ଏବଂ ଇରାକ ମଧ୍ୟରେ ଥିବା ସୀମା ସଂଘର୍ଷ ଯୁଦ୍ଧକୁ ରୂପାନ୍ତର ହେଲା ।

୨୦୧୧- ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ମନ୍‌ସୁର ଅଲ୍ଲୀ ଖାନ୍ ପଟୌଦୀଙ୍କ ପରଲୋକ ।

## ମିଠା ଖାଇବାର ଆଗ୍ରହ ପଛର କାରଣ

ଅନେକ ସମୟରେ ଭୋଜନ ଶେଷରେ ମିଠା, ଆଇସକ୍ରିମ୍, କିମ୍ବା କେକ୍ ଖାଇବାକୁ ଇଚ୍ଛା ହୋଇଥାଏ । ତେବେ ଏହାକୁ ଅନେକ ସାଧାରଣକଥା ବୋଲି ଭାବିଥାଆନ୍ତି । ହେଲେ ଏହାକୁ ବୈଜ୍ଞାନିକ ଭାଷାରେ 'ଡେଜର୍ଟ କ୍ରେଭିଂ' କୁହାଯାଏ । ବିଜ୍ଞାନ ଅନୁସାରେ, ଏହି ଇଚ୍ଛା କେବଳ ଭୋକ ଯୋଗୁଁ ନୁହେଁ, ବରଂ ନିୟମିତ ଅଭ୍ୟାସ, ମସ୍ତିଷ୍କର 'ରିୱାର୍ଡ ସିଷ୍ଟମ୍', ମାନସିକ ଚାପ ଏବଂ ଖାଦ୍ୟର ପ୍ରକାର ଭଳି ଅନେକ ଶାରୀରିକ ଓ ମାନସିକ କାରଣ ଯୋଗୁଁ ସୃଷ୍ଟି ହୋଇଥାଏ । 'ଆପିଟାଇଟ୍' ପତ୍ରିକାରେ ପ୍ରକାଶିତ ଏକ ଗବେଷଣା ଅନୁସାରେ, ଖାଇସାରିବା ପରେ ନମକିନ୍ ବା ତେଲିଆ ଖାଦ୍ୟ ପ୍ରତି ଇଚ୍ଛା କମିଯାଉଥିବା ବେଳେ ମିଠା ପ୍ରତି ଆକର୍ଷଣ ବଢିଥାଏ । ଏହାସହ ଏମଆରଆଇ ଅଧ୍ୟୟନରୁ ଜଣାପଡ଼ିଛି ଯେ ମିଠା ଜିନିଷ ମସ୍ତିଷ୍କର ସ୍ୱାଦ ଓ ସନ୍ତୋଷ ପ୍ରଦାନକାରୀ ଅଂଶକୁ ସକ୍ରିୟ କରିଥାଏ । ଯାହାଦ୍ୱାରା ଖାଇସାରିବା ପରେ ମିଠାକୁ ଲୋକମାନେ ଏକ ଆନନ୍ଦଦାୟକ 'ପୁରସ୍କାର' ଭାବେ ଗ୍ରହଣ କରିବାର ଅଭ୍ୟାସରେ ପଡନ୍ତି । ବିଶେଷ କରି ଅନିୟମିତ ଆହାର, ମାନସିକ ଚାପ ବା କ୍ଳାନ୍ତି ସମୟରେ ଏହି ପ୍ରବୃତ୍ତି ଆହୁରି ବୃଦ୍ଧି ପାଇଥାଏ । ତେବେ ମିଠାକୁ ସମ୍ପୂର୍ଣ୍ଣ ବନ୍ଦ ନକରି ଏହାର ପରିମାଣ ନିୟନ୍ତ୍ରଣ କରିବା ଉଚିତ ।





**ମେଷ:** ଦ୍ରବ୍ୟଲାଭ, ଶରୀର ସୁସ୍ଥ, ବିଦ୍ୟାରେ ସଫଳତା, ପାରିବାରିକ ଖୁସି, ନୂତନ ନିଯୁକ୍ତି, ବନ୍ଧୁସାହାଯ୍ୟ, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବୃଷ:** ବନ୍ଧୁ ସହଯୋଗ, ନୂତନ ଆୟ, ମାନସିକ ଶାନ୍ତି, ଦାମ୍ପତ୍ୟଖୁସି, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ବିଦେଶ ଭ୍ରମଣ, ଭୂସମ୍ପତ୍ତିଲାଭ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ଭଗବାନ ବିଷ୍ଣୁ ।

**ମିଥୁନ:** ଚିଡ଼ିଚିଡ଼ା ସ୍ୱଭାବ, ହେବାକାର୍ଯ୍ୟ ବିଳମ୍ବ, ବ୍ୟବସାୟରେ ଶତ୍ରୁ ବୃଦ୍ଧି, ବନ୍ଧୁଲାଭ, ଗୁରୁଜନେ ଆଶୀର୍ବାଦ, ଅର୍ଥଚିନ୍ତା, ଦାମ୍ପତ୍ୟକଳହ, ଭ୍ରାତୃସ୍ନେହ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା -ପ୍ରଭୁ ହନୁମାନ ।

**କର୍କଟ:** ଶରୀର ଅସୁସ୍ଥ, ହଠାତ୍ ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁସାହାଯ୍ୟ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ପଦବୀଲାଭ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ। ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୫, ଆରାଧନା-ମା' ଗୌରୀ ।

**ସିଂହ:** ନୂତନ କର୍ମଆରମ୍ଭ, ବ୍ୟବସାୟରେ ଉନ୍ନତି, ଅଯଥା ଖର୍ଚ୍ଚ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ସହଯୋଗ। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**କନ୍ୟା:** ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ସହଯୋଗ, ନୂତନ ବନ୍ଧୁଲାଭ, ଯାତ୍ରା ସଫଳ, କିଛି କ୍ରୟ ବିକ୍ରୟ, ଅନୁଷ୍ଠାନରୁ ଲାଭ, ଶତ୍ରୁସସ୍ୟା, ହେବାକାର୍ଯ୍ୟ ବିଳମ୍ବ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ।

**ତୁଳା:** ଶୁଭଖବର, କର୍ମକ୍ଷେତ୍ରେ ସମସ୍ୟା, ଦାମ୍ପତ୍ୟସୁଖ, ଅନୁଷ୍ଠାନରୁ ଲାଭ, ସମ୍ମାନପ୍ରାପ୍ତି, ସୁମିଷ୍ଟ ଭୋଜନ, ଦ୍ରବ୍ୟଲାଭ, ବନ୍ଧୁସାହାଯ୍ୟ, ଅର୍ଥଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବ୍ୟୟବୃଦ୍ଧି, ମାନସିକ ଅବସାଦ, ବ୍ୟବସାୟିକ କଷ୍ଟ, ସନ୍ତାନଲାଭ, ମେଡ଼ିକାଲ ସମସ୍ୟା, ଲୋକସମ୍ପର୍କରେ ଉନ୍ନତି, ଖାଦ୍ୟପେୟରେ ବିଳମ୍ବ। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଯାତ୍ରା ଶୁଭ, ଦ୍ରବ୍ୟଲାଭ, ସମ୍ମାନପ୍ରାପ୍ତି, ଅର୍ଥଲାଭ, ଦୂରଯାତ୍ରାରେ କଷ୍ଟ, ବ୍ୟବସାୟରେ ଲାଭ, ଦେବକାର୍ଯ୍ୟରେ ସଫଳ, ସ୍ୱାଦିଷ୍ଟ ଭୋଜନ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ମକର:** ସମ୍ମାନଲାଭ, ବନ୍ଧୁସାହାଯ୍ୟ, ପାରିବାରିକ ଖୁସି, ଅର୍ଥଲାଭ, ଦେବକାର୍ଯ୍ୟ ସଫଳ, ଶତ୍ରୁ ପରାଜିତ, ମାନସିକ ଶାନ୍ତି, ଗୃହେ ଶୁଭ ଆଲୋଚନା, ଉତ୍ସବକୁ ନେଇ ଦୂରଯାତ୍ରା। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ମା' ମାଣିକେଶ୍ୱରୀ ।

**କୁମ୍ଭ:** ଶୁଭଖବର, ଦ୍ରବ୍ୟଲାଭ, ସମ୍ପତ୍ତିସୁଖ, ଶୁଭ ଆଲୋଚନା, ବନ୍ଧୁଲାଭ, ପାରିବାରିକ ଶାନ୍ତି, ଦୂରଯାତ୍ରା ସଫଳ, ସ୍ୱାସ୍ଥ୍ୟଲାଭ, ଲୋକସମ୍ପର୍କରେ ଉନ୍ନତି, ସ୍ୱାଦିଷ୍ଟ ଭୋଜନ। ଶତଭିଷା। ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**ମୀନ:** ଶାରୀରିକ କଷ୍ଟ, ହେବାକାର୍ଯ୍ୟ ବିଳମ୍ବ, ଯାତ୍ରାରେ ସତର୍କ, ବନ୍ଧୁସହଯୋଗ, ପାରିବାରିକ ବିବାଦ, ତୀର୍ଥାଟନ, ଦେବଦର୍ଶନ, ଦ୍ରବ୍ୟନଷ୍ଟ, ଶତ୍ରୁକଷ୍ଟ, ଲୋକସମ୍ପର୍କରେ ଉନ୍ନତି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା- ମା' ଗୌରୀ ।

**ଭାଦ୍ରବ ଶୁକ୍ଳ ପକ୍ଷ ଏକାଦଶୀ**
**୨୨.୯.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ରାଜ୍ୟପାଳଙ୍କୁ ସୌଜନ ମୂଳକ ସାକ୍ଷାତ କଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ



ଭୁବନେଶ୍ୱର, (ସବ୍ୟୁ): ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ସୋମବାର ଦିନ ଲୋକଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସୌଜନମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ସମୟରେ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଥିବା ଦୀର୍ଘଦିନର ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ବିଷୟରେ ଆଲୋଚନା ହେବା ସହିତ ବିଭିନ୍ନ କ୍ଷେତ୍ରରେ ବିକାଶ ତଥା ସହଯୋଗ ସମ୍ପର୍କରେ ମତାମତ ବିନିମୟ ହୋଇଥିଲା। ଏହି ଅବସରରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସମ୍ପର୍କକୁ ଆହୁରି ଅଧିକ ମଜବୁତ କରିବା ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏଥି ସହିତ ଦୁଇ ରାଜ୍ୟ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ଏବଂ ସହଯୋଗ ତଥା ସାମୂହିକ ବିକାଶ ଲକ୍ଷ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ସମନ୍ୱୟ ଉପରେ ମଧ୍ୟ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଥିଲା। ସାକ୍ଷାତକାର ସମୟରେ ଛତିଶଗଡ଼ର ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପରସ୍ପରକୁ ଉପହାର ମଧ୍ୟ ପ୍ରଦାନ କରିଥିଲେ।

### ଜଗତସିଂହପୁର ଜିଲ୍ଲାରେ ଡିଜେ ବଜାଇବା କଟକଣାକୁ ବିରୋଧ

# ମାର୍ଗଦର୍ଶିକା ଜାରି କରିବେ ସରକାର :ହାଇକୋର୍ଟ

କଟକ, (ସବ୍ୟୁ): ଜଗତସିଂହପୁର ଜିଲ୍ଲାରେ ଗଣେଶ ପୂଜା ଏବଂ ଭସାଣୀରେ ଡିଜେ ବଜାଇବା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲଗାଯାଇଥିବା କଟକଣାକୁ ବିରୋଧ କରି ରୁଜୁ ମାମଲାରେ ରାଜ୍ୟ ସରକାରଙ୍କୁ ଏ ଏକ ମାର୍ଗଦର୍ଶିକା ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଗନ୍ନାଥ ଟେଣ୍ଟ ଲାଇଟ୍ ଏବଂ ମାଲିକ ସଂଘ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ଅଦାଲତଙ୍କ ଆଦେଶର କପି ପ୍ରଶାସନ ନିକଟରେ ଦାଖଲ କରିବେ। ଆବେଦନକାରୀଙ୍କୁ ଶୁଣିବାର ସୁଯୋଗ ତଥା ପକ୍ଷର ରଖିବାର ସୁଯୋଗ ଦେଇ ରାଜ୍ୟ ସରକାର ଏହି ମର୍ମରେ ୬ସପ୍ତାହ ମଧ୍ୟରେ ଆବଶ୍ୟକ ନିର୍ଦ୍ଦେଶାବଳୀ ଜାରି କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭାଘର, ପୂଜା ଭସାଣୀରେ ଡିଜେ ବଜାଇବା ଉପରେ କଟକଣା ଜାରି କରିଛନ୍ତି। କିନ୍ତୁ ଏହା ପୂର୍ବରୁ ୨୦୨୪ ମସିହା ଅକ୍ଟୋବର ୩ ତାରିଖରେ ହାଇକୋର୍ଟ ଏହିଭଳି ଏକ ମାମଲାରେ ରାୟ ପ୍ରକାଶ କରିଥିଲେ । ଓଡ଼ିଶା ଫାୟର ୱାର୍କସ୍ ଆଣ୍ଡ ଲାଉଡସ୍ପିକର ରେଗୁଲେସନ୍ ଆକ୍ଟ-୧୯୫୮କୁ ତର୍ଜମା କରି ପ୍ରଶାସନ ଡିଜେ ବଜାଇବା ପାଇଁ ଏକ ମାଗଦର୍ଶିକା ଜାରି କରିବାକୁ ହାଇକୋର୍ଟ ସେତେବେଳେ କହିଥିଲେ। କିନ୍ତୁ ଏହି ଦୁଇ ବର୍ଷ ମଧ୍ୟରେ ପ୍ରଶାସନ ପକ୍ଷରୁ ଏ ସଂକ୍ରାନ୍ତ କୌଣସି ପ୍ରକାର ମାର୍ଗଦର୍ଶିକା ଜାରି କରାଯାଇ ନାହିଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା।ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଏଜିଏ ସର୍ବେଶ୍ୱର ବେହେରା ଯୁକ୍ତି ରଖି କହିଥିଲେ ଯେ, ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ଦୃଷ୍ଟିରୁ ପ୍ରଶାଦସନ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରିବାର ଆବଶ୍ୟକତା ରହିଛି। ଏହି ଡିଜେର ବିକଟାଳ ଗର୍ଜନ ପାଇଁ ବୟସାଧିକ ବ୍ୟକ୍ତି ଏବଂ ଅସୁସ୍ଥ ବ୍ୟକ୍ତିମାନେ ବହୁ ସମସ୍ୟାର ସାମ୍ନା କରୁଛନ୍ତି । ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ଡିଜେ ବଜାଇବା ପାଇଁ ପ୍ରଶାସନ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ଅଙ୍ଗନ ଉତ୍ସବ' ପ୍ରସ୍ତୁତିର ସମୀକ୍ଷା କଲେ ଉପ-ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, (ସବ୍ୟୁ): ଆସନ୍ତା ୨୭ ରୁ ୨୯, ୨୦୨୬ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ଆୟୋଜିତ ହେବାକୁ ଥିବା 'ଅଙ୍ଗନ ଉତ୍ସବ'ର ପ୍ରସ୍ତୁତି ନେଇ ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭିକ ଶିଶୁ ଯତ୍ନ, ପୋଷଣ, ସ୍ୱାସ୍ଥ୍ୟ ଏବଂ ସମୁଦାୟର ସହଭାଗିତାକୁ ସୁଦୃଢ଼ କରିବାରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଏହି ତିନିଦିନିଆ ଉତ୍ସବର କାର୍ଯ୍ୟକାରିତା, ପ୍ରଭାବୀ ସମନ୍ୱୟ ଏବଂ ବ୍ୟାପକ ପ୍ରସ୍ତୁତି ଉପରେ ଏହି ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା। ପ୍ରସ୍ତୁତିର ସମୀକ୍ଷା କରି ଶ୍ରୀମତୀ ପ୍ରଭାତୀ ପରିଡ଼ା ସମସ୍ତ ଅଂଶୀଦାରମାନଙ୍କର ସକ୍ରିୟ ସହଭାଗିତାରେ ଏହି ଉତ୍ସବକୁ ଅର୍ଥପୂର୍ଣ୍ଣ, ସମାବେଶୀ ଏବଂ ଜନକେନ୍ଦ୍ରିକ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାରେ ଏହି ଉତ୍ସବର ସଫଳ ଆୟୋଜନ ପାଇଁ ପ୍ରସ୍ତାବିତ କାର୍ଯ୍ୟକ୍ରମ, ବ୍ୟବସ୍ଥା ଏବଂ ସମନ୍ୱୟ ପ୍ରକ୍ରିୟାର ମଧ୍ୟ ସମୀକ୍ଷା କରିଥିଲେ। ତୃଣମୂଳ ସ୍ତରରେ ଯୋଜନାବଦ୍ଧ କାର୍ଯ୍ୟକ୍ରମଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ଏବଂ ଅଧିକରୁ ଅଧିକ ଜନସାଧାରଣଙ୍କ ସମ୍ପୃକ୍ତି ସୁନିଶ୍ଚିତ କରିବାକୁ ସେ ଅଫିସରମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ଶାସନ ସଚିବ ଡ. ମୃଣାଳିନୀ ଦର୍ଶାଲ, ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ଶ୍ରୀମତୀ ମୋନୀଷା ବାନାର୍ଜୀଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ସମ୍ଭାବ୍ୟ ଲଗାଣ ବର୍ଷା ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମୀକ୍ଷା

# ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଣ ଉପରେ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ



ଭୁବନେଶ୍ୱର, (ସବ୍ୟୁ): ସମ୍ଭାବ୍ୟ ଲଗାଣ ବର୍ଷା ସଫଳ ମୁକାବିଲା ସମୟରେ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନେଇ ଆଜି ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମ୍ଭାବ୍ୟ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା, ଔଷଧ ଓ ଆବଶ୍ୟକୀୟ ଚିକିତ୍ସା ସାମଗ୍ରୀର ଉପଲବ୍ଧତା, ଆମ୍ବୁଲାନ୍ସ ବ୍ୟବସ୍ଥା ଏବଂ ହସ୍ପିଟାଲଗୁଡ଼ିକର ପ୍ରସ୍ତୁତି ଆଦି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ଡା. ମହାଲିଙ୍ଗ ସମସ୍ତ ଜିଲ୍ଲାରେ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ସତର୍କ ଓ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ କହିଥିଲେ। ଲଗାଣ ବର୍ଷା ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ଚିକିତ୍ସାସେବା ତୁରନ୍ତ ଉପଲବ୍ଧ କରାଇବା ସହ ହସ୍ପିଟାଲଗୁଡ଼ିକରେ ଆବଶ୍ୟକ ପ୍ରସ୍ତୁତି ଓ ସମ୍ପଦ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଜନସାଧାରଣଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରତି ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ସେ ସମ୍ଭାବ୍ୟ ଲଗାଣ ବର୍ଷାକୁ ନେଇ ଜନସାଧାରଣ ଭୟଭୀତ ନହୋଇ ସତର୍କ ରହିବା ସହ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ସେ ଅନୁରୋଧ କରିଛନ୍ତି । ଏହି ଆଭାସୀ ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ସଚିବ ଆସ୍ୱତି ଏସ., ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼. ରବୀନ୍ଦ୍ର ନାଥ ମିଶ୍ର , ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ମହେଶ ମୋହନ ପଣ୍ଡା , ଡିଏମଇଟି ଦୁର୍ଗା ମାଧବ ଶତପଥୀ , ସମସ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ତଥା ସମସ୍ତ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

## ଚେକ୍ ବାଉନ୍ସ ମାମଲାରେ ବ୍ୟବସାୟୀଙ୍କୁ ୬ମାସ ଜେଲ୍

ବାରିପଦା, (ସବ୍ୟୁ): ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଶୁଭ୍ରାଂଶୁ ଠାକୁର ଅଭିଯୁକ୍ତ ନୀଳକଣ୍ଠ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୬ମାସ କାରାଦଣ୍ଡ ଆଦେଶ ଶୁଣାଇବା ସହ ୪ଲକ୍ଷଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ଏକମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢୀ ମାମଲା ପରିଚାଳନା କରିଥିଲେ । ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଗୋଁସାଇପାଳ ଗ୍ରାମର ନୀଳକଣ୍ଠ ସାହୁ ବ୍ୟବସାୟ ପାଇଁ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସାରସକଣା ଶାଖାରୁ ୨ଲକ୍ଷଟଙ୍କା ଋଣ ନେଇଥିଲେ । ଏହି ଋଣ ପରିଶୋଧ ପାଇଁ ସେ ୨ଲକ୍ଷ ୯୪ହଜାର ୩୬୮ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ । ଚେକଟି ବାଉନ୍ସ ହୋଇଯିବାରୁ ସାରସକଣା ଶାଖାର ମ୍ୟାନେଜର ପରିଚାଳିକା ଏକ ମାମଲା ଜେଏମ୍ଏଫ୍ସି ପ୍ରଥମ ଶ୍ରେଣୀଙ୍କ କୋର୍ଟରେ ଆଇ.ସି.ସି. ନମ୍ବର-୪/୧୫/୨୦୨୪ରେ ଦାୟର କରିଥିଲେ । ସାକ୍ଷୀ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

## କଳିଙ୍ଗା ଘାଟିରେ ଲାଗିବ ବ୍ୟାରିକେଡ୍

### ସମ୍ଭାବ୍ୟ ବର୍ଷା ଓ ବାତ୍ୟାକୁ ଦୃଷ୍ଟିରେ ଯାତାୟତ କଟକଣା

ଭଂଜନଗର, (ସବ୍ୟୁ) : କଳିଙ୍ଗା ଘାଟିରେ ଲାଗିବ ବ୍ୟାରିକେଡ୍ । ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି, ଆସନ୍ତା ୨୩ ଓ ୨୪ ତାରିଖ ଦୁଇଦିନ ପାଇଁ କଳିଙ୍ଗା ଘାଟିରେ ଯାନବାହାନ ଚଳାଚଳ ଉପରେ ଲାଗିବ କଟକଣା । ଏନେଇ ଗଂଜାମ ଆରକ୍ଷୀ ଅଧିକ୍ଷକ, ଭଂଜନଗର - ଆଞ୍ଚଳିକ ପରିବହନ ଅଧିକାରୀ, ଜାତୀୟ ରାଜପଥ - ଅଧିକ୍ଷଣ ଯନ୍ତ୍ରୀ ଏବଂ ସ୍ଥାନୀୟ ପ୍ରଶାସନକୁ ଚିଠି କରିଛନ୍ତି ଗଂଜାମ ଜିଲ୍ଲାପାଳ କୀର୍ତ୍ତି ଭାଷନ୍ ଭି. । ଗତବର୍ଷ ସେପେଟମ୍ବର ମାସ ୧୬ ତାରିଖରେ କଳିଙ୍ଗା ଘାଟିରେ ପାହାଡ ରହିବା ପରେ, ଏବେବି ସଂପୃକ୍ତ ଘାଟିରେ ବିପଦ ଆଶଙ୍କା ରହିଛି ।ସେହି ଦୃଷ୍ଟିରୁ ଚଳିତ ଥର ଜନସାଧାରଣଙ୍କ ସୁରକ୍ଷାକୁ ଆଖି ଆଗରେ ରଖି, ଗଂଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତା ଜାରି କରାଯାଇଛି ।

### ଓଡ଼ିଶା ସରକାର-"ସେଲ୍କୋ" ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

# ସମୃଦ୍ଧି, ସୁସ୍ଥତା ଏବଂ ସମାନତା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ): ଦକ୍ଷିଣ ଓଡ଼ିଶାରେ ସମାବେଶୀ ଓ ସ୍ଥାୟୀ ବିକାଶକୁ ଆହୁରି ସୁଦୃଢ଼ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର ଏବଂ "ସେଲ୍କୋ" ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ବିଭାଗର କମିଶନର-ତଥା ଶାସନ ସଚିବ ଶ୍ରୀ ଗିରୀଶ ଏସ୍.ଏନ୍. ଏବଂ "ସେଲ୍କୋ" ଫାଉଣ୍ଡେସନ୍‌ର ମୁଖ୍ୟ ଫାଇନାନ୍ସ ଅଧିକାରୀ ଶ୍ରୀ ଭି.କେ. ଜୋବି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ଏହି ସହଯୋଗ କାର୍ଯ୍ୟକାରୀ ହେବ । ସ୍ଥାୟୀ ଜୀବିକା ଓ ସ୍ଥାନୀୟ ଅର୍ଥନୈତିକ ବିକାଶ, ସ୍ୱାସ୍ଥ୍ୟ ଓ ପୁଷ୍ଟି, ସ୍ୱଚ୍ଛ ଶକ୍ତି, ଜଳବାୟୁ ସହନଶୀଳ ବିକାଶ, ଆଦିବାସୀ ଜ୍ଞାନ ଓ ନବସୃଜନ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗିତା ଭଳି କ୍ଷେତ୍ରରେ ମିଳିତ ଭାବେ ପଦକ୍ଷେପ ନିଆଯିବ ।




ଏହି ସହଯୋଗରେ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ସହ ଜିଲ୍ଲା ପ୍ରଶାସନର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯିବ । ବିଦ୍ୟମାନ ସରକାରୀ ଯୋଜନା ଓ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପ୍ରଯୁକ୍ତି, ବୈଷୟିକ ଜ୍ଞାନ, ନବସୃଜନ ଓ କ୍ଷମତା ବିକାଶର ଉପଯୋଗ କରାଯିବ । କୃଷକ, ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ, ଯୁବବର୍ଗ, କାରିଗର, ଆଦିବାସୀ ସମୁଦାୟ, ଦିବ୍ୟାଙ୍ଗ ଏବଂ ଗ୍ରାମୀଣ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ଜୀବିକା ଓ ଉଦ୍ୟୋଗିତାକୁ ବଜାର ସଂଯୋଗ, ପ୍ରଯୁକ୍ତି ଓ ଦକ୍ଷତା ବିକାଶ ମାଧ୍ୟମରେ ସୁଦୃଢ଼ କରାଯିବ । ଏହି ବୁଝାମଣାପତ୍ର ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବ । ନିର୍ଦ୍ଦିଷ୍ଟ ପ୍ରକଳ୍ପ ଓ ପଦକ୍ଷେପର ଆବଶ୍ୟକତା ଅନୁଯାୟୀ ପୃଥକ ଯୋଜନା ଓ ବ୍ୟବସ୍ଥା ମାଧ୍ୟମରେ ସହଯୋଗକୁ ଆଗକୁ ନିଆଯିବ । ସମୁଦାୟର ଅଂଶଗ୍ରହଣ, ପ୍ରଯୁକ୍ତି, ନବସୃଜନ ଓ ବୈଷୟିକ ଜ୍ଞାନକୁ ସମନ୍ୱିତ କରି ଦକ୍ଷିଣ ଓଡ଼ିଶାରେ ବିକାଶର ନୂଆ ସୁଯୋଗ ସୃଷ୍ଟି କରିବା ଏହି ସହଯୋଗର ମୁଖ୍ୟ ଲକ୍ଷ୍ୟ ।

ବୈଠକରେ ନୀତି ଆୟୋଗର ପ୍ରାକ୍ତନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ବି.ଭି.ଆର, ଶୁଭ୍ରମନ୍ୟମ୍ ଏବଂ ସେଲ୍କୋ ଫାଉଣ୍ଡେସନର କର୍ତ୍ତୃପକ୍ଷ ଶ୍ରୀ ହରିଶ୍ ହାଣ୍ଡେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପାଇଁ ଆମର ପ୍ରମୁଖ ୩ଟି ସ୍ତମ୍ଭ ରହିଛି । ତାହା ହେଲା ସମୃଦ୍ଧି, ସୁସ୍ଥତା ଏବଂ ସମାନତା । ଏହି ପରିପ୍ରେକ୍ଷୀରେ ଆଜିର ସ୍ୱାକ୍ଷର ହୋଇଥିବା ବୁଝାମଣାପତ୍ର ଦକ୍ଷିଣ ଓଡ଼ିଶାର ଉପରୋକ୍ତ ଜିଲ୍ଲାଗୁଡ଼ିକରେ ସମାବେଶୀ ଓ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ସ୍ୱାକ୍ଷରିତ ବୁଝାମଣାପତ୍ର ଦକ୍ଷିଣ ଓଡ଼ିଶାର ଉପରୋକ୍ତ ଜିଲ୍ଲାଗୁଡ଼ିକରେ ସମାବେଶୀ ଓ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଏହି ଲକ୍ଷ୍ୟ ପୂରଣରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବୁଝାମଣାପତ୍ର ଅନୁଯାୟୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ପ୍ରତି ମାସରେ ସମୀକ୍ଷା କରାଯିବ । ଏଥିସହିତ, ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ବର୍ଷକୁ ଦୁଇଥର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।



### ବଡ଼ଶଙ୍ଖ ବଜାରରେ ଦାଦାବଟି ଆଦାୟ ଅଭିଯୋଗ

# ଛୁରି ଦେଖାଇ ଦୋକାନୀଙ୍କୁ ଧମକ, ୩ ଗିରଫ

ପୁରୀ, (ସବ୍ୟୁ): ପୁରୀ ବଡ଼ଶଙ୍ଖ ବଜାରରେ ଦୋକାନୀମାନଙ୍କୁ ଛୁରି ଦେଖାଇ ଭୟଭୀତ କରି ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନରେନ୍ଦ୍ରକୋଣ ମଙ୍ଗଳାସାହିର ନଖିଆ ଓରଫ ଲକ୍ଷ୍ମୀଧର ନାୟକ (୨୩), ଖାକିମଠନୁଆସାହିର ଗୋଧିକାଲିଆ ଓରଫ ଜଗନ୍ନାଥ ରାଉତ (୩୫) ଏବଂ ଗୁଡୁ ଓରଫ ଲୋକନାଥ ଦାସ (୨୯)। ରବିବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ତିନିଜଣ ବଡ଼ଶଙ୍ଖ ବଜାରରେ ଦୋକାନୀମାନଙ୍କୁ ଛୁରି ଦେଖାଇ ଜୀବନରୁ ମାରିଦେବାର ଧମକ ଦେଇ ଦାଦାବଟି ଆଦାୟ କରୁଥିବା ନେଇ କୁମ୍ଭାରପଡ଼ା ଥାନା ପୁଲିସକୁ ସୂଚନା ମିଳିଥିଲା। ଆଇଆଇସିଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ଜେ.କେ. ମାଲିଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତିନିଜଣଙ୍କୁ କାବୁ କରିଥିଲା।

ତଲାସୀ ବେଳେ ନଖିଆ ନିକଟରୁ ଏକ କିଚେନ୍ ଛୁରି ଏବଂ ଗୋଧିକାଲିଆ ନିକଟରୁ ୫୦୦ ଟଙ୍କା ଜବତ ହୋଇଥିବା ପୁଲିସ କହିଛି।



ପଚରାଉଚରା ସମୟରେ ସେମାନେ ଦୋକାନୀମାନଙ୍କଠାରୁ ଦାଦାବଟି ଆଦାୟ କରୁଥିବା ସ୍ୱୀକାର କରିଥିବା ପ୍ରେସ୍ ନୋଟ୍‌ରେ ଦର୍ଶାଯାଇଛି। ଏହି ଘଟଣାରେ କୁମ୍ଭାରପଡ଼ା ଥାନାରେ କେସ୍ ନମ୍ବର ୪୮୫/୨୦୨୬ରେ ବିଏନ୍ଏସ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଗିରଫ ୩ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ କୁମ୍ଭାରପଡ଼ା ଥାନା ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ ପ୍ରେସ୍ ନୋଟ୍‌ରେ ଉଲ୍ଲେଖ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ଆଜି ପୁରୀ ଏସ୍‌ଡିଜେଏମ୍‌ଙ୍କ ଅଦାଲତକୁ ପଠାଯାଇଛି।

### ଶିବାଙ୍ଗୀଙ୍କୁ ମିଳିଲା ତ୍ୱରିତ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହାୟତା

# ଏମ୍ସ ଭୁବନେଶ୍ୱରରେ ହେଲା ହାତର ଅସ୍ତ୍ରୋପଚାର

ଭୁବନେଶ୍ୱର, (ସବ୍ୟୁ) : ଦିବ୍ୟାଙ୍ଗ ଶିଶୁ ଶିବାଙ୍ଗୀବୈଷ୍ଣବୀ ନାୟକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯାଇଛି । ତାଙ୍କ ଅସୁବିଧା କଥା ଜାଣି ଶିବାଙ୍ଗୀଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ଶିବାଙ୍ଗୀଙ୍କ ଆବଶ୍ୟକ ଚିକିତ୍ସା ସୁନିଶ୍ଚିତ କରାଯାଇଥିଲା । ଏମ୍ସ ଭୁବନେଶ୍ୱରରେ ତାଙ୍କ ହାତର ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି । ତାଙ୍କର ଚିକିତ୍ସା ଓ ଅସ୍ତ୍ରୋପଚାର ବ୍ୟବସ୍ଥା କରାଯାଇଥିବା ସହ ହସ୍ପିଟାଲରେ ତାଙ୍କ ଚିକିତ୍ସା ସୁଚାରୁ ଭାବେ ଚାଲିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଛି । ମାଇକ୍ରୋବ୍ଲୋଗିଙ୍ଗ ସାଇଟ ଏକ୍ସରେ ଦେବୀପ୍ରସାଦ ନାମକ ଜଣେୟୁଜର ଏ ବାବଦରେ ଜଣାଇବା ପରେ ମାନ୍ୟବର ମନ୍ତ୍ରୀ ଅସ୍ତ୍ରୋପଚାର ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଶିବାଙ୍ଗୀଙ୍କ ସଓାସ୍ଥ୍ୟ ଓ କଲ୍ୟାଣ ପ୍ରତି ମନ୍ତ୍ରୀ ଡା. ମହାଲିଙ୍ଗଙ୍କ ସହାୟତା ନିରନ୍ତର ରହିଛି । ୨୦୨୫ ମସିହାରେ ମଧ୍ୟ ତାଙ୍କ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେବା ସହ ଶିବାଙ୍ଗୀଙ୍କୁ ଏକ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯିବାରେ ସହଯୋଗ କରାଯାଇଥିଲା । ଶିବାଙ୍ଗୀଙ୍କ ଚିକିତ୍ସା ଓ ଆବଶ୍ୟକ ସହାୟତା ପାଇଁ ତ୍ୱରିତ ପଦକ୍ଷେପ ନେଇଥିବାରୁ ମନ୍ତ୍ରୀ ଡା. ମହାଲିଙ୍ଗଙ୍କୁ ଶିବାଙ୍ଗୀଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି ।

### ଏମଏମଡ଼ିଆର୍ ଆଇନ(ସଂଶୋଧିତ) ପ୍ରତ୍ୟାହାର ଦାବିରେ

# ଇଣ୍ଡିଆ ମେଣ୍ଟର ରଣହୁଙ୍କାର

ରାୟଗଡ଼ା,(ସବ୍ୟୁ) : ଓଡ଼ିଶା ଭଳି ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟ ପାଇଁ ଏମଏମଡ଼ିଆର୍ ଆଇନ(ସଂଶୋଧନ) ଏକ ପ୍ରତିବନ୍ଧକ । ରୟାଲଟି କୌଣସି ଟିକସ ନୁହେଁ, ବରଂ ରାଜ୍ୟର ମାଟିତଳେ ଥିବା ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ସହ ଜଡ଼ିତ ଏକ ଆୟ । ଏହି ଆଇନ ମାଧ୍ୟମରେ ରାଜ୍ୟଗୁଡ଼ିକୁ ଖଣିଜ ସମ୍ପଦ ଉପରେ ଥିବା ଅଧିକାରରୁ ବଞ୍ଚିତ କରିବାକୁ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ । ରାୟଗଡ଼ା ସହରର ତେଜସ୍ୱୀ ସମ୍ମୁଖ ପଡ଼ିଆରେ ଇଣ୍ଡିଆ ମେଣ୍ଟର ଆୟୋଜିତ ପରିବର୍ତ୍ତନ ରାଲି ଓ ସାଧାରଣ ସଭାରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଏଭଳି ମତବ୍ୟକ୍ତ କରିଛନ୍ତି । ଶ୍ରୀ ଦାସ କହିଲେ ଯେ, ରାଜ୍ୟରେ ମହଜୁଦ ଥିବା ଖଣିଜ ସମ୍ପଦ ଏଠାକାର ଜନସାଧାରଣଙ୍କର । ଖଣିଜ ସମ୍ପଦକୁ ନେଇ ବିକାଶ ଓ ନିୟମାବଳୀ ସଂଶୋଧନ ଆଇନ, ୨୦୨୬ ଯୋଗୁଁ ଓଡ଼ିଶା ବ୍ୟାପକ କ୍ଷତିର ସମ୍ମୁଖୀନ ହେବ । ଏହାଦ୍ୱାରା ସାଧାରଣ ଲୋକେ କିଛି ପାଇବେ ନାହିଁ । ଖଣିଜ ସମ୍ପଦ ବଦଳରେ ମିଳୁଥିବା ରୟାଲଟିରୁ ଲୋକଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆଣିବା ସରକାରଙ୍କ ଦାୟିତ୍ୱ ନୁହେଁ କି ବୋଲି ସେ ପ୍ରଶ୍ନ କରିଥିଲେ । ଓଡ଼ିଶାକୁ ଜାଗ୍ରତ କରିବା ପାଇଁ କଂଗ୍ରେସ ଏହି ଆନ୍ଦୋଳନ ଆରମ୍ଭ କରିଛି । କଂଗ୍ରେସ ଏବେ ଶାସନରେ ନାହିଁ । ତେଣୁ ବିରୋଧୀ ଦଳରେ ରହି ସବୁକିଛି କରିବା ସମ୍ଭବ ହେଉନାହିଁ । ଦଳ ଶାସନକୁ ଆସିଲେ ଗୋଟିଏ ନିର୍ଦ୍ଦେଶରେ ସମସ୍ତ ଖଣି ବନ୍ଦ କରିଦିଆଯିବ ବୋଲି ଭକ୍ତ କହିଥିଲେ । ଏଥିସହ ବଂଶଧାରା




ଜଳ ବିବାଦ ପ୍ରସଙ୍ଗ ଉଠାଇ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ଲୋକଙ୍କ ଗାଁ ଦେଇ ପ୍ରବାହିତ ହେଉଥିବା ବଂଶଧାରା ନଦୀର ଜଳ ଉପରେ ରାଜ୍ୟ ସରକାର ନିଜର ଅଧିକାର ସାବ୍ୟସ୍ତ କରିପାରୁନାହାନ୍ତି ବୋଲି ସେ କହିଥିଲେ । ଶିକ୍ଷା ବ୍ୟବସ୍ଥାର ତ୍ରୁଟି ଦର୍ଶାଇବା ସହ ପାଠ୍ୟପୁସ୍ତକରେ ରହିଥିବା ତ୍ରୁଟି ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଥିଲେ । ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଜାରି ରହିବ ବୋଲି ସେ ଘୋଷଣା କରିଥିଲେ । ପୂର୍ବାହ୍ନ ୧୧ଟାରେ ରାୟଗଡ଼ା ବସ୍‌ଷ୍ଟାଣ୍ଡ ଛକସ୍ଥିତ ଡ. ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ଓ ସହଯୋଗୀ ଦଳର ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ତେଜସ୍ୱୀ ସମ୍ମୁଖ ପଡ଼ିଆରେ ପହଞ୍ଚିଥିଲେ । ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ସ୍ୱାଗତ ଭାଷଣ ଦେଇ ଏମଏମଡ଼ିଆର୍ ବିଲ ସଂଶୋଧନକୁ

### ଏମ୍ଏମ୍‌ଡ଼ିଆର୍ ସଂଶୋଧିତ ବିଲ ଆଦିବାସୀ ବିରୋଧୀ : ସପ୍ତଗିରି

ଆଦିବାସୀ ବିରୋଧୀ ବିଲ ବୋଲି ଅଭିହିତ କରିଥିଲେ । ଏହା ଓଡ଼ିଶା ପ୍ରତି ଅନ୍ୟାୟ ବୋଲି ଦର୍ଶାଇ ସେ ଏହାର ପ୍ରତ୍ୟାହାର ପାଇଁ ସରକାର ଆଗଭର ହେବା ଆବଶ୍ୟକ ବୋଲି କହିଥିଲେ । ନଚେତି ସାମ୍ବିଧାନିକ ପଦ୍ଧତିରେ ଲଢ଼େଇ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ । ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିର ପ୍ରଭାରୀ ଦାୟିତ୍ୱରେ ଥିବା ଲାଲାଜି ଦେଶାଇ ଯୋଗଦେଇ କହିଥିଲେ, ରାୟଗଡ଼ା ଜିଲାର କୁଡ଼ିଆରେ ରହୁଥିବା ଗରିବ ଲୋକ ହୁଅନ୍ତୁ କି ପୁଞ୍ଜିପତି, ସମସ୍ତଙ୍କ ଅଧିକାର ସମାନ । ଗଣତାନ୍ତ୍ରିକ ମତଦାନ ପ୍ରକ୍ରିୟାରେ ଲୋକେ ନିର୍ବାଚନ ପରେ ନିଜ ଗାଁ, ଜିଲ୍ଲା, ରାଜ୍ୟ ଓ ଦେଶର ବିକାଶ ଆଶା କରିଥାନ୍ତି । କିନ୍ତୁ ଖଣିଜ ସମ୍ପଦରେ ସମୃଦ୍ଧ ରାୟଗଡ଼ା ଜିଲ୍ଲା ଏଠାକାର ଲୋକଙ୍କ ପାଇଁ ଅଭିଶାପ ପାଲଟିଛି ବୋଲି ସେ କହିଥିଲେ । ସଭାରେ ରାଜ୍ୟ ପ୍ରଭାରୀ ଟି. କୁସୁମ କୁମାର, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସଭାପତି ଜୟଦେବ ଜେନା, ଶରତ ପଟ୍ଟନାୟକ, ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ବିଧାୟକ ତଥା ରାୟଗଡ଼ା ଜିଲ୍ଲା ସଭାପତି କାଡ୍ରାକା ଆପାଲାସ୍ୱାମୀ, ବିଧାୟକ ନୀଳମାଧବ ହିକକା, ସତ୍ୟଜିତ ଗମାଙ୍ଗ, ପବିତ୍ର ସାଉଁତା, ମଙ୍ଗୁ ଖିଲ, ଲକ୍ଷ୍ମଣ ମୁଣ୍ଡା, ପ୍ରଦେଶ କଂଗ୍ରେସ କମିଟି ଉପସଭାପତି କୃଷ୍ଣ ଶଗରିଆ, ସିପିଆଇ (ଏମଏଲ)ର ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ସିପିଏମ ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ପ୍ରମୁଖ ଯୋଗଦେଇ ଏମଏମ୍ଆର୍ ଆଇନ ପ୍ରତ୍ୟାହାର ଦାବି କରିଥିଲେ । ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଜରିଆରେ ସିସିସି ସଭାପତି, ରାଜ୍ୟ ପ୍ରଭାରୀ, କେନ୍ଦ୍ର ନେତା, ସାଂସଦ, ପୂର୍ବତନ ପିସିସି ଏବଂ ସମସ୍ତ ବିଧାୟକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବି ପୂରଣ ନ ହେଲେ ଆସନ୍ତା ୨୯ ତାରିଖରେ ବିଧାନସଭା ଭିତରେ ଓ ବାହାରେ ଆନ୍ଦୋଳନ କରାଯିବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ରାଜ୍ୟ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା ସଞ୍ଚାଳନ କରିଥିବା ବେଳେ ବିଧାୟକ ମଙ୍ଗୁ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

# ଡିସେମ୍ବରରେ ସାମ୍ବାଦିକଙ୍କ ରାଜ୍ୟବ୍ୟାପୀ ଆନ୍ଦୋଳନ ନିଷ୍ପତ୍ତି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ସର୍ବ ପୁରାତନ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଦିନ ଭୁବନେଶ୍ୱର ସ୍ଥିତ ସଂଘର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସରକାର ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ଅଣଦେଖାକୁ ଅବ୍ୟାହତ ରଖିଲେ ବିଧାନ ସଭାର ଆସନ୍ତା ଶୀତକାଳିନ ଅଧିବେଶନ ସମୟରେ ରାଜଧାନୀ ସମେତ ରାଜ୍ୟବ୍ୟାପୀ ବ୍ୟାପକ ଆନ୍ଦୋଳନ କରାଯିବା ପାଇଁ ଘୋଷଣା କରାଯାଇଥିଲା । ତେବେ ଆନ୍ଦୋଳନ ପୂର୍ବରୁ ଶେଷଥର ପାଇଁ ସରକାରଙ୍କ ସହ ଏଥସମ୍ପର୍କରେ ଆଲୋଚନା କରାଯିବାକୁ ସଭାପତି ଶ୍ରୀ କରଙ୍କ ପ୍ରସ୍ତାବକୁ ବୈଠକରେ ଗୃହୀତ କରାଯଇଥିଲା । ବିଶେଷକରି ବରିଷ୍ଠ ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ନିର୍ଭରଶୀଳ ସନ୍ତାନ ମାନଙ୍କୁ ସାମିଲ ସହିତ ବିମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି । ଅଧିସ୍ୱୀକୃତି କମିଟିର ପୁନଃଗଠନ ସହ ରାଜ୍ୟ ଠାରୁ ଜିଲ୍ଲା ଓ ବ୍ଲକ ସ୍ତର ପର୍ଯ୍ୟନ୍ତ ସାମ୍ବାଦିକ ମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ,ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଇତ୍ୟାଦି ଦାବି ଗୁଡିକ ପୁରଣ ପାଇଁ ଇତ୍ୟବସରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିସହ ସାଙ୍ଗଠନିକ ଦୃଢତା ପାଇଁ ସଭ୍ୟପଦ ନବୀକରଣ ପରେ ଚଳିତ ବର୍ଷ ଶେଷସୁଦ୍ଧା ସଂଘର ସାଧାରଣ ନିର୍ବାଚନ ପ୍ରକ୍ରିୟା ଶେଷ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଏଥିରେ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ,ପୂର୍ଣ୍ଣଚନ୍ଦ୍ର ନାୟକ,ଉପସଭାପତି ଡ ରଶ୍ମୀରଞ୍ଜନ ମିଶ୍ର, ସତ୍ୟନାରାୟଣ ମିଶ୍ର,ଉପଦେଷ୍ଟା ବିପିନ ସିଂ,ବିମଳଭଞ୍ଜଦେଓ, ଦିଲ୍ଲୀପ ବିଶୋୟି,ରମେଶ ମହାନ୍ତି ,ବଙ୍କିମ ନାୟକ,ପ୍ରକାଶଚନ୍ଦ୍ର ମିଶ୍ର,ପବିତ୍ର ମହାରଥା,ପ୍ରଶନ୍ନକୁମାର ତ୍ରିପାଠୀ,ଆଇନ ପରାମର୍ଶଦାତା ପ୍ରଶାନ୍ତ ସାହୁ,ଜିଲ୍ଲା ସଭାପତି ସର୍ବଶ୍ରୀ ପ୍ରତାପ ପ୍ରଧାନ,ସନ୍ତୋସ ଦାଶ,ଦ୍ୱିଜେନ ପାଢୀ,ସୁରେଶ ଦାଶ, ରାଜୀବଲୋଚନ ଦାସ,ପ୍ରଦୀପ ନାୟକ,ଲୋକନାଥ ଦଳେଇ,ଦେବାଶିଷ ପୁରୋହିତ,ବିରଞ୍ଚି ପଟ୍ଟନାୟକ,ସନ୍ତୋଷ ପାଣିଗ୍ରାହୀ,ଅଶୋକ ମିଶ୍ର, ହିମାଂଶୁ ନାୟକ, ପ୍ରଦୀପ ମହାପାତ୍ର, ଅପୁର୍ବ ବେହେରା,ପବିତ୍ର ମହାନ୍ତି,ମାନସ କାନୁନଗୋ,ମଦନ ପାଣି, ମନୋଜ ପ୍ରଧାନ,ରାଧାକାନ୍ତ ମିଶ୍ର,ଭରତ ବେହେରା ପ୍ରମୁଖ ପ୍ରସ୍ତାବିତ ବିଷୟ ଉପରେ ଆଲୋଚନା କରି ଆଗାମୀ ଆନ୍ଦୋଳନକୁ ଶାଣିତ କରିବା ପାଇଁ ସଂକଳ୍ପ ନେଇଥିଲେ । ବୈଠକରେ ସଂଘର ଦିବଙ୍ଗତ ସଦସ୍ୟ ମାନଙ୍କ ପାଇଁ ନିରବ ପ୍ରାର୍ଥନା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।




### ଆକ୍ରମଣ ସହ ହତ୍ୟା ଧମକ, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଲାଠି ଗାଁରେ ଜଣେ ବ୍ୟକ୍ତିଙ୍କୁ ବାଉଁଶ ଠେଙ୍ଗାରେ ଆକ୍ରମଣ ଓ ପରେ ହତ୍ୟା ଧମକ ଦେବା ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ସମୀର ଦାସ ଓରଫ ବୁଲୁ ଦାସ (୩୮)ଙ୍କୁ ଗିରଫ କରିଛି । ଅପରାଧରେ ବ୍ୟବହୃତ ବାଉଁଶ ଠେଙ୍ଗାକୁ ପୋଲିସ ଜବତ କରିଛି । କେସ୍ ନଂ. ୫୭୫/୨୬ ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଗତ ୭ ତାରିଖ ସକାଳେ ଅଭିଯୋଗକାରୀ ହରିଜନ ସାହି ରାସ୍ତା ଦେଇ ଯାଉଥିବା ସମୟରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ସମୀର ତାଙ୍କୁ ବାଉଁଶ ଠେଙ୍ଗାରେ ଆକ୍ରମଣ କରିଥିଲା । ଆକ୍ରମଣରେ ତାଙ୍କ ବାମ କାନରେ ଗଭୀର ରକ୍ତାକ୍ତ ଆଘାତ ଲାଗିଥିଲା । ପରେ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା । ପୁଣିଥରେ ଉକ୍ତ ଅଭିଯୁକ୍ତ ୧୦ ତାରିଖ ସକାଳେ ଅଭିଯୋଗକାରୀଙ୍କ ଘର ନିକଟକୁ ଯାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା । ଘଟଣାର ତଦନ୍ତ କରି ପୋଲିସ ଆଜି ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି ।

# ସନ୍ଧ୍ୟାରାଣୀ ବିଶ୍ୱାଳଙ୍କ ବିୟୋଗରେ ଶଙ୍ଖ ଭବନରେ ବିଜେଡିର ଶୋକସଭା

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ସ୍ଥିତ ଶଙ୍ଖ ଭବନ ଠାରେ ବିଜୁ ମହିଳା ଜନତା ଦଳର ବରିଷ୍ଠ ଉପସଭାପତି ସନ୍ଧ୍ୟାରାଣୀ ବିଶ୍ୱାଳଙ୍କ ବିୟୋଗରେ ବିଜୁ ଜନତା ଦଳ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ସଂଗଠନ ପ୍ରତି ତାଙ୍କର ଅବଦାନ ଏବଂ ଜନସେବା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦଳୀୟ ନେତୃମଣ୍ଡଳୀ ମାନେ ଆଲୋକପାତ କରିଥିଲେ । ଏହି ଶୋକସଭାରେ ଡ଼ ଗୀତା ବସ୍ତିଆ ମଞ୍ଚ ପରିଚାଳନା କରିଥିଲେ । ବିଜେଡିର ବରିଷ୍ଠ ଉପସଭାପତି ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ ଯେ, ସ୍ୱର୍ଗତ ସନ୍ଧ୍ୟାରାଣୀ ବିଶ୍ୱାଳ ଦୀର୍ଘ ସମୟ ଧରି ବିଜୁ ଜନତା ଦଳ ସହ ଜଡ଼ିତ ରହିଥିଲେ ଏବଂ ସେ ଜଣେ ନିଷ୍ଠାବାନ ଓ ଦକ୍ଷ ସଂଗଠକ ଥିଲେ । ଦଳୀୟ ସଂଗଠନ ପ୍ରତି ତାଙ୍କର ପ୍ରତିବଦ୍ଧତା ଏବଂ ଦଳୀୟ କର୍ମୀମାନଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ସର୍ବଦା ସ୍ମରଣୀୟ ହୋଇ ରହିବ । ତାଙ୍କର ଦେହାନ୍ତରେ ସେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ ।

ବିଜେଡିର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ସ୍ୱର୍ଗତ ସନ୍ଧ୍ୟାରାଣୀ ବିଶ୍ୱାଳ ଜଣେ ନିଷ୍ଠାବାନ କର୍ମୀ ଭାବେ ଆନ୍ତରିକତା ଓ ନିଷ୍ଠାର ସହ ସଂଗଠନ ପାଇଁ କାର୍ଯ୍ୟ କରିଥିଲେ । ଦଳୀୟ ସଂଗଠନକୁ ସୁଦୃଢ଼ କରିବାରେ, ବିଶେଷକରି ମହିଳା ସଂଗଠନ ସହ ତାଙ୍କର ସମ୍ପୃକ୍ତି ଓ ତାଙ୍କର ଅବଦାନ ସମ୍ମାନର ସହ ସ୍ମରଣ କରାଯିବ । ସେ ତାଙ୍କ ପରିବାର ପ୍ରତି ହୃଦୟରୁ ସମବେଦନା ଜଣାଇଥିଲେ । ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ସ୍ୱର୍ଗତ ସନ୍ଧ୍ୟାରାଣୀ ବିଶ୍ୱାଳଙ୍କର ଦଳ ସହ ଦୀର୍ଘ ଦିନର ସମ୍ପର୍କ ଏବଂ ସାଂଗଠନିକ କାର୍ଯ୍ୟ ପ୍ରତି ତାଙ୍କର ନିଷ୍ଠାକୁ ମନେ ପକାଇଥିଲେ । ସେ ଦଳୀୟ କର୍ମୀମାନଙ୍କ ସହ ଘନିଷ୍ଠ ସମ୍ପର୍କ ରଖିବା ସହ ସର୍ବଦା ଆନ୍ତରିକତା ଓ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଥିଲେ । ସହକର୍ମୀମାନଙ୍କ ସହ ତାଙ୍କର ସ୍ନେହପୂର୍ଣ୍ଣ ସମ୍ପର୍କ ଓ ଅବଦାନ ଆମ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବ ।

ପୂର୍ବତନ ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ସ୍ୱର୍ଗତ ସନ୍ଧ୍ୟାରାଣୀ ବିଶ୍ୱାଳଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ସେ ଜଣେ ନିଷ୍ଠାବାନ କର୍ମୀ ଥିଲେ ଓ ତୃଣମୂଳ ସ୍ତରର କର୍ମୀମାନଙ୍କ ସହ ସର୍ବଦା ଯୋଡ଼ି ହୋଇ ରହିଥିଲେ । ସେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଭଗବାନ ତାଙ୍କ ପରିବାରକୁ ଏ କଠିନ ସମୟରେ ସହାୟକ ହୁଅନ୍ତୁ ବୋଲି କହିଥିଲେ । ପୂର୍ବତନ ସାଂସଦ ଡ଼ ରାଜଶ୍ରୀ ମଲ୍ଲିକ କହିଥିଲେ ଯେ, ସ୍ୱର୍ଗତ ସନ୍ଧ୍ୟାରାଣୀ ବିଶ୍ୱାଳ ଦଳର ସଂଗଠନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ । ଦଳୀୟ କର୍ମୀମାନଙ୍କ ସହ ତାଙ୍କର ସମ୍ପର୍କକୁ ସ୍ମରଣ କରିବା ସହ ତାଙ୍କର ଅବଦାନ ଓ ଉପସ୍ଥିତିକୁ ଦଳୀୟ ପରିବାର ସର୍ବଦା ଅନୁଭବ କରିବ ବୋଲି କହିଥିଲେ । ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଦଳର ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିଥିଲେ । ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଶ୍ରୀମତୀ ସୁମିତ୍ରା ଜେନା, ସ୍ୱର୍ଗତ ସନ୍ଧ୍ୟାରାଣୀ ବିଶ୍ୱାଳଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କର ନିଷ୍ଠା, ସରଳତା ଏବଂ ସଂଗଠନ ପ୍ରତି ପ୍ରତିବଦ୍ଧତାକୁ ସ୍ମରଣ କରିଥିଲେ । ସେ କହିଥିଲେ ଯେ, ବିଜୁ ଜନତା ଦଳ ସହ ତାଙ୍କର ସମ୍ପର୍କ ଏବଂ ଦଳର ସାଂଗଠନିକ କାର୍ଯ୍ୟକଳାପରେ ତାଙ୍କର ଅବଦାନକୁ ସର୍ବଦା ସମ୍ମାନ ଓ ସ୍ନେହର ସହ ସ୍ମରଣ କରାଯିବ । ଏହି ଶୋକସଭାରେ ଇପ୍ସିତା ସାହୁ, ଡ଼ ଲେନିନ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ବିଜୟ ନାୟକ, ଅନନ୍ତ ନାରାୟଣ ଜେନା, ସୁରେନ୍ଦ୍ରନାଥ ମହାପାତ୍ର, ନାରାୟଣ ଜେନା, ସୁଲୋଚନା ଦାସ, କ୍ୟୁ ସୁଲତାନା, ସଞ୍ଜୁକ୍ତା ମହାନ୍ତି, ସ୍ନେହାଞ୍ଜଳି ମହାନ୍ତି, ପ୍ରୀତିନନ୍ଦା ରାଉତରାୟ, ଜ୍ୟୋତ୍ସ୍ନା ପରିଡ଼ା, ରାଣା ଗଡ଼ନାୟକ, ସ୍ୱର୍ଣ୍ଣଲତା ସାମଲ, ତିଲୋତ୍ତମା ଚୌଧୁରୀ, ମଧୁସ୍ମିତା ଦାଶ, ବାସନ୍ତୀ ସାହୁ, ଶାନ୍ତିଲତା ସାହୁ, ଲୋରା ମହାପାତ୍ର, ଭାରତୀ ସିଂହ, ସୁସ୍ମିତା ଦାସ, ଚିନ୍ମୟୀ ଦାସ, ସାଗରିକା ସ୍ୱାଇଁ, ମାନସୀ ସୁନ୍ଦରାୟ, ଇଲା ସ୍ୱାଇଁ, ସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୩ ଜିଲ୍ଲାର ୯୧୦ ଶ୍ରଦ୍ଧାଳୁ କଲେ ମହାପ୍ରଭୁଙ୍କ ଦର୍ଶନ

ପୁରୀ, (ସବ୍ୟୁ) : ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ରେ ୩ ଟି ଜିଲ୍ଲା ର ୯୧୦ ଶ୍ରଦ୍ଧାଳୁ ଓ ସହାୟକ ଙ୍କ ସହ ମୋଟ ୧୦୩୦ ଜଣ ଆଜି ମହାପ୍ରଭୁଙ୍କ ଦର୍ଶନ କରିଥିଲେ।କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ରୁ ଏହି ଶ୍ରଦ୍ଧାଳୁ ମାନେ ଆସିଥିଲେ। ପର୍ଯ୍ୟଟନ ବିଭାଗ ସହାୟତା ଓ ପୁରୀ ଜିଲ୍ଲା ପ୍ରଶାସନ ର ସହଯୋଗରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ରେ ଆସିଥିବା ଶ୍ରଦ୍ଧାଳୁ ମାନେ ବୃନ୍ଦାବତୀ ନିବାସ ଠାରେ ପହଞ୍ଚି ଥିଲେ।ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରଦ୍ଧାଳୁ ମାନଙ୍କ ସହ ଆଲୋଚନା କରିଥିଲେ।ଶ୍ରଦ୍ଧାଳୁ ମାନଙ୍କର ସମସ୍ତ ସୁବିଧା ସହ ରହିବା, ଖାଇବା, ଦର୍ଶନ କରିବାରେ କୌଣସି ସମସ୍ୟା ନ ରୁହେ ସେଥି ପ୍ରତି ଦାୟିତ୍ୱ ରେ ଥିବା ଅଧିକାରୀ ଓ କର୍ମଚାରୀ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଶ୍ରଦ୍ଧାଳୁ ମାନେ ପୁରୀ ରେ ପହଞ୍ଚିବା ପରେ ଜଳଖିଆ ଖାଇ ମନ୍ଦିର ଦର୍ଶନ କରି ମଧାହ୍ନ ରେ ମଧାହ୍ନ ଭୋଜନ ଖାଇ ବିଶ୍ରାମ ନେଇଥିଲେ।ପୁନଶ୍ଚ ଅପରାହ୍ନ ରେ ଚା,ବିସ୍କୁଟ ଇତ୍ୟାଦି ଜଳଖିଆ ଖାଇ ସଂଧାରେ ମହାପ୍ରସାଦ ସେବନ କରି ନିଜ ନିଜ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।ସମସ୍ତ ବ୍ୟବସ୍ଥା ସୁନ୍ଦର ଓ ଶୃଙ୍ଖଳିତ ହୋଇ ଥିବାରୁ ସେମାନେ ଜିଲ୍ଲାପାଳ ଓ ପ୍ରଶାସନ କୁ ଧନ୍ୟବାଦ ଜଣାଇଥିଲେ।କାର୍ଯ୍ୟକ୍ରମ ରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା,କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଓଏସଆରଟିସିର ମ୍ୟାନେଜର ତପସ୍ୱିନୀ ଭଞ୍ଜ,ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦେବସ୍ମିତା ମହାନ୍ତି, ରୂପେଶ ରାଉତ ପ୍ରମୁଖ ବୃନ୍ଦାବତୀ ନିବାସରେ ଉପସ୍ଥିତ ରହି ଶ୍ରଦ୍ଧାଳୁ ମାନଙ୍କୁ ସ୍ୱାଗତ କରିବା ସହ ମହାପ୍ରଭୁଙ୍କ ଦର୍ଶନ ର ବ୍ୟବସ୍ଥା କରାଇଥିଲେ।ଏହି ପର୍ଯ୍ୟାୟରେ ୧୩ ଟି ଜିଲ୍ଲାର ୧୦୫୩୫ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ର କାର୍ଯ୍ୟକ୍ରମ ରହିଛି।



### ସାପ କାମୁଡ଼ାରେ ଛାତ୍ରଙ୍କ ବିୟୋଗ

ନରସିଂହପୁର,(ସବ୍ୟୁ): ନରସିଂହପୁର ତହସିଲ ଅନ୍ତର୍ଗତ କାନପୁର ଥାନା ଗୋଡ଼ିବନ୍ଧ ଗ୍ରାମରେ ଏକ ଅତ୍ୟନ୍ତ ହୃଦୟବିଦାରକ ଘଟଣା ଘଟିଯାଇଛି ।ଏକ ବିଷାକ୍ତ ସାପ କାମୁଡ଼ାରେ ଗ୍ରାମର ରବି ନାରାୟଣ ନାୟକଙ୍କ ଏକମାତ୍ର ପୁତ୍ର ତଥା ଛାତ୍ର ରୁଦ୍ରପ୍ରସାଦ ନାୟକ (୧୫)ଙ୍କର ଅକାଳ ବୟୋଗ ହୋଇଛି । ସେ ଗୋଡ଼ିବନ୍ଧ ଅଚ୍ୟୁତାନନ୍ଦ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର ଭାବେ ଅଧ୍ୟୟନ କରିଥିଲେ ।ସୂଚନା ଅନୁଯାୟୀ ରବିବାର ରାତିରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା । ପରିବାର ଲୋକେ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନରସିଂହପୁର ଗୋଷ୍ଠୀ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ମାତ୍ର କଟକ ଯାଉଥିବା ବାଟରେ ରୁଦ୍ରଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡ଼ିଥିଲା । ପରିସ୍ଥିତିକୁ ଦେଖି ତୁରନ୍ତ ଚିକିତ୍ସା ପାଇଁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଏହାପରେ ଆଠଗଡ଼ ଡାକ୍ତରଖାନାରେ ଶବକୁ ବ୍ୟବଚ୍ଛେଦ କରାଯାଇ ପାର୍ଥିବ ଶରୀରକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ମୃତଦେହ ଗ୍ରାମରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।ତେବେ ରୁଦ୍ରଙ୍କ ମୃତ୍ୟୁ ପରେ ଉପଯୁକ୍ତ ଚିକିତ୍ସା ଅଭାବରୁ ତାଙ୍କ ସଓ୍ୱାସ୍ଥ୍ୟାବସ୍ଥା ଦ୍ରୁତ ଗତିରେ ବିଗିଡ଼ିବାକୁ ଲାଗିଥିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି ।ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ତଥା ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ନ୍ୟାୟରୁ ବଞ୍ଚିତଙ୍କ ସ୍ୱର ହୁଅନ୍ତୁ ଆଇନ ଛାତ୍ରଛାତ୍ରୀ : ଜଷ୍ଟିସ୍ ମହାପାତ୍ର

ଭୁବନେଶ୍ୱର (ସବ୍ୟୁ): ଆଇନର କ୍ଷେତ୍ର ଓ ପରିସର ଦିନକୁ ଦିନ ବ୍ୟାପକ ହେଉଥିବାରୁ ବର୍ତ୍ତମାନ ଆଇନ ଶିକ୍ଷା ପ୍ରତି ଆକର୍ଷଣ ବୃଦ୍ଧି ପାଇଛି ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର କହିଛନ୍ତି। "ଆଇନ ପେସା ଆପଣଙ୍କୁ ନ୍ୟାୟ ସପକ୍ଷରେ ଛିଡ଼ା ହେବା ଏବଂ ନ୍ୟାୟରୁ ବଂଚିତ ଲୋକଙ୍କ ନିମନ୍ତେ ସ୍ୱର ହେବାର ସୁଯୋଗ ପ୍ରଦାନ କରେ," ରବିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍ଏନ୍ଆଇଏଲ୍) ର୧୬ତମ ଅନୁସ୍ଥାପନ କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଜଷ୍ଟିସ୍ ମହାପାତ୍ର ଏହା କହିଥିଲେ। "ଆଇନର ଏହି ଅଦ୍ଭୁତ ଜଗତକୁ ଆପଣମାନଙ୍କୁ ସ୍ୱାଗତ," ବୋଲି କହିବା ସହ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ପାଂଚଟି ମୂଳମନ୍ତ୍ର ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଆଇନ କ୍ଷେତ୍ରରେ ସଫଳତା ପାଇଁ ନିଷ୍ଠା, ଧୈର୍ଯ୍ୟ ଓ ଦୃଢ଼ତା ସହିତ ଅଭ୍ୟାସ ଓ କାର୍ଯ୍ୟଦକ୍ଷତା ଆବଶ୍ୟକ। ଏହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ବିଶିଷ୍ଟ ଆଇନ ବିଶେଷଜ୍ଞ ଫାଲି ଏସ୍. ନାରିମାନଙ୍କ ଉକ୍ତିକୁ ଉଦ୍ଧୃତ କରି ଜଷ୍ଟିସ୍ ମହାପାତ୍ର କହିଥିଲେ ଯେ, ଥରେ ଆଇନର ଛାତ୍ର ହେଲେ ଜୀବନବ୍ୟାପୀ ଆଇନର ଛାତ୍ର ହୋଇ ରହିବାକୁ ପଡ଼ିଥାଏ। ଯେ କୌଣସି କ୍ଷେତ୍ରରେ ସଫଳତା ପାଇଁ ନିଷ୍ଠା ଓ ଆଗ୍ରହ ଆବଶ୍ୟକ ଏବଂ ଆଇନ ପେସା ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ ବୋଲି ସେ କହିଥିଲେ। ସମାଜ ଆଇନର ଶାସନ ଦ୍ୱାରା ପରିଚାଳିତ ହେଉଥିବାରୁ ଛାତ୍ରଛାତ୍ରୀମାନେ ଧୈର୍ଯ୍ୟର ସହ ଜ୍ଞାନ ଆହରଣ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଆଇନ ପେସାରେ ଆଗକୁ ବଢ଼ିବା ପାଇଁ ଦୃଢ଼ତା ଆବଶ୍ୟକ। ନିଜର ଦକ୍ଷତାକୁ ଶାଣିତ କରିବା ପାଇଁ ନିରନ୍ତର ଅଭ୍ୟାସ ସହ ପେସାଗତ ସଚ୍ଚୋଟତା ବଜାୟ ରଖି ନିଷ୍ଠାର ସହ କାର୍ଯ୍ୟ ସଂପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ।

ଜଣେ ଆଇନଜୀବୀଙ୍କୁ ପ୍ରଥମେ ମହକିଲଙ୍କ କଥା ଧ୍ୟାନର ସହ ଶୁଣିବା, ଆଇନଗତ ପ୍ରସଙ୍ଗଗୁଡ଼ିକୁ ପରୀକ୍ଷା କରିବା ଏବଂ ଅଦାଲତରେ ମାମଲା ଯୁକ୍ତି କରିବା ପୂର୍ବରୁ ସମ୍ଭାବନାଗୁଡ଼ିକୁ ତର୍ଜମା କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏସ୍ଏନ୍ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରି କହିଥିଲେ ଯେ ଆଇନ ଏଭଳି ଏକ ପେସା ଯେଉଁଥିରେ ବୌଦ୍ଧିକ ସଚ୍ଚୋଟତା, ସମ୍ବିଧାନ ପ୍ରତି ପ୍ରତିବଦ୍ଧତା, ନୈତିକ ଦାୟିତ୍ୱ ଓ ନ୍ୟାୟ ଆଶା କରୁଥିବା ଲୋକଙ୍କ ପ୍ରତି ସମ୍ବେଦନଶୀଳତା ଆବଶ୍ୟକ। ଏସ୍ଏନ୍ଆଇଏଲ୍ ଏହାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଲୋଚନାତ୍ମକ ଭାବେ ପଢ଼ିବା, ଯୁକ୍ତିସଙ୍ଗତ ଚିନ୍ତା କରିବା, ଦାୟିତ୍ୱର ସହ ଯୁକ୍ତି ଉପସ୍ଥାପନ କରିବା, ପ୍ରଭାବଶାଳୀ ଭାବେ ସଂସୂଚୀତ କରିବା ସହ ସମ୍ବିଧାନ ଓ ଆଇନର ଶାସନର ମର୍ଯ୍ୟାଦା ବଜାୟ ରଖିବାର ମନୋଭାବ ବିକଶିତ କରିବାକୁ ଚେଷ୍ଟିତ ବୋଲି ସେ କହିଥିଲେ। ଏସ୍ଏନ୍ଆଇଏଲ୍‌ର ଆସିଷ୍ଟାଂଟ ପ୍ରଫେସର ଡକ୍ଟର ଆକାଶ ତ୍ରିଖା ଧନ୍ୟବାଦ ଅର୍ପଣ କରିଥିଲେ।



# ପୋକରା ଚାଉଳ, ପାଣି ଓ ବିଦ୍ୟୁତ ସମସ୍ୟା
# ପ୍ରଶାସନକୁ ଜଣାଇବାକୁ ୯ କିମି ଚାଲିଲେ ଛାତ୍ରଛାତ୍ରୀ



ବାରିପଦା, (ସବ୍ୟୁ) : ହଷ୍ଟେଲରେ ଦୀର୍ଘ ଦୁଇ ମାସ ଧରି ଅବ୍ୟବସ୍ଥା ଲାଗି ରହିଥିବା ଅଭିଯୋଗ କରି ଶେଷରେ ରାଜରାସ୍ତାକୁ ଓହ୍ଲାଇଲେ ଅନ୍ତେବାସୀ । ବିଦ୍ୟାଳୟ ହଷ୍ଟେଲରୁ ବାହାରି ଚାଲି ଚାଲି ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଉଥିବା ବେଳେ ପ୍ରଶାସନ ସେମାନଙ୍କୁ ଅଟକାଇଥିଲା । ପରେ ବିଦ୍ୟାଳୟ ସମ୍ମୁଖରେ ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ଅବରୋଧ କରି ଧାରଣାରେ ବସିଥିଲେ ଛାତ୍ରଛାତ୍ରୀ । ଏଭଳି ଘଟଣା ଖୁଣ୍ଟା ବ୍ଲକ ବିସିପୁର ଆଶ୍ରମ ବିଦ୍ୟାଳୟରେ ଘଟିଛି । ବିସିପୁର ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ୧୦୦ ଜଣ ଛାତ୍ର ଓ ୧୫୦ ଜଣ ଛାତ୍ରୀ ଅନ୍ତେବାସୀ ଭାବେ ରହୁଛନ୍ତି । ଅନ୍ତେବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ ଦୁଇ ମାସ ଧରି ସେମାନଙ୍କୁ ପୋକରା ଚାଉଳରେ ଭାତ ରାନ୍ଧି ଖାଇବାକୁ ଦିଆଯାଉଛି । ଏହାସହ ହଷ୍ଟେଲର ପାଣି ଟାଙ୍କି ଫାଟିଯାଇଥିବାରୁ ପାନୀୟ ଜଳ ସମେତ ନିତ୍ୟବ୍ୟବହାର୍ଯ୍ୟ ପାଣିର ସମସ୍ୟା ଦେଖାଦେଇଛି । ଏଥିସହ ବିଦ୍ୟୁତ ସମସ୍ୟା ମଧ୍ୟ ଲାଗି ରହିଥିବା ଅଭିଯୋଗ ହୋଇଛି । ଏନେଇ ଅନ୍ତେବାସୀମାନେ ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀ, ଓ୍ୱାର୍ଡେନ ଓ ମେଟ୍ରନଙ୍କୁ ଅବଗତ କରିଥିଲେ । ଏହାସହ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ମଧ୍ୟ ସମସ୍ୟା ସମ୍ପର୍କରେ ଜଣାଇଥିଲେ । ତେବେ ଅଭିଯୋଗ ଅନୁଯାୟୀ, ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ପ୍ରଧାନଶିକ୍ଷକ ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟକୁ ଆସି ଅନ୍ତେବାସୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଉଥିଲେ । ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସମସ୍ୟାର ସମାଧାନ ନହେବାରୁ ସୋମବାର ସକାଳ ପ୍ରାୟ ୮ଟା ସମୟରେ ଅନ୍ତେବାସୀମାନେ ହଷ୍ଟେଲରୁ ବାହାରି ଜିଲ୍ଲାପାଳଙ୍କୁ ଭେଟିବା ପାଇଁ ଚାଲି ଚାଲି ଯାଇଥିଲେ । ବିଦ୍ୟାଳୟଠାରୁ ପ୍ରାୟ ୯ କିଲୋମିଟର ଦୂର ଖୁଣ୍ଟା ଛକ ନିକଟରେ ପ୍ରଶାସନ ସେମାନଙ୍କୁ ଅଟକାଇ ଖୁଣ୍ଟା ବ୍ଲକ କାର୍ଯ୍ୟାଳୟକୁ ନେଇଥିଲା । ସେଠାରେ ଅଧିକାରୀମାନେ ଛାତ୍ରଛାତ୍ରୀଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ତେବେ ଆଲୋଚନାରୁ କୌଣସି ସୁଫଳ ନମିଳିବାରୁ ଛାତ୍ରଛାତ୍ରୀମାନେ ବିସିପୁର ଛକକୁ ଫେରିଥିଲେ । ପରେ ବିଦ୍ୟାଳୟ ସମ୍ମୁଖରେ ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ଅବରୋଧ କରି ଧାରଣାରେ ବସିଥିଲେ । ଫଳରେ ଉଦଳା-ବାରିପଦା ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଛାତ୍ରଛାତ୍ରୀମାନେ ପ୍ରଧାନଶିକ୍ଷକଙ୍କ ବଦଳି ସହ ହଷ୍ଟେଲ ବ୍ୟବସ୍ଥାରେ ତୁରନ୍ତ ସୁଧାର ଆଣିବାକୁ ଦାବି କରିଥିଲେ । ଖବର ପାଇ ଧାରଣାସ୍ଥଳରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ପ୍ରଣୟ ରଞ୍ଜନ ବେହେରା, ପ୍ରକଳ୍ପ ପ୍ରଶାସକ ଆଶିଷ କୁମାର ମହାପାତ୍ର, ଖୁଣ୍ଟା ବିଡିଓ, ତହସିଲଦାର ଓ ଉପଖଣ୍ଡ ପୁଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ପ୍ରମୁଖ ପହଞ୍ଚିଥିଲେ । ସେମାନେ ଉତ୍ୟକ୍ତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ଘଟଣାର ଖୁବଶୀଘ୍ର ତଦନ୍ତ କରାଯାଇ ଅବ୍ୟବସ୍ଥା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଏଥିସହ ଉପଜିଲ୍ଲାପାଳ ନିଜେ ବିଦ୍ୟାଳୟର ବ୍ୟବସ୍ଥା ତଦାରଖ କରିବେ ବୋଲି କହିବା ପରେ ଛାତ୍ରଛାତ୍ରୀମାନେ ଧାରଣା ପ୍ରତ୍ୟାହାର କରିଥିଲେ । ପରେ ସେମାନେ ହଷ୍ଟେଲକୁ ଫେରି ମଧ୍ୟାହ୍ନ ଭୋଜନ କରିଥିଲେ । ଏନେଇ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ କହିଛନ୍ତି, ଛାତ୍ରଛାତ୍ରୀମାନେ ଏଭଳି ଚାଲି ଚାଲି ଜିଲ୍ଲାପାଳଙ୍କୁ ଭେଟିବାକୁ ଯିବା ଘଟଣା ନିଶ୍ଚିତ ଭାବେ ସମ୍ବେଦନଶୀଳ । ଏଥିପାଇଁ ଯେଉଁମାନେ ଦାୟୀ, ସେମାନେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହୁଅନ୍ତୁ କିମ୍ବା ପ୍ରଧାନଶିକ୍ଷକ, ସମସ୍ତଙ୍କ ବିରୋଧରେ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସେହିପରି, ଘଟଣା ସମ୍ପର୍କରେ ଜାଣିଥିଲେ ମଧ୍ୟ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତାଙ୍କୁ ଅବଗତ କରାଇନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ । ଏହି ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

# କାର ଦୁର୍ଘଟଣାରେ ୨ ମୃତ, ଡ୍ରାଇଭର ଗିରଫ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଳବାଡି କ୍ରସର ନିକଟରେ ରାସ୍ତାପାର୍ଶ୍ୱସ୍ଥ ଏକ ଗଛକୁ କାର ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟଣାରେ ଆଜି ଡ୍ରାଇଭର ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି । ଗିରଫ ଡ୍ରାଇଭର ଜଣକ ହେଲେ କାଦୁଆ ନରେନ୍ଦ୍ରପୁର ଗାଁର ଅଶ୍ୱିନୀ କୁମାର ବେହେରା । ଏନେଇ ପୋଲିସ ଥାନାରେ କେସ୍ ନଂ ୪୭୪/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ଅଗଷ୍ଟ ୧୪ ତାରିଖ ରାତିରେ ନରେନ୍ଦ୍ରପୁର ଗ୍ରାମର ନିତ୍ୟାନନ୍ଦ ଡାକୁଆ ତାଙ୍କ ପରିବାର ସହ ବୁଗୁଡା ଥାନା ଅନ୍ତର୍ଗତ ଖରିଡା ଗ୍ରାମସ୍ଥ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଘରକୁ ଯାଉଥିଲେ । ତେବେ ବାଟରେ ଡ୍ରାଇଭରଙ୍କ ଯୋଗୁଁ ଗାଡିଟି ଭାରସାମ୍ୟ ହରାଇ ପଙ୍କଳବାଡି କ୍ରସର ନିକଟରେ ରାସ୍ତାକଡସ୍ଥ ଏକ ଗଛକୁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ଡ୍ରାଇଭରଙ୍କ ସମେତ ସେଥିରେ ବସିଥିବା ୭ ଜଣ ଆହତ ହୋଇଥିଲେ । ସମସ୍ତ ଆହତଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଆହତଙ୍କ ମଧ୍ୟରୁ ବଡବାପା ନିତ୍ୟାନନ୍ଦ ଡାକୁଆ(୬୦) ଏବଂ ଝିଆରୀ ଇସ୍ମିତା ଡାକୁଆ(୪)ଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ନିତ୍ୟାନନ୍ଦଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟପକ୍ଷରେ ଝିଆରୀ ଇସ୍ମିତାଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ପୁଣି କଟକକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା । ଏନେଇ ଗତ ସେପେଫମ୍ବର ୨୦ ତାରିଖ ଦିନ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଆଜି କାର ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ଗଜପତି ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ : ବାଲେଶ୍ୱରରୁ ଯୁବକ ଗିରଫ

ପାରଳାଖେମୁଣ୍ଡି, (ସବ୍ୟୁ) : ଗଜପତି ଜିଲ୍ଲାର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ଧମକଚମକ ଦେବା ମାମଲାରେ ପାରଳାଖେମୁଣ୍ଡି ସାଇବର କ୍ରାଇମ୍ ଓ ଇକୋନୋମିକ୍ ଅଫେନ୍ସ ଥାନା ପୁଲିସ ବାଲେଶ୍ୱର ଜିଲ୍ଲାରୁ ଜଣେ ଯୁବକକୁ ଗିରଫ କରିଛନ୍ତି । ଗିରଫ ଯୁବକ ହେଲେ ସୋର ଥାନା ଅନ୍ତର୍ଗତ ନୂଆପୁର ଗ୍ରାମର ଭରତ କୁମାର ମହାରଣା (୩୪). ଗଜପତି ଜିଲ୍ଲା ରାମଗିରି ଥାନା ଅଞ୍ଚଳର ଯୁବତୀ (୨୨) ଜଣକ ୨୦୨୩ରେ ଚାକିରି ଅନ୍ୱେଷଣରେ ଚେନ୍ନାଇ ଯାଇଥିଲେ । ସେଠାରେ ଏକ ସଫିମଲରେ କାମ କରୁଥିବା ବେଳେ ଭରତ ସହ ତାଙ୍କର ପରିଚୟ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ସଂପର୍କ ଗଢ଼ି ଉଠିଥିଲା । ପ୍ରାୟ ଦୁଇ ବର୍ଷ ପରେ ଯୁବତୀଜଣକ ଗତବର୍ଷ ନଭେମ୍ବରରେ ନିଜ ଗାଁକୁ ଫେରିଆସିଥିଲେ । ତେବେ ଭରତ ତାଙ୍କୁ ପୁଣି ଡାକିବାରୁ ସେ ମନା କରିଥିଲେ । ଏଥିରେ ଭରତ ଉତକ୍ଷିପ୍ତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲା । ଏଥିସହ ଯୁବତୀଙ୍କ ଫଟୋ ଓ ଭିଡିଓ ବିଭିନ୍ନ ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲା । ପ୍ରାୟ ୪ ମାସ ପୂର୍ବେ ଯୁବତୀଜଣକ ସାଇବର ଥାନାରେ ଅଭିଯୋଗ କରିଥିଲେ ପୁଲିସର ହସ୍ତକ୍ଷେପ ପରେ ଅଭିଯୁକ୍ତର ସୋସିଆଲ ମିଡ଼ିଆ ଆକାଉଣ୍ଟକୁ ଦୁଇଥର ଡିଲିଟ କରାଯାଇଥିଲା । ଅଭିଯୁକ୍ତ ପୁଣି ନୂଆ ଆକାଉଣ୍ଟ ଖୋଲି ଯୁବତୀଙ୍କ ଫଟୋ ଓ ଭିଡିଓ ପୋଷ୍ଟ କରିଥିଲା । ତେଣୁ ଭରତକୁ ଗଜପତି ପୋଲିସ ଗିରଫ କରିଥିବା ବେଳେ ତା'ଠାରୁ ଦୁଇଟି ମୋବାଇଲ ଜବତ କରିଛନ୍ତି । ଗତକାଲି ଅପରାହ୍ନରେ ଭରତକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ପାରଳାଖେମୁଣ୍ଡି ସାଇବର ଥାନାଧିକାରୀ ଟୁନା ଶବର ପ୍ରକାଶ କରିଛନ୍ତି ।

# ହତ୍ୟା ଉଦ୍ୟମ, ହତ୍ୟା ମାମଲାରେ ରୂପାନ୍ତରିତ ନାବାଳକ ଜେଜେବିରେ ହାଜର

ବ୍ରହ୍ମପୁର, (ସବ୍ୟୁ): ବଡ଼ବଜାର ଥାନା ଅଞ୍ଚଳର ଶାନ୍ତିମାର୍ଗ ପୋଖରୀ ନିକଟରେ ଆୟୁଷ୍ମାନ ତ୍ରିପାଠୀ ଓରଫ ସୁମନ (୧୮)ଙ୍କୁ ଗତ ୧୪ ତାରିଖରେ ନିର୍ମମ ଭାବେ ମାଡ଼ ମରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଗତ ୧୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା । ହତ୍ୟା ଉଦ୍ୟମ ମାମଲା ଏବେ ହତ୍ୟା ମାମଲାରେ ରୂପାନ୍ତରିତ ବଡବଜାର ପୋଲିସ । ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ଜଣେ ୧୭ ବର୍ଷର ନାବାଳକାଙ୍କୁ ପୋଲିସ ଜେଜେବିରେ ହାଜର କରିଥିଲା । ଏହିଘାଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ନାବାଳକଙ୍କୁ ପୋଲିସ ଆଜି ଧରିଛି । ନାବାଳକ ଘର ଗଜପତି ଜିଲାର ହୋଇଥିବା ବେଳେ ସେ ଶାନ୍ତିନଗରରେ ରହି ଆଇଟିଆଇ'ରେ ପାଠ ପଢୁଛନ୍ତି ବୋଲି ପୋଲିସ କହିଛି । ଉକ୍ତ ନାବାଳକଙ୍କୁ ମାମଲା ନଂ ୬୯୩/୨୬ ରେ ପୋଲିସ ଜୁବେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି । ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ପ୍ରକାଶ ଥାଉକି ପୂର୍ବରୁ ଧରାଯାଇଥିବା ନାବାଳକ ଜଣଙ୍କ ମଧ୍ୟ ଆଇଟି ଆଇ ଛାତ୍ର ଓ ଦୁହେଁ ସାଙ୍ଗ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ପ୍ରାଥମିକ ତଦନ୍ତରୁ ଘଟଣାଦିନ ଉକ୍ତ ପୋଖରୀ ହୁଡାରେ ଗଞ୍ଜେଇ ଟାଣିବା ପାଇଁ ଦିଆସିଲି ମାଗିବାକୁ କେନ୍ଦ୍ର କରି ଉକ୍ତ ଦୁଇ ନାବାଳକ ଆୟୁଷମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି । ଘଟଣାର ତଦନ୍ତ ଜାରି ରହିଛ । ୧୪ ତାରିଖ ସନ୍ଧ୍ୟାରେ ଶାନ୍ତିମାର୍ଗ ପୋଖରୀ ନିକଟ ଏକ ଶୌଚାଳୟ ପାଖରେ ଆୟୁଷ୍ମାନ ତ୍ରିପାଠୀ ଓରଫ ସୁମନ (୧୮) ଅଚେତ ଅବସ୍ଥାରେ ପଡ଼ିଥିବା ଖବର ପାଇ ପୋଲିସ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା । ଯୁବକ ଜଣଙ୍କ ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଚିକିତ୍ସା କରାଯାଉଥିଲା । ଗତ ୧୯ ତାରିଖ ରାତ୍ର ଚିକିତ୍ସାଧୀନ ଅବସ୍ଥାରେ ସୁମନଙ୍କ ମୃତ୍ୟୁ ଘଟିଥିଲା । ଘଟଣା ସମ୍ପର୍କରେ ମୃତକଙ୍କ ମାମୁ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାସ୍ଥଳ ଯାଞ୍ଚ ଓ ସାକ୍ଷୀମାନଙ୍କ ବୟାନ ଆଧାରରେ ସମ୍ପୃକ୍ତ ନାବାଳକଙ୍କୁ ଚିହ୍ନଟ କରି ଧରିଥିଲା ବୋଲି କହିଛି ।

# ସିୟୁଟିଏମ୍ ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ଗୁରାଣ୍ଡିରେ ବିଶ୍ୱ ଆଲଝିମର ଦିବସ



ପାରଳାଖେମୁଣ୍ଡି, (ସବ୍ୟୁ): ସେ ଞ୍ଚୁ ରି ଅ ନ୍ ୟୁ ନି ଭ ର ସି ଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ର ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ୨୧ ଅଗଷ୍ଟ ତାରିଖରେ ଗୁରାଣ୍ଡି ଠାରେ ବିଶ୍ୱ ଆଲଝିମର ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଥିମ୍ ଥିଲା ଆଲଝିମର ପ୍ରତିରୋଧ । ସମୁଦାୟ ମଧ୍ୟରେ ଆଲାଝିମର୍ସ ରୋଗ, ଏହାର ପ୍ରତିରୋଧ, ପ୍ରାରମ୍ଭିକ ଲକ୍ଷଣ ଏବଂ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମକୁ ସ୍କୁଲ୍ ଅଫ୍ ନର୍ସିଂର ଅଧ୍ୟାପିକା ଶ୍ୱେତା ଏବଂ ମଧୁରୀମା ସମନ୍ୱୟ କରିଥିଲେ । ସିୟୁଟିଏମ୍‌ର ବିଏସସି ନର୍ସିଂ ୫ମ ସେମିଷ୍ଟର ଛାତ୍ରଛାତ୍ରୀମାନେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ପୋଷ୍ଟର ପ୍ରଦର୍ଶନ, ପାମ୍ଫ୍ଲେଟ୍ ବଣ୍ଟନ ଏବଂ ଆଲଝିମର୍ର ପ୍ରତିରୋଧ ଉପରେ ସ୍ୱାସ୍ଥ୍ୟ ଶିକ୍ଷା ଆୟୋଜନ କରାଯାଇଥିଲା । ଏହି ମାଧ୍ୟମରେ ଛାତ୍ରଛାତ୍ରୀମାନେ ଆଲଝିମର ରୋଗ, ଏହାର ପ୍ରାରମ୍ଭିକ ଲକ୍ଷଣ, ସୁସ୍ଥ ଜୀବନଶୈଳୀ, ମାନସିକ ଓ ଶାରୀରିକ କାର୍ଯ୍ୟକଳାପ ଏବଂ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ସାମାଜିକ ସମର୍ଥନ ଓ ଯନିର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ । ସ୍ୱାସ୍ଥ୍ୟ ଶିକ୍ଷା ମାଧ୍ୟମରେ ସମୁଦାୟର ଲୋକମାନେ ଆଲଝିମର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ଏବଂ ଆବଶ୍ୟକ ସମୟରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନେବାର ଗୁରୁତ୍ୱ ବୁଝିପାରିଥିଲେ । ପୋଷ୍ଟର ଓ ପାମ୍ଫ୍ଲେଟ୍ ମାଧ୍ୟମରେ ସୂଚନାଗୁଡ଼ିକୁ ସରଳ, ଆକର୍ଷଣୀୟ ଏବଂ ସହଜରେ ବୁଝିବା ଭଳି ଭାବରେ ପ୍ରସ୍ତୁତ କରାଯାଇଥିଲା ।

# ପେସାଦାର ଅପରାଧିକୁ ୱାରେଣ୍ଟି ବଳରେ ମୁମ୍ବାଇରୁ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ଗୋସାଇଁନୂଆଗାଁ ଥାନା ପୋଲିସ ଜଣେ ପେଶାଦାର ଅପରାଧିକୁ ଓ୍ୱାରେଣ୍ଟି ବଳରେ ମୁମ୍ବାଇରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ତାଙ୍କୁ ଗୋସାଇଁନୂଆଗାଁ ଥାନାକୁ ଅଣାଯାଇଛି । ୨୧ଟି ଅପରାଧିକ ମାମଲାରେ ସମ୍ପୃକ୍ତ ରହି ସେ ଦୀର୍ଘଦିନ ହେଲା ଜଣେ ଫେରାରଥିବା ଗୋଶାଣିନୂଆଗାଁ ଥାନା ଅଂଚଳର ଟୁନା ଓରଫ ଜଗଦୀଶ ଚନ୍ଦ୍ର ପାତ୍ର ଓରଫ ନିଖିଲେଶ ପାତ୍ର ଓରଫ ଜାଙ୍ଗୁ ଟୁନା (୪୦) ଙ୍କୁ ପୋଲିସ ଜାମିନ ବିହୀନ ଗିରଫ ପାରାଓ୍ୱାନା (ଏନବିଡବ୍ଲ୍ୟୁ) ବଳରେ ବାନ୍ଧି ବ୍ରହ୍ମପୁର ଆଣିଛି । ତାଙ୍କ ବିରୋଧରେ ୪ଟି ଏନବିଡବ୍ଲ୍ୟୁ ରହିଛି । ଅଭିଯୁକ୍ତଙ୍କ ବିରୋଧରେ ଗୋସାଇଁନୂଆଗାଁ ଓ ବୈଦ୍ୟନାଥପୁର ଥାନାରେ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି, ଦାଦାବଟି ଆଦାୟ, ଅସ୍ତ୍ର ଆଇନ, ବିସ୍ଫୋରକ ପଦାର୍ଥ ଆଇନ ଏବଂ ଏସ୍ସି/ଏସଟି ମାମଲା ରହିଛି । ଆଜି ଉକ୍ତ ଅଭିଯୁକ୍ତଙ୍କୁ ସେସନ କେସ ୮୭/୯୫ ଓ ୪୪/୯୬ରେ କୋର୍ଟ ରେ ହାଜର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି । ଅଭିଯୁକ୍ତ ଜାଙ୍ଗୁ ଟୁନାଏକାଧିକ ମାମଲାରେ ରହି ବିଚାରଣା ବେଳେ କୋର୍ଟରେ ଉପସ୍ଥିତ ହୋଇନଥିଲେ । କୋର୍ଟ ତାଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିଥିଲା । ଗୋସାଇଁନୂଆଗାଁ ଥାନାର ଏସ ଆଇ ଗୌରବ ରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଏକ ପୁଲିସ ଟିମ୍ ମହାରାଷ୍ଟ୍ର ଯାଇଥିଲା । ଗତ ୧୯ ତାରିଖରେ ମୁମ୍ବାଇର ପନଭେଲ ଅନ୍ତର୍ଗତ ତାଲୋଜା ଥାନା ଅଧୀନ ଗାଲାକ୍ସି କମ୍ପାନୀ ନିକଟରୁ ତାଙ୍କୁ ଗିରଫ କରାଯାଇଥିଲା । ଏନେଇ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି ।

# ଭଞ୍ଜନଗରରେ ଡକାୟତି ଯୋଜନା ପଣ୍ଡ
# ୭ ଅଭିଯୁକ୍ତ ଗିରଫ, ପିସ୍ତଲ ଓ ଅସ୍ତ୍ରଶସ୍ତ୍ର ଜବତ

ଭଞ୍ଜନଗର, (ସବ୍ୟୁ): ରାଜପଥରେ ଯାତାୟାତ କରୁଥିବା ପଥଚାରୀ ଓ ପରିବା ବେପାରୀଙ୍କୁ ଲୁଟ୍ କରିବା ପାଇଁ ଯୋଜନା କରୁଥିବା ଏକ ଡକାୟତ ଗ୍ୟାଙ୍ଗକୁ କାବୁ କରିବାରେ ଭଞ୍ଜନଗର ପୋଲିସ ସଫଳ ହୋଇଛିଛ ପୋଲିସ ଏହି ଘଟଣାରେ ୭ ଜଣ କୁଖ୍ୟାତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ (ପିସ୍ତଲ), ଗୋଟିଏ ଖେଳଣା ଏୟାର ଗନ୍, ଗୋଟିଏ ଲୁହା ଖଣ୍ଡା ଏବଂ ୩ଟି ମୋଟରସାଇକେଲ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ, ସେପେଫମ୍ବର ୨୦ ତାରିଖ ରାତି ପ୍ରାୟ ୧୦ ଟା ସମୟରେ ଭଞ୍ଜନଗର ଥାନା ଏସ.ଆଇ. ସମୀର କୁମାର ସେଠୀ, ଏସ.ଆଇ. ସୁବ୍ରତ ଲେଙ୍କା ଏବଂ ପୋଲିସ ବାହିନୀ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ରାତି ପ୍ରାୟ ୨:୩୦ ମିନିଟ୍ ସମୟରେ, ରାଜପଥ କଡ଼ରେ ଥିବା ଭେରେଡ଼ା ବସ୍ ଷ୍ଟପ୍ ନିକଟରେ ୮ ରୁ ୧୦ ଜଣ ଅପରାଧିକ ପୃଷ୍ଠଭୂମି ଥିବା ଯୁବକ ମାରାତ୍ମକ ଅସ୍ତ୍ରଶସ୍ତ୍ର ସହ ଏକତ୍ରିତ ହୋଇ ଡକାୟତି ଓ ଲୁଟପାଟ ପାଇଁ ଯୋଜନା କରୁଥିବା ନେଇ ଏସ.ଆଇ. ସେଠୀଙ୍କୁ ଗୁପ୍ତ ସୂଚନା ମିଳିଥିଲା । ସୂଚନା ପାଇବା ମାତ୍ରକେ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳ ଭେରେଡ଼ା ବସ୍ ଷ୍ଟପ୍‌ରେ ଅଚାନକ ଚଢ଼ାଉ କରି ୭ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ଆଜାଦ ନାୟକ, ବିଭୁ ଜେନା, ମନୋଜ ପାତ୍ର, ରାକେଶ ବିଷୋୟୀ, ସଙ୍କେତସନ ପଟ୍ଟନାୟକ ଓରଫ ସିଟୁ (ସମସ୍ତଙ୍କ ଘର ଭଞ୍ଜନଗର ଥାନା ର ଭେଜିପୁଟ), ସୁଶୀଲ କୁମାର ମିଶ୍ର (ବାଗଦେବୀ ରୋଡ୍) ଓ ଶୁଭମ୍ କୁମାର ସେଠୀ ପଥରାପଲ୍ଲୀ, ଥାନା- ବେଲଗୁ=। ବୋଲି ପୁଲିସ ସୂଚନା ଦେଇଛି । ଏଥିସହ ପୁଲିସ ଏମାନଙ୍କ ନିକଟରୁ ଗୋଟିଏ ସିଙ୍ଗଲ ଶଟ୍ ଦେଶୀ ପିସ୍ତଲ, ଗୋଟିଏ ଖେଳଣା ଏୟାର ଗନ୍, ଗୋଟିଏ ଲୁହା ବଡ ଖଣ୍ଡା, ୩ ଟି ମୋଟର ସାଇକେଲ ଜବତ କରିଛି । ଏ ସମ୍ପର୍କରେ ଭଞ୍ଜନଗର ଥାନାରେ ମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ବୋଲି ଭଞ୍ଜନଗର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଡକଫର ଦୀପକ କୁମାର ମିଶ୍ର ସୂଚନା ଦେଇଛନ୍ତି ।

## ଘର ହରାଇବା ଆଶଙ୍କା
# ଥଇଥାନ ଦାବିରେ ଉପଜିଲ୍ଲାପାଳଙ୍କୁ ଭେଟିଲେ ୩୦ରୁ ଊର୍ଦ୍ଧ୍ୱ ପରିବାର



ବାରିପଦା, (ସବ୍ୟୁ) : ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ଓ ରିଙ୍ଗରୋଡ୍ ନିର୍ମାଣ ନିମନ୍ତେ ମଧୁବନ ତଳସାହି ଅଞ୍ଚଳରେ ଥିବା ଓ୍ୱାର୍ଡ ନମ୍ବର ୭ ଓ ୮ର ୩୦ରୁ ଉର୍ଦ୍ଧ୍ୱର୍ ପରିବାରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ନୋଟିସ୍ ଜାରି କରାଯାଇଥିବା ଜଣାପଡ଼ିଛି । ଏହାକୁ ବିରୋଧ କରି ଉଚ୍ଛେଦ ହେବାକୁ ଥିବା ପରିବାରଗୁଡ଼ିକ ଆଜି ବାରିପଦା ନଗରପାଳ କୃଷ୍ଣନନ୍ଦ ମହାନ୍ତି ଓ ଓ୍ୱାର୍ଡ ନମ୍ବର ୭ର କାଉନସିଲର ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । କାଉନସିଲର ପ୍ରଶାନ୍ତ ବେହେରାଙ୍କ କହିବା ଅନୁଯାୟୀ, ଏହି ଅଞ୍ଚଳରେ ଲୋକମାନେ ଦୀର୍ଘ ୫୦ ବର୍ଷ ଧରି ବସବାସ କରିଆସୁଛନ୍ତି । ସରକାରଙ୍କ ପକ୍ଷରୁ ଏଠାରେ ଲୋକଙ୍କୁ ବିଭିନ୍ନ ସରକାରୀ ସୁବିଧାସୁଯୋଗ ମଧ୍ୟ ଯୋଗାଇ ଦିଆଯାଇଛ । ଏଭଳି ସ୍ଥିତିରେ ବର୍ଷାଦିନେ ଉଚ୍ଛେଦ ନୋଟିସ୍ ଜାରି ହୋଇଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, ଲୋକଙ୍କୁ ବିସ୍ଥାପନ କରିବା ପୂର୍ବରୁ ସେମାନଙ୍କ ଥଇଥାନ ପାଇଁ ସ୍ଥାୟୀ ଘର କିମ୍ବା ଜମି ଯୋଗାଇ ଦିଆଯିବା ଆବଶ୍ୟକ । ପୂର୍ବ ସରକାର ସମୟରେ ଥଇଥାନ ପାଇଁ ଯେଉଁ ସ୍ଥାନ ଚିହ୍ନଟ କରାଯାଇଥିଲା, ବର୍ତ୍ତମାନର ସରକାର ତାହାକୁ ଗ୍ରହଣ କରୁନଥିବାରୁ ଅନେକ ଗରିବ ଓ ଖଟିଖିଆ ପରିବାର ଗୃହଶୂନ୍ୟ ହେବାର ଆଶଙ୍କା ରହିଛି ବୋଲି ସେ ଅଭିଯୋଗ କରିଛନ୍ତି । ଏହାକୁ ଆକ୍ରୋଶମୂଳକ ପଦକ୍ଷେପ ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି । ତେବେ ନଦୀପଠାଠାରୁ ସମଦୂରତ୍ୱ ରଖି ସଠିକ୍ ଭାବେ ସୀମା ନିର୍ଦ୍ଧାରଣ କରାଗଲେ ଅନେକ ଘରକୁ ବିସ୍ଥାପନରୁ ରକ୍ଷା କରାଯାଇପାରିବ ବୋଲି ସେ ମତ ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଉଚ୍ଛେଦ ପୂର୍ବରୁ ପ୍ରଭାବିତ ପରିବାରଗୁଡ଼ିକର ଥଇଥାନ ବ୍ୟବସ୍ଥା କରିବା ସହ ମାନବିକ ଦୃଷ୍ଟିକୋଣରୁ ଘଟଣାର ପୁର୍ନବିଚାର କରିବାକୁ ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି ।

# ପ୍ରତିବନ୍ଧିତ ବୌଦ୍ଧପୀଠ ଇଲାକାରେ ବେଆଇନ ନିର୍ମାଣକୁ ବିରୋଧ
# ଉଦୟଗିରି ବୁଦ୍ଧବାଟିକା ପାଇଁ ଜମି ମାଗିଲେ ବିଡ଼ିଓ



ବାଲିଚନ୍ଦ୍ରପୁର, (ସବ୍ୟୁ): ଦର୍ପଣ ତହସିଲର ଗୋପାଳପୁର ମୌଜାରେ ରହିଛି ସରକାରୀ ଜମି । ଗୋଚରକିସମରୁ ଏହାକୁ ଅନାବାଦି କରାଯାଇଥିଲେ ମଧ୍ୟ ଏହି ଜମି କାହାକୁ ଲିଜ୍ ଆକାରରେ ଦିଆଯାଇ ନାହିଁ କି କୌଣସି ସଂସ୍ଥାକୁ ହସ୍ତାନ୍ତର ମଧ୍ୟ କରାଯାଇ ନାହିଁ । କିନ୍ତୁ କାହାଠାରୁ ଅନୁମତି ନଆଣି ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଜମିରେ ଜବରଦଖଲ କରାଯାଇ ବାଲିରେ ପୋତିବା ସହିତ କଂକ୍ରିଟ ନିର୍ମାଣ ଆରମ୍ଭ କରାଯାଇଛି । ଏହାକୁ ନେଇ ବିବାଦ ସୃଷ୍ଟି ହେବାପରେ ବଡ଼ଚଣା ବିଡ଼ିଓ ୧୫ଦିନ ତଳେ ଏହି ଜମିରୁ ୧ ଏକର ଆବଣ୍ଟନ କରିବା ପାଇଁ ଆବେଦନ କରିଥିବା ଜଣାପଡ଼ିଛି । ଗୋପାଳପୁର ମୋଝ୍ୟଜାର ଖାତା ନଂ ୧୩୫୫ ଏବଂ ପ୍ଲଟ ନଂ ୭୯୮/୪୮୫୮ ଏହି ଜମି ଉପରେ ହୋଇଥିବା ଆବେଦନ ଅନୁଯାୟୀ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଅଇ.) ଓ ରାଷ୍ଟ୍ରୀୟ ସ୍ମାରକୀ ପ୍ରାଧିକରଣ କର୍ତ୍ତୃପକ୍ଷ କ୍ଷେତ୍ରପରିଦର୍ଶନ କରିଛନ୍ତି । ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଉଦୟଗିରିସ୍ଥିତ ପ୍ରତିବନ୍ଧିତ ଅଂଚଳ ଭିତରେ ବିବଦମାନ ଏକ ବୁଦ୍ଧବାଟିକା ନିର୍ମାଣ ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଛି । ଗୋପାଳପୁର ସରପଞ୍ଚ ଓ ସ୍ଥାନୀୟ ଗ୍ରାମବାସୀମାନେ ଏଇ ସଂକ୍ରାନ୍ତରେ ପୂର୍ବରୁ ରାଜସ୍ୱମନ୍ତ୍ରୀ, ରାଜସ୍ୱ ସଚିବ, ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ ଦାବିକୁ ଅଣଦେଖା କରାଯାଇଛି ବୋଲି କହିଛନ୍ତି । ଏ.ଏସ୍.ଆଇ.ର ଜନୈକ ବରିଷ୍ଠ ପଦାଧିକାରୀ କହିଛନ୍ତିଯେ, ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି-ରତ୍ନଗିରି-ଉଦୟଗିରିକୁୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ କୀର୍ତ୍ତିଭାବେ ପ୍ରାରମ୍ଭିକ ତାଲିକାଭୁକ୍ତ କରାଯିବାପରେ ଏହି ବୋଦ୍ଧପୀଠର ଗୁରୁତ୍ୱ ବୃଦ୍ଧି ପାଇଛି । ତେଣୁ ଉଦୟଗିରି ଭଳି ଏକ ପ୍ରାକୃତିକ ସୁଷମା ବିମଣ୍ଡିତ ଐତିହ୍ୟପୂର୍ଣ୍ଣ କୀର୍ତ୍ତିରାଜି କ୍ଷେତ୍ରରେ କୌଣସି ପ୍ରକାରର ନିୟମ ବିରୁଦ୍ଧ କାର୍ଯ୍ୟକୁ କେବେ ପ୍ରଶୟ ଦିଆଯିବ ନାହିଁ । କର୍ତ୍ତୃପକ୍ଷ କହିଛନ୍ତି ଯେ, ଆମର ବାରମ୍ବାର ବାରଣ ସତ୍ତ୍ୱେ ଉଦୟଗିରିର ପ୍ରବେଶପଥ ନିକଟରେ ଉକ୍ତ ଜମିକୁ ପୋତାଯିବା ସହିତ ନିୟମ ବିରୁଦ୍ଧ ଭାବରେ କଂକ୍ରିଟ ନିର୍ମାଣ କାର୍ଯ୍ୟ କରାଯାଇଛି । କ୍ଷେତ୍ର ପରିଦର୍ଶନ କରିଥିବା ଅଧିକାରୀମାନଙ୍କ ରିପୋର୍ଟ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ସ୍ମାରକୀ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଦିଆଯିବ । ଏଠାରେ ସୂଚନାଯୋଗ୍ୟ ଉଦୟଗିରିର ବିଖ୍ୟାତ ବୋଦ୍ଧପୀଠ ଇଲାକାରେ ଏ.ଏସ୍.ଆଇ.ର ପ୍ରାୟ ୩୫୦ ଏକରରୁ ଅଧିକ ସଂରକ୍ଷିତ ସ୍ଥାନ ରହିଛି । ଏହାଭିତରେ ସମଗ୍ର ଉଦୟଗିରି ଓ ଷୋଳପୁଅମା ପାହାଡ଼ରେ ଥିବା ପ୍ରସ୍ତରକଟା ବୋଦ୍ଧପୀଠ ମଧ୍ୟ ରହିଛି । ସୂଚନା ଅଧିକାର ଆଇନ ଦ୍ୱାରା ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ ରେଳମନ୍ତ୍ରାଳୟ ଅଧିନସ୍ଥ ଏକ ରାଷ୍ଟ୍ରାୟତ ସଂସ୍ଥା କଂକର ପକ୍ଷରୁ ବିଗତ ୨୦୨୪-୨୫ରୁ ଏଯାବତ୍ ତିନିବର୍ଷ ଧରି ୭୫ ଲକ୍ଷ ଟଙ୍କା ବୁଦ୍ଧଶାନ୍ତି ବାଟିକା ପାଇଁ ବ୍ୟୟବରାଦ କରାଯାଇଥିବା ଜଣାପଡ଼ିଛି । ସେଥିରୁ ୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ମଧ୍ୟ ଦର୍ଶାଯାଇଛି । ଅପରପକ୍ଷରେ ଏହି ଏଏସ୍ଆଇର ପ୍ରତିବନ୍ଧିତ ଇଲାକାରେ ବେଆଇନ ନିର୍ମାଣ କରାଯାଉଥିବା ନେଇ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରାଯାଇଛି । ଫଳରେ କାର୍ଯ୍ୟ କରୁଥିବା ସଂସ୍ଥା କାମ ବନ୍ଦ କରି ଚାଲିଯାଇଛି । ଉକ୍ତ ଅଂଚଳରେ ସମସ୍ତ ପ୍ରକାର ଅନିୟମିତତା ଏବଂ ବେଆଇନ ନିର୍ମାଣ ଉପରେ ଅଙ୍କୁଶ ଲଗାଯିବା ଉଚିତ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମହାବୀର କ୍ରସରରେ ଶ୍ରମିକ ମୃତ୍ୟୁ ଘଟଣା

# ୫୫ ନମ୍ବର ଜାତୀୟ ରାଜପଥରେ ଶବ ରଖି ପ୍ରତିବାଦ



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅନ୍ତର୍ଗତ ହିନ୍ଦୋଳରୋଡ ଜୟ ମହାବୀର ଷ୍ଟୋନ କ୍ରସରରେ ସଦରଥାନା ଅନ୍ତର୍ଗତ ପଞ୍ଚୁପଟିର ଜଣେ ଶ୍ରମିକଙ୍କ ମୃତ୍ୟୁ ନେଇ ଗ୍ରାମବାସୀ ଉପଯୁକ୍ତ ତଦନ୍ତ, ଦୋଷୀକୁ ଦଣ୍ଡ ଏବଂ ପରିବାରକୁ କ୍ଷତିପୂରଣ ଦାବୀକରି ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିବାର ଜଣାପଡିଛି । ହିନ୍ଦୋଳରୋଡ ମୋଟଙ୍ଗା ଥାନା ଅଧିନରେ ଥିବା ଜୟମହାବୀର ଷ୍ଟୋନ କ୍ରସରରେ ସଦରଥାନା ଅନ୍ତର୍ଗତ ମୂଳିସିଂହ ଗ୍ରାମର ଯଦୁମଣି ପଟ୍ଟନାୟକ ଜଣେ ଶ୍ରମିକ ଭାବରେ ଦିର୍ଘ ୧୨ ଧରି କାର୍ଯ୍ୟ କରିଆସୁଥିଲେ । ରବିବାର ଦିନ ଯଦୁମଣି କାର୍ଯ୍ୟ କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ । ଘଟଣା ଜଣାନପଡିବା ପରେ ପରିବାର ଲୋକ ଏବଂ ଗ୍ରାମବାସୀମାନେ ଘଟଣା ସ୍ଥଳରେ ପହଞ୍ଚିଥିବା ବେଳେ କ୍ରସରରେ କୌଣସି ଶ୍ରମିକ କିମ୍ବା ମାଲିକ କେହି ନଥିଲେ ଏବଂ ଯଦୁମଣିଙ୍କର କୌଣସି ସୂଚନା ନଥିଲା । ଏହାକୁ ନେଇ ତାଙ୍କ ଭାଇ ସାଧୁଚରଣ ପଟ୍ଟନାୟକ ମୋଟଙ୍ଗା ଥାନାରେ ଅଭିଯୋଗ କରିବା ସହିତ ତାଙ୍କ ସାନଭାଇକୁ ହତ୍ୟା କରାଯାଇଥିବାର ଅଭିଯୋଗ କରିଥିଲେ । କ୍ରସରଟି ମୋଟଙ୍ଗା ପୋଲିସ ଅଧିନରେ ଆସୁଥିବା ବେଳେ ଶ୍ରମିକ ମୃତ୍ୟୁ ପରେ ଢେଙ୍କାନାଳ ଚିକିତ୍ସାଳୟକୁ ନନେବା ଏବଂ କ୍ରସରରୁ ସମସ୍ତ କର୍ମଚାରୀ ଉଭାନ ହୋଇଯିବା ଘଟଣାକୁ ନେଇ ସନ୍ଦେହ ସୃଷ୍ଟି କରିଥିଲା । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଶବ ପହଞ୍ଚିବା ପରେ ଗ୍ରାମବାସୀମାନେ ୫୫ ନମ୍ବର ଜାତୀୟ ରାଜପଥରେ ଶବ ରଖି ପ୍ରତିବାଦ କରିଥିଲେ । ଘଟଣାରେ ଜଡିତ ବ୍ୟକ୍ତିକୁ ଗିରଫ, ପରିବାରକୁ ଉପଯୁକ୍ତ ନ୍ୟାୟ ସହିତ କ୍ଷତିପୂରଣପ୍ରଦାନ ଦାବୀ କରି ଏହି ରାସ୍ତାରୋକ ହୋଇଥିଲା ।

# ଘର ଭିତରେ ପଶି ଦଳିଦେଲା ଦନ୍ତା

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା କପିଳାସ ରେଞ୍ଜ ସୋରିଶିଆପଦା ପଞ୍ଚାୟତ ରାମେଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଗତକାଲି ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ଏକ ଦନ୍ତାହାତୀ ପ୍ରମୋଦ ଭୋଇଙ୍କ ଘରେ ପଶି ତାଣ୍ଡବ ରଚିଛି । ସୂଚନା ଅନୁଯାୟୀ, ପରିବାର ଲୋକେ ଗଭୀର ନିଦରେ ଥିବା ବେଳେ ହଠାତ୍ ହାତୀଟି ଘରର କାନ' ଭାଙ୍ଗି ଘର ଭିତରକୁ ପଶି ଯାଇଥିଲା । ଘରେ ଥିବା ସମସ୍ତ ସାମଗ୍ରୀକୁ ନଷ୍ଟ କରିବା ସହ ପ୍ରମୋଦ ଭୋଇଙ୍କୁ ଘର ଭିତରେ ଦଳି ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଛି । ତେବେ ତାଙ୍କ ସ୍ତ୍ରୀ ଅତି ଚତୁରତାର ସହ ଜୀବନ ବିକଳରେ ଦୌଡ଼ି ପଳାଇ ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି । ହାତୀର ଏହି ତାଣ୍ଡବ ଯୋଗୁଁ ପରିବାରର ଘରଦ୍ୱାର ସମ୍ପୂର୍ଣ୍ଣ ଧ୍ୱଂସସ୍ତୂପରେ ପରିଣତ ହୋଇଛି । ଏହି ଘଟଣା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ଲୋକଙ୍କ ମଧ୍ୟରେ ବନ ବିଭାଗ ପ୍ରତି ଅସନ୍ତୋଷ ଦେଖାଦେଇଛି । ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଏବଂ ଅଞ୍ଚଳରୁ ହାତୀକୁ ଘଉଡାଇବା ପାଇଁ ଦାବି କରିଛନ୍ତି ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ

ପରଜଙ୍ଗ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବାରିହାପୁର ଗ୍ରାମ ନିକଟରେ ଯାଇଥିବା ଜାତୀୟ ରାଜପଥ ୫୩ ନଂ ଉପରେ ସୋମବାର ଭୋର ୪ ଟା ବେଳେ ଏକ ଅଜଣା ଗଡ଼ି ଧMIରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ଜଣାପଡି ଅଛି । ଖବର ନେବାରୁ ଜଣା ପଡିଅଛି ଯେ, ମୃତ ବ୍ୟକ୍ତି ବାରିହାପୁର ଗ୍ରାମର ରଘୁନାଥ ସାହୁଙ୍କ ପୁଅ ଅକ୍ଷୟ କୁମାର ସାହୁ ଅଟନ୍ତି । ସେ ଭୋର ସମୟରେ ଜାତୀୟ ରାଜପଥ ୫୩ ନଂ ଉପରେ ଯାଉଥିବା ବେଳେ ହଠାତ୍ ଦୃତ ଗତିରେ ଏକ ଗାଡି ଆସି ଅକ୍ଷୟ ସାହୁଙ୍କୁ ଧକା ଦେଇ ପଳାଇ ଯାଇଥିଲା । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଘଟଣାଟି ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଖୁଣ୍ଟିଆ ଢାବା ନିକଟରେ ଘଟିଥିଲା । ଢ଼ାବାର ପିଲା ମା ଉଠି ଦେଖି ଚିହ୍ନିବା ପରେ ଅକ୍ଷୟଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ପରଜଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଏ ସମ୍ବନ୍ଧରେ ପରଜଙ୍ଗ ଥାନରେ ଏକ କେଶ୍ ରୁଜ୍ କରାଯାଇଛି । ଶବ ବ୍ୟବଚ୍ଛେଦ ପରେ ମୃତ ଶରୀରକୁ ତାଙ୍କର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ତଦନ୍ତ ଜାରି ରହିଛି ଦୁର୍ଘଟଣା ଘଟାଇଥିବା ଗାଡିର କୌଣସି ସନ୍ଧାନ ମିଳିନାହିଁ ।

## ଏମପି ଲ୍ୟାଡ଼ ଫଣ୍ଡ କମିଟିର ସଦସ୍ୟ ହେଲେ ସାଂସଦ

ଅନୁଗୋଳ, (ସବ୍ୟୁ): ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ନୂତନ ଦାୟିତ୍ୱ ମିଳିଛି । ଲୋକସଭାର ବାଚସ୍ପତି ଓମ ବିର୍ଲା ସାଂସଦ ଶ୍ରୀ ପାଣିଙ୍କୁ ଲୋକସଭା ଏମପି ଲ୍ୟାଡ଼ ଫଣ୍ଡ କମିଟି ସଦସ୍ୟ କରିଥିବା ଲିଖିତ ଭାବେ ଜଣାଇଛନ୍ତି । ଉକ୍ତ କମିଟିର ଅଧ୍ୟକ୍ଷ ଭାବେ ସାଂସଦ କୋଡ଼ି କୁନୀଲ ସୁରେଶ ଦାୟିତ୍ୱ ନିର୍ବାହ କରିବେ । ଚଳିତ ସେପେଫମ୍ବର ୧୫ ରୁ ଆସନ୍ତା ୨୦୨୭ ସେପେଫମ୍ବର ୧୫ ପର୍ଯ୍ୟନ୍ତ ବର୍ଷେ ବ୍ୟାପି ଶ୍ରୀ ପାଣି ଉକ୍ତ କମିଟିର ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବେ । ସାଂସଦଙ୍କ ପାଣ୍ଠି ସମ୍ପର୍କିତ ସମସ୍ତ ବିଷୟ ଉପରେ ଉକ୍ତ କମିଟି ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବ ।

# ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ, ବିଧବା ମାନଙ୍କ ପେଟରେ ନାତ ଷ୍ଟାଣୁ ଜିଲ୍ଲା ପ୍ରଶାସନ, ୫ ମାସର ଭତ୍ତା ମିଳିବାକୁ ନେଇ ପ୍ରଶ୍ନବାଚୀ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ରହିଥିବା ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ମାନଙ୍କ ଗତ ୫ମାସ ଧରି ଭତ୍ତା ନପାଇ ଦୁଃଖରେ ରହିଛନ୍ତି । ଏଠି ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିଦା ବିଷ୍ଣୁ ସାଜିଥିବା ବେଳେ ସରକାରଙ୍କ ଉପରେ ମଧ ଅସନ୍ତୋଷ ବୃଦ୍ଧି ପାଉଛି । ହିନ୍ଦୋଳ ଉପଖଣ୍ଡର ଜାତୀୟ ବାର୍ଦ୍ଧକ୍ୟ ପେନସନ ଇନ୍ଦିରାଗାନ୍ଧୀ ଜାତୀୟ ଭତ୍ତାଧାରୀ ହିତାଧିକାରୀଙ୍କୁ ଆଜକୁ ୫ମାସରୁ ଉର୍ଦ୍ଧ ସମୟଧରି ଡିବିଟି ସଂଶୋଧନ ଆଳରେ ସରକାର ଭତ୍ତା ବନ୍ଦକରି ରଖିଛନ୍ତ । ସାମାଜିକ ସହାୟତାରେ ଏକକାଳୀନ ଭତ୍ତା ଦିଆଯିବ କହି ଭଣ୍ଡାଉଛନ୍ତି । ୫ମାସର ଭତ୍ତା ନପାଇ ହିନ୍ଦୋଳ ଏନଏସି ଓ୍ୱାର୍ଡନଂ ୨ର କେଶବ ବେହେରା, ବାସନ୍ତୀ ନାଏକ, ମେଘ ବେଓ୍ୱା, ଓ୍ୱାର୍ଡନଂ ୮ର ପ୍ରତିମା ବେହେରା, ଓ୍ୱାର୍ଡନଂ ୧୧ର ସୁରେଖା ନାଠି ପ୍ରମୁଖ ହିନ୍ଦୋଳ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । କ୍ଷୋଭର ସହିତ କହିଛନ୍ତି ଯେ, ଦିନକୁଦିନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ବଢ଼ାଇ ଚାଲିଥିବାବେଳେ ଆମମାନଙ୍କ ଭଳି ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ ନିଃସହାୟ ଗରିବ ମାନଙ୍କର ୫ମାସର ଭତ୍ତା ବନ୍ଦ କରି ଦେବାରୁ ଦହଗଞ୍ଜ ହୋଇ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଟିକେ କିଣିନପାରି, ମେଡ଼ିସିନ ଟିକେ କିଣିନପାରି ଏବଂ ଖାଇବାକୁ ନପାଇ ମୃତ୍ୟୁକୁ ଏକପ୍ରକାର ଅପେକ୍ଷା କରି ରହିଛୁ । ତେବେ ଉପଜିଲ୍ଲାପାଳ ପଦକ୍ଷେପ ନେବାକୁ ପ୍ରତିଶ୍ରୃତି ଦେଇଥିବା ବେଳେ ସରକାରଙ୍କ ନିୟମ ଅନୁଯାଇ ଡିବିଟି ସଂଶୋଧନ ହେଲାପରେ ହିତାଧିକାରୀ ମାନଙ୍କ ଭତ୍ତା ନିୟମିତ ହେବବୋଲି ନିର୍ବାହୀ ଅଧିକାରୀ କୁହନ୍ତି । ସରକାର ତୁରନ୍ତ ଭତ୍ତା ପ୍ରଦାନପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି ଅଭିଯୋଗକାରି ହିତାଧିକାରୀ ଓ ଜନସାଧାରଣ ।

## ଜାତୀୟ ରାଜପଥରେ ହୃଦୟ ବିଦାରକ ଦୁର୍ଘଟଣା, ୧୦ ଗୋରୁ ମୃତ

ବଆଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଆଁରପାଳ-ଅନୁଗୋଳ ଦେଇ ଯାଇଥିବା ପୁରୁଣା ୫୫ ନମ୍ବର ଜାତୀୟ ରାଜପଥର କାଣ୍ଡସର ଠାରେ ଏକ ହୃଦୟ ବିଦାରକ ସଡ଼କ ଦୁର୍ଘଟଣା ଘଟିଛି । ଗତ ରାତି ପ୍ରାୟ ୩ଟା ସମୟରେ ଏକ ଟ୍ରକ୍ ଧକାରେ ଏକା ଥରକେ ପ୍ରାୟ ୧୦ରୁ ଉର୍ଦ୍ଧ ଗୋରୁଙ୍କ ମତ୍ୟୁ ଘଟିଛି । ମୃତ ଗୋରୁଙ୍କ ମଧ୍ୟରେ ଏକାଧିକ ଗର୍ଭବତୀ ଥିବା ଜଣାପଡ଼ିଛି । ସକାଳେ ଘଟଣା ସ୍ଥଳରେ ଗ୍ରାମବାସୀ ମୃତ ଗୋରୁ ମାନଙ୍କୁ ଦେଖି ନାଲକୋ ନଗର ଥାନା ପୋଲିସକୁ ଖବର ଦେଇଥିଲେ । କାଣ୍ଡସର ଗ୍ରାମବାସୀ, ପୋଲିସ ଓ ଗୋସେବକ ମାନଙ୍କ ସହଯୋଗରେ ମୃତ ଗୋରୁ ଗୁଡ଼ିକୁ ଘଟଣା ସ୍ଥଳରୁ ଉଦ୍ଧାର କରି ପୋତି ଦେଇଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଛେଣ୍ଡିପଦାରୁ ନାଲକୋ ସିପିପିକୁ କୋଇଲା ପରିବହନ କରୁଥିବା ଭାରୀଯାନ ଗୁଡିକ ଦ୍ରୁତଗତିରେ ବେପରୁଆ ଭାବେ ଗାଡି ଚଳାଉ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି । ଦୀର୍ଘ ଦିନ ହେଲା ଜାତୀୟ ରାଜପଥରେ ଷ୍ଟ୍ରିଟ୍ଲାଇଟ୍ ଜଳୁନଥିବାରୁ ରାତ୍ରୀ ସମୟରେ ଯାତାୟାତ ପାଇଁ ବିପଦପୂର୍ଣ୍ଣ ହୋଇପଡିଛି । ରାଜପଥରେ ଭାରୀଯାନର ଗତି ନିୟନ୍ତ୍ରଣ, କରିବା ତୁରନ୍ତ ଷ୍ଟ୍ରିଟ୍ଲାଇଟ୍ ବ୍ୟବସ୍ଥା ସୁଧାର ଆଣିବା ଓ ନିଶା ସେବନ କରି ଗାଡ଼ି ଚଳାଉଥିବା ଡ୍ରାଇଭର ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ନଅ ମାସ ଧରି ମିଳୁନାହିଁ ଭତ୍ତା

# ଜିଲ୍ଲାପାଳଙ୍କୁ ଗୁହାରୀ କଲେ ୫୦ରୁ ଅଧିକ ବୃଦ୍ଧବୃଦ୍ଧା



କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଠାରେ ଚାଲିଥିବା ଜନଅଭିଯୋଗ ଶୁଣାଣୀ ଶିବିରରେ ଭତ୍ତା ନପାଇବାରୁ ପଚାଶରୁ ଅଧିକ ବୃଦ୍ଧ, ବୃଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମାସମାସ ଧରି ଭତ୍ତାରୁ ବଞ୍ଚିତ ପଚାଶରୁ ଉର୍ଦ୍ଧ ବୃଦ୍ଧ, ବୃଦ୍ଧା ଅସନ୍ତୁଷ୍ଟ ହୋଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । କାମାକ୍ଷାନଗର ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଚାଲିଥିବା ବେଳେ ଏପରି ଦେଖିବାକୁ ମିଳିଛି । କାମାକ୍ଷାନଗର ବ୍ଲକର ବାଉଁଶପାଳ ପଞ୍ଚାୟତରେ ପ୍ରାୟ ପଚାଶରୁ ଉର୍ଦ୍ଧ ବୃଦ୍ଧ, ବୃଦ୍ଧା ଦୀର୍ଘ ୯ ମାସ ହେବ ଭତ୍ତା ପାଇନାହାନ୍ତି । ଏନେଇ ଉକ୍ତ ହିତାଧିକାରୀ ମାନେ ଆଜିକୁ ୯ ମାସ ହେବ, ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କାମାକ୍ଷାନଗର ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ଭତ୍ତା ପାଇବାରୁବଞ୍ଚିତ ହୋଇଛନ୍ତି । ଯାହାକୁ ନେଇ ଆଜି ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଭେଟି କିପରି ତୁରନ୍ତ ଭତ୍ତା ପାଇବେ ସେ ନେଇ ଅଭିଯୋଗ କରିଛନ୍ତି ।

# ୪୦ ପେଟି ବିଦେଶୀ ମଦ ଜବତ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାପରଜଙ୍ଗ ଏକ ସାଇଜ୍ କର୍ମଚାରୀ ମାନଙ୍କର ୪୦ ପେଟି ବିଦେଶି ମଦ ଜବତ ହୋଇଥିବା ଜଣାପଡି ଅଛି । ଖବର ନେବାରୁ ଜଣାପଡି ଅଛି ଯେ କୌଣସି ସୂତ୍ରରୁ ଖବର ପାଇ ପରଜଙ୍ଗ ଏକ ସାଇଜ୍ କର୍ମଚାରୀ ମାନେ ପରଜଙ୍ଗ ବ୍ଲକର ମାଣିକ ମାରା ଗ୍ରାମ ମଧ୍ୟରେ ଥିବା ଏକ ରାସନ ଦୋକାନ ଉପରେ ଚଢ଼ାଉ କରିଥିଲେ । ସେହି ରାସନ ଦୋକାନଟି ମାଣିକମରା ଗ୍ରାମର ଲକ୍ଷ୍ମୀଧର ପ୍ରଧାନ ପି. ନିଧିଆ ପ୍ରଧାନଙ୍କର ଅଟେ । ଏକ୍ ସାଇଜ୍ କର୍ମଚାରୀ ମାନେ ସେହି ଦୋକାନ ଉପରେ ଚଢ଼ାଉ କରି ୪୦ପେଟି ବିଦେଶୀ ମଦ, ବିଭିନ୍ନବ୍ରାଣ୍ଡର ଜବତ୍ କରିଛନ୍ତି । ଦୋକାନ ଦାର ଦୋକାନରେ ନଥିଲେ କୌଣସି ସୂତ୍ରରୁ ଖବର ପାଇ ଫେରାର ହୋଇଯାଇଥିଲେ । ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ୫୬ ଲି ୪୬୦ ଗ୍ରାମ ଏବଂ ୮୫ ଲି ୮୦୦ ଗ୍ରାମ ବିଅର ବୋଲି ପଚାରିବାରୁ ଏକ୍ ସାଇଜ୍ ଅଫିସର ବାସନ୍ତି ବାକ୍ଲି ପ୍ରକାଶ କରିଥିଲେ । ଏ ପର୍ଯ୍ୟନ୍ତ କୌଣସି କେସ୍ ରୁଜ୍ କରାଯାଇ ନାହିଁ ।

## ସମବେଦନା ଜଣାଇଲେ କଂଗ୍ରେସ ନେତା ହିମାଂଶୁ ଚାଉଳିଆ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକର ପୂର୍ବତନ ଏନଏସି ଚେୟାରମ୍ୟାନ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତାଙ୍କ ମାତା ଶକୁନ୍ତଳା ମିଶ୍ରଙ୍କ ଦେହାନ୍ତ ଖବର ଶୁଣି କଂଗ୍ରେସ ନେତା ହିମାଂଶୁ ଚାଉଳିଆ ଆଠମଲ୍ଲିକ ଗସ୍ତରେ ଆସି ଶ୍ରୀ ହୋତାଙ୍କ ବାସଭବନକୁ ଯାଇ ଶୋକ ସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ । ଏହି ସମୟରେ ବଡ଼ଭାଇ ସୁଧୀର ମିଶ୍ର, ଶିଶିର ମିଶ୍ର, ସନ୍ତୋଷ କୁମାର ହୋତା ଉପସ୍ଥିତ ଥିଲେ ।

# ସ୍ୱର୍ଗତ ସ୍ନେହଲତାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପ୍ରଭୁ ଶ୍ରୀ ଗଜାନନଙ୍କ ପୂଜା ଉଦେଶ୍ୟରେ ୧୦୦୦୦୧ଟଙ୍କାର ଚେକ୍ ପ୍ରଦାନ



ତାଳଚେର, (ସବ୍ୟୁ) : ତାଳଚେରରେ ରାଜ୍ୟ ପ୍ରସିଦ୍ଧ ଗଣେଶ ପୂଜା ପାଳନ କରାଯାଉଥିବା ବେଳେ ପ୍ରଭୁ ଶ୍ରୀ ଗଜାନନ ୧୦୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି । ତାଳଚେର କାରୀଗରପଡ଼ା ନିବାସୀ ରଞ୍ଜନ ମହାପାତ୍ରଙ୍କ ସହଧର୍ମିଣୀ ସ୍ୱର୍ଗତ ସ୍ନେହଲତା ମହାପାତ୍ର ଗତ ବର୍ଷ ଅଗଷ୍ଟ ମାସରେ ପରଲୋକ ଘଟିଥିଲା । କିନ୍ତୁ ସ୍ୱର୍ଗତ ସ୍ନେହଲତା କାରିଗର ପଡ଼ା ଗଣେଶଙ୍କ ଆସ୍ଥାନ ନିର୍ମାଣ ପାଇଁ ଏକଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ମନସ୍ଥ କରିଥିଲେ । କିନ୍ତୁ ଭଗବାନଙ୍କ ନୀଳା ବିଚିତ୍ର । ସେ ତାଙ୍କର ଇଚ୍ଛା ପୂରଣ ପୂର୍ବରୁ ଆଖି ବୁଜିଲେ । ଏହାକୁ ଦୃଷ୍ଟିରେ ରଖି ସ୍ୱର୍ଗତ ସ୍ନେହଲତାଙ୍କ ସ୍ୱାମୀ ରଞ୍ଜନ ମହାପାତ୍ର ଆଜି ୧୦୦୦୦୧ଟଙ୍କାର ଚେକ୍ କମିଟିର ସଭାପତି ପ୍ରୀତେଶ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ । କମିଟି ପକ୍ଷରୁ ମହାନତା ପ୍ରଦର୍ଶନ କରିଥିବା ରଞ୍ଜନ ମହାପାତ୍ରଙ୍କୁ ଉତ୍ତରୀୟ ଦେଇ ସମ୍ମାନୀତ କରିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରାଯାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଆଗାମୀ ବର୍ଷ ମଧ୍ୟରେ ପ୍ରଭୁ ଗଜାନନଙ୍କ ମୁକୁଟ ନିର୍ମାଣ ପାଇଁ ୫୦ହଜାର ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ସ୍ୱାମୀ ରଞ୍ଜନ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ । ଏଥିରେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ଦାସ, ମିଡ଼ିଆସେଲ ସଂଯୋଜକ ତପନ କୁମାର ମହାରଣା, ସୁମିତ ସାହୁ ସଂଜୟ କୁମାର ମହାପାତ୍ର, ମାନସ ମହାରଣାଙ୍କ ସମେତ କାରୀଗରପଡ଼ା ଗଣେଶ ପୂଜା କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ମହିଳାଙ୍କ ବିରୋଧରେ ଆପତ୍ତିଜନକ ସୋସିଆଲ୍ ମିଡିଆ ବିଷୟବସ୍ତୁ, ଧମକ ଓ ଅପମାନଜନକ ମନ୍ତବ୍ୟ ମାମଲାରେ ଅଭିଯୁକ୍ତ ଗିରଫ

ଅନୁଗୋଳ, (ସବ୍ୟୁ) : ଅନୁଗୋଳ ପୋଲିସ ଶୁଭରାଜ ମାଝୀ (୪୧), ପିତା- ସ୍ୱର୍ଗତ ବୈକୁଣ୍ଠ ମାଝୀ, ଠିକଣା- ଅତ/ପୋ- ଉଗୀ, ଧୋବାସାହି, ମାଳିସାହି, ଥାନା- ଜରପଡ଼ା, ଜିଲ୍ଲା- ଅନୁଗୋଳଙ୍କୁ ଗିରଫ କରିଛି । ଲିଖିତ ଅଭିଯୋଗ ଆଧାରରେ ରୁଜୁ ହୋଇଥିବା ଏହି ମାମଲାରେ ସୋସିଆଲ୍ ମିଡିଆ ମାଧ୍ୟମରେ ଆପତ୍ତିଜନକ, ଅଶ୍ଳୀଳ, ଅପମାନଜନକ ଏବଂ ଧମକପୂର୍ଣ୍ଣ ବିଷୟବସ୍ତୁ ପୋଷ୍ଟ/ପ୍ରସାରଣ କରାଯାଇଥିବା ଅଭିଯୋଗ ରହିଛି । ଏଥିରେ ରକ୍ତଦାନ ଏବଂ ଦୀପ ପ୍ରଜ୍ୱଳନ ସମ୍ପର୍କିତ ଆପତିଜନକ ଓ ଅପମାନଜନକ ମନ୍ତବ୍ୟ ଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ସୋସିଆଲ୍ ମିଡିଆରେ ପ୍ରସାରିତ ବିଷୟବସ୍ତୁରେ କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ ବ୍ୟକ୍ତି/ମହିଳାଙ୍କୁ ଅପହରଣ, ଦୁଷ୍କର୍ମ ଓ ହତ୍ୟା ଭଳି ଗୁରୁତର ଧମକ ମଧ ଦିଆଯାଇଥିବା ଅଭିଯୋଗ ରହିଛି । ଅଭିଯୁକ୍ତ ଶୁଭରାଜ ମାଝୀଙ୍କୁ ୨୧.୦୯.୨୦୨୬ ତାରିଖରେ ଗିରଫ କରାଯାଇଛି । ଗିରଫର କାରଣ ସମ୍ପର୍କରେ ତାଙ୍କୁ ଅବଗତ କରାଯାଇବା ସହିତ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରାଯାଇଛି । ପରେ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇ ଅଦାଲତରେ ହାଜର କରାଯାଇଛି । ଅନୁଗୋଳ ପୋଲିସ ପକ୍ଷରୁ ପୁନର୍ବାର ସ୍ୱଷ୍ଟ କରାଯାଉଛି ଯେ, ସୋସିଆଲ୍ ମିଡିଆର ଦୁରୁପଯୋଗ କରି ଅଶ୍ଳୀଳ, ଆପତ୍ତିଜନକ କିମ୍ବା ଅପମାନଜନକ ବିଷୟବସ୍ତୁ ପ୍ରସାରଣ, ଧମକ, ଭୟଭୀତ କରିବା କିମ୍ବା ମହିଳାଙ୍କ ସମ୍ମାନ ଓ ସୁରକ୍ଷାକୁ ଲକ୍ଷ୍ୟ କରି କୌଣସି ବିଷୟବସ୍ତୁ ପ୍ରଚାର କରାଗଲେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ଅନୁଗୋଳ ଜିଲ୍ଲା ବିଜେପିର କାର୍ଯ୍ୟକାରିଣୀ ବୈଠକ




ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ବିଜେପିର କାର୍ଯ୍ୟକାରିଣୀ ବୈଠକ ଶନିବାର ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସୋମବାର ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ର ଯୋଗଦେଇ ଆଗାମୀ ପଂଚାୟତ, ପୌର ନିର୍ବାଚନ ଉପରେ ବିଜେପିର ରଣନୀତି ଉପରେ ଆଲୋଚନା କରିଥିଲେ । ସମସ୍ତ ବୁଥ ସ୍ତରରେ ସଂଗଠନକୁ ମଜବୁତ କରି ନିର୍ବାଚନ ପାଇଁ ଏବେ ଠାରୁ ପ୍ରସ୍ତୁତ ହେବା ପାଇଁ ଆହ୍ୱାନ ଦେଇଥିଲେ । ସେହିଭଳି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ଯୋଗଦେଇ ମାସେ ବ୍ୟାପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାରେ ସମସ୍ତ ମଣ୍ଡଳରେ କରାଇବା ପାଇଁ ପ୍ରକାଶ କରିଥିଲେ । ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ବିଭିନ୍ନ ସୂତ୍ରରେ ପର୍ଯ୍ୟାୟ କ୍ରମେ ଆଲୋଚନା କରାଯାଇଥିଲା । ଅନ୍ୟତମ ଅତିଥି ଭାବେ ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, ପ୍ରତିମା ମିଶ୍ର, ପ୍ରାକ୍ତନ ବିଧାୟକ ରମେଶ ସାଏ, ଜିଲ୍ଲା ସାଧାରଣ ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## କିଶୋରନଗରରେ ବ୍ଲକ ସ୍ତରୀୟ କ୍ରୀଡ଼ା ମହୋତ୍ସବ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ସ୍ତରୀୟ ବାର୍ଷିକ ଦୌଡ଼କୁଦ ଓ କ୍ରୀଡ଼ା ପ୍ରତିଯୋଗିତା କିଶୋରନଗର ବ୍ଲକ ହଣ୍ଡପା ମହାନଦୀ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଦିନିଆ କ୍ରୀଡ଼ା ମହୋତ୍ସବରେ ବ୍ଲକର ବିଭିନ୍ନ ଅଞ୍ଚଳରୁ କ୍ରୀଡ଼ାବିତମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କିଶୋରନଗରର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଲୁ ପ୍ରଧାନଙ୍କର ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜନତା କଲେଜର ଅଧ୍ୟକ୍ଷ ପ୍ରଶାନ୍ତ ଖମାରୀ ଯୋଗଦେଇ ଉଦଘାଟନ କରିବା ସହ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ । ହଣ୍ଡପା ଥାନା ଅଧିକାରୀ ଅଧିକାରୀ ରାଜେଶ ଶତପଥୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଅନୁକୂଲ୍ୟ ବେହେରା, ପ୍ରଧାନ ଶିକ୍ଷକ ଅଶୋକ କୁମାର ଜେନା, ବ୍ଲକ କ୍ରୀଡ଼ା ପର୍ଯ୍ୟବେକ୍ଷକ ଅରୁଣ କୁମାର ପ୍ରଧାନ ଏବଂ କ୍ରୀଡ଼ା ସମ୍ପାଦକ ବିଶ୍ୱନାଥ ଦେହୁରୀ ମଞ୍ଚାସୀନ ଥିଲେ । ଏହି ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ବାମୁର ଜୋନ, କିଶୋରଗଞ୍ଜ ଜୋନ, ହିମିତିରା ଜୋନ ଏବଂ ହଣ୍ଡପା ଜୋନରୁ ମୋଟ୍ ୨୦୫ ଜଣ କୃତି କ୍ରୀଡ଼ାବିତ ଭାଗ ନେଇ ନିଜର ଖେଳ କୌଶଳ ପ୍ରଦର୍ଶନ କରିଥିଲେ ।

# ପାଲଲହଡା ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱତନ୍ତ୍ର ସଘନ ସଂଶୋଧନ

# ୨୫୪ ମତଦାନ କେନ୍ଦ୍ରରେ ଭୋଟ ଦେବେ ୧, ୬୫,୦୫୮ ଭୋଟର

ପାଲଲହଡା, (ସବ୍ୟୁ) : ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ଅନ୍ତର୍ଗତ ୫୯-ପାଲଲହଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ଆଜି ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରକାଶିତ ହୋଇଛି । ଏଥିରେ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସଂଯୋଗ କରି ଅଯୋଗ୍ୟ ଭୋଟରଙ୍କୁ ଏଥିରୁ ବାଦଦେଇ ଏକ ତ୍ରୁଟିବିହୀନ ଭୋଟର ତାଲିକା ପ୍ରକାଶ କରିବା । ଏହି ସଂଶୋଧନ ପ୍ରକ୍ରିୟା ଗତ ଜୁଲାଇ ୧ ତାରିଖଠାରୁ ଆରମ୍ଭ ହୋଇଥିବାବେଳେ ଆଜି ଏହାର ସମାପ୍ତ ଘଟିଛି । ଚୂଡାନ୍ତ ପ୍ରକାଶନ ଅନୁଯାୟୀ ପାଲଲହଡା ନିର୍ବାଚନ ମଣ୍ଡଳୀରେ ଆଗରୁ ଥିବା ୨୩୯ଟି ମତଦାନ କେନ୍ଦ୍ର ସଂଖ୍ୟା ବଢ଼ି ୨୫୪ଟି ଭୋଟ ଦାନ କେନ୍ଦ୍ରରେ ମୋଟ ଭୋଟର ସଂଖ୍ୟା ୧,୬୫,୦୫୮ ରହିଥିବାବେଳେ ଭୋଟର ତାଲିକାରୁ ମୋଟ ୧୧,୯୩୪ (୬.୮୩%) ଭୋଟର ବିଯୁକ୍ତ ହୋଇଛନ୍ତି । ପାଇଁ ପୁନଶ୍ଚ ଚିଠା ଭୋଟର ତାଲିକା ପ୍ରକାଶନ ପରେ ଦାବି ଓ ଆପତ୍ତି ପର୍ଯ୍ୟାୟରେ ମୋଟ ୨,୨୯୪ ନୂତନ ଭୋଟର ଯୋଗ ହୋଇଥିବାବେଳେ ୬୮ ଜଣ ଭୋଟର ବିଯୁକ୍ତ ହୋଇଛନ୍ତି । ୬୦୮ ଜଣ ଭୋଟରଙ୍କ ତଥ୍ୟ ସଂଶୋଧିତ ହୋଇଛି । ଏହି ଏସଆଇଆରରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଭୋଟର ପଞ୍ଜିକରଣ ଅଧିକାରୀ ତଥା ସ୍ଥାନୀୟ ତହସିଲଦାର ଆକାଂକ୍ଷା ମହାପାତ୍ର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳ ତଥା ସହକାରୀ ଭୋଟର ପଞ୍ଜିକରଣ ଅଧିକାରିଣୀ ଙ୍କ ବିଦୁସ୍ମିତା ସାହୁ ଓ ବିଦୁସ୍ମିତା ପରିଡା ପ୍ରମୁଖ ବହୁ ଉଚ୍ଚ ପଦପଦବୀ ଧାରୀ ସରକାରୀ କର୍ମଚାରୀଙ୍କ ସମେତ ବିଭିନ୍ନ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ଅର୍ଥାତ ଶାସକ ବିଜେପିର ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ ଓ ଲିଙ୍ଗରାଜ ଦାଶ, ବିଜେଡି ବ୍ଲକ ସଭାପତି ଟଂଜିତ କୁମାର ବିଶ୍ୱାଳ ଓ ଦିଲ୍ଲୀପ କୁମାର ଉଦାବଳ, ଭାରତୀୟ ଜାତୀୟ କଂଗ୍ରେସର ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ସାହୁ ଓ ସୁମନ ନାଏକ ପ୍ରମୁଖ ଯୋଗ ଦେଇଥିଲେ ।

## ସମ୍ପାଦକୀୟ

# ମହାନଦୀ ଜଳ ବିବାଦର ସମାଧାନ

ଉଭୟ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ଖୁବ୍ ଶୀଘ୍ର ସମାଧାନ ହୋଇଯିବା ଏନ୍.ଡି.ଏ ଓ ବିଜେପି ସରକାରର ଅନ୍ୟତମ ସଫଳତା ବୋଲି ମନେ ହୋଇଥାଏ । କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଉଭୟ ରାଜ୍ୟର ବିକାଶ ସମ୍ଭବ ହେବ ବୋଲି ଆଶା କରାଯାଉଥିଲା । ଉଭୟ ରାଜ୍ୟରେ ବିଜେପି ସରକାର । ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ । ଏ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କର ସୁଦୃଷ୍ଟି ରହିଛି । ପୁଣି ଛତିଶଗଡ଼ର ରାଜଧାନୀ ରାୟପୁରର ବିଜେପି ବିଧାୟକ ପୁରନ୍ଦର ମିଶ୍ର ଜଣେ ଓଡ଼ିଆ ଓ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ । ସେ ମଧ୍ୟ ଏହି ଦୀର୍ଘଦିନର ଜଳ ବିବାଦର ସମାଧାନ ପାଇଁ ଉଦ୍ୟମ କରି ଆସିଥିଲେ । ଓଡ଼ିଶା ଓ ଛତିଶଗଡ଼ର ଜନସାଧାରଣଙ୍କ ମଧ୍ୟରେ ଅନେକ ସାଂସ୍କୃତିକ ସାମଞ୍ଜସ୍ୟ ରହିଛି । ଛତିଶଗଡ଼ ରାଜ୍ୟରେ ବହୁ ଓଡ଼ିଆ ରହିଛନ୍ତି । ସେ ଦୃଷ୍ଟିରୁ ମହାନଦୀକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ବିବାଦ ହେବାର ନଥିଲା । ଉଭୟ କଂଗ୍ରେସ ଓ ବିଜେଡ଼ି ସରକାର ଏ ସମସ୍ୟାକୁ ଗୁରୁତ୍ୱ ଦେଇ ନଥିଲେ । ମହାନଦୀ ଯେ ଓଡ଼ିଶାର ଜୀବନରେଖା, ତାହା ଭାଷଣରେ କହିବା ସହଜ । ମାତ୍ର କାର୍ଯ୍ୟରେ କରାଯାଉ ନଥିଲା ।

ରାଜନୀତିକ ଫାଇଦା ଉଦ୍ଦେଶ୍ୟରେ ମହାନଦୀ ଜଳ ବିବାଦ ଉପରେ ବିଜେଡ଼ି ବା ଏହାର ନେତା ନବୀନ ପଟ୍ଟନାୟକ ଅଯଥାରେ ଗର୍ଜନ କରି ଆସୁଥିଲେ, ଧାରଣା ଦେଉଥିଲେ । ଏବର ବିରୋଧୀ ଦଳର ନେତା ତଥା ବିଦାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୭ରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି, ଦଶ ବର୍ଷ ତଳେ ୨୦୧୬ରେ ଘୋଷଣା କରିଥିଲେ ଯେ ନିଃଶ୍ୱାସ ଥିଲା ଯାଏଁ ସେ ମହାନଦୀ ଜଳ ବିବାଦ ବିରୋଧରେ ଲଢ଼େଇ ଜାରି ରଖିବେ । କିନ୍ତୁ କ'ଣ ହେଲା ? ପୂର୍ବତନ ମନ୍ତ୍ରୀ ଓ ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳକୁ ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ଛତିଶଗଡ଼ ପଠାଇଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ରମଣ ସିଂହ ବା ଅନ୍ୟ ମନ୍ତ୍ରୀଙ୍କୁ ଏହି ପ୍ରତିନିଧି ଦଳ ଦେଖା ପାଇ ନଥିଲେ । ଶେଷରେ ସେମାନେ ଛତିଶଗଡ଼ର ଜଳସମ୍ପଦ ବିଭାଗର ସଚିବଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇ ଫେରି ଆସିଥିଲେ । ବିଗତ ସରକାରଙ୍କର କାର୍ଯ୍ୟଦକ୍ଷତା ଏଥିରୁ ପ୍ରମାଣିତ ହୋଇଥିଲା ।

**ଦଶ ବର୍ଷ ତଳେ, ୨୦୧୬ ମସିହାରେ ଗତ ସେପ୍ଟେମ୍ବର ୨୩ ଓ ୨୪ ତାରିଖରେ ଓଡ଼ିଶା ବିଧାନସଭାରେ ମହାନଦୀ ଜଳ ବଣ୍ଟନ ସମସ୍ୟା ଓ ପୋଲାଭରମ ପ୍ରକଳ୍ପ ଉପରେ ଘମାଘୋଟ ଆଲୋଚନା ହୋଇଥିଲା । ନବୀନ ପଟ୍ଟନାୟକ ସେତେବେଳେ ବିଧାନସଭା ଗୃହର ନେତା ଓ ମୁଖ୍ୟମନ୍ତ୍ରୀ । ମାତ୍ର ରାଜ୍ୟର ସ୍ୱାର୍ଥ ଅପେକ୍ଷା ଦଳର ସ୍ୱାର୍ଥକୁ ସେ ଗୁରୁତ୍ୱ ଦେଇଥିବାରୁ ମହାନଦୀ ଜଳ ବିବାଦର ସମାଧାନ ହୋଇ ପାରି ନଥିଲା । ପରବର୍ତ୍ତୀ ସମୟରେ ବିଜେଡ଼ି ଆଉ କ୍ଷମତାସୀନ ନ ହୋଇ ବିଜେପି କ୍ଷମତାକୁ ଆସିଲା । ମାତ୍ର ଦୁଇ ବର୍ଷ ମଧ୍ୟରେ, ଡବଲ ଇଞ୍ଜିନ ସରକାର କ୍ଷମତାସୀନ ହୋଇଥିବାରୁ ଦୀର୍ଘ ଦିନରୁ ପଡ଼ି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାସ୍ତା ପରିଷ୍କୃତ ହୋଇ ପାରିଛି । ତାହା ହିଁ ରାଜ୍ୟବାସୀଙ୍କ ପାଇଁ ଆନନ୍ଦର କଥା ।**

ମାତ୍ର ଏବେ ଓଡ଼ିଶାକୁ ଏକ ଦୁଇଦିନିଆ ଗସ୍ତରେ ଆସିଥିବା ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ ଓ ଆମ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଉପସ୍ଥିତିରେ ଖୁବ୍ ଶୀଘ୍ର ମହାନଦୀ ଜଳ ବିବାଦର ସମାଧାନ ହୋଇଯିବ ବୋଲି ଘୋଷଣା କରିଥିଲେ । ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଘରକୁ ଆସି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଜନ୍ମ ପକ୍ଷରେ ମହାନଦୀ ବିବାଦର ଆଶୁ ସମାଧାନ କରାଯିବା ନେଇ ଉଭୟ ସହମତି ପ୍ରକାଶ କରିଥିଲେ । ଛତିଶଗଡ଼କୁ ଫେରିଯିବା ବାଟରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ମହାନଦୀ ଜଳ ବିବାଦର ଆଶୁ ସମାଧାନ ହେବ ବୋଲି ଘୋଷଣା କରିବା ସହିତ ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ବିକାଶ ପାଇଁ ଦ୍ୱିପାକ୍ଷିକ ଆଲୋଚନା ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଛି ବୋଲି ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ପ୍ରକାଶ କରିଛନ୍ତି ।

ଦଶ ବର୍ଷ ତଳେ, ୨୦୧୬ ମସିହାରେ ଗତ ସେପ୍ଟେମ୍ବର ୨୩ ଓ ୨୪ ତାରିଖରେ ଓଡ଼ିଶା ବିଧାନସଭାରେ ମହାନଦୀ ଜଳ ବଣ୍ଟନ ସମସ୍ୟା ଓ ପୋଲାଭରମ ପ୍ରକଳ୍ପ ଉପରେ ଘମାଘୋଟ ଆଲୋଚନା ହୋଇଥିଲା । ନବୀନ ପଟ୍ଟନାୟକ ସେତେବେଳେ ବିଧାନସଭା ଗୃହର ନେତା ଓ ମୁଖ୍ୟମନ୍ତ୍ରୀ । ମାତ୍ର ରାଜ୍ୟର ସ୍ୱାର୍ଥ ଅପେକ୍ଷା ଦଳର ସ୍ୱାର୍ଥକୁ ସେ ଗୁରୁତ୍ୱ ଦେଇଥିବାରୁ ମହାନଦୀ ଜଳ ବିବାଦର ସମାଧାନ ହୋଇ ପାରି ନଥିଲା । ପରବର୍ତ୍ତୀ ସମୟରେ ବିଜେଡ଼ି ଆଉ କ୍ଷମତାସୀନ ନ ହୋଇ ବିଜେପି କ୍ଷମତାକୁ ଆସିଲା । ମାତ୍ର ଦୁଇ ବର୍ଷ ମଧ୍ୟରେ, ଡବଲ ଇଞ୍ଜିନ ସରକାର କ୍ଷମତାସୀନ ହୋଇଥିବାରୁ ଦୀର୍ଘ ଦିନରୁ ପଡ଼ି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାସ୍ତା ପରିଷ୍କୃତ ହୋଇ ପାରିଛି । ତାହା ହିଁ ରାଜ୍ୟବାସୀଙ୍କ ପାଇଁ ଆନନ୍ଦର କଥା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ବଳିଦାନର ପୁଣ୍ୟ ପୀଠ ଇରମ୍ ଓ ଲୁଣିଆ



ପ୍ରହଲାଦ କୁମାର ସିଂହ

ଦେଶମୁକ୍ତି ଯଜ୍ଞରେ ରକ୍ତତୀର୍ଥ ଇରମ୍‌ର ବଳିଦାନ ଇତିହାସ ଅବିସ୍ମରଣୀୟ । ୧୯୪୨ର ଭାରତଛାଡ଼ ଆନ୍ଦୋଳନ ସମୟରେ ଏଇଠି ସୃଷ୍ଟି ହୋଇଥିଲା ଭିନ୍ନ ଏକ ଜାଲିଆନାୱାଲାବାଗ୍ । ଇରମ୍ ଗୁଳିକାଣ୍ଡରେ ୨୯ଜଣ ଶହୀଦ ହୋଇଥିବାବେଳେ ଆଉ ୫୬ଜଣ ସଂଗ୍ରାମୀ ଆହତ ହୋଇଥିଲେ । ଗୁଳିବିଦ୍ଧ ଆହତ ସଂଗ୍ରାମୀଙ୍କ ମଧ୍ୟରୁ କିଛିଦିନ ଭିତରେ କେତେକଙ୍କ ଦେହାନ୍ତ ହୋଇଥିବାବେଳେ ଅନ୍ୟ ମାନେ ଅବିଶିଷ୍ଟ ଜୀବନକାଳ ପାଇଁ ପଙ୍ଗୁ ହୋଇ ଯାଇଥିଲେ ।

ଭଦ୍ରକ ସବ୍‌ଡିଭିଜନ୍‌ର ବାସୁଦେବପୁର ଥାନା ଅନ୍ତର୍ଗତ ଇରମ୍ ମାଟି ଦେଶମାତୃକା ପାଇଁ ବଳିଦାନର କଥା କହି ଆସିଛି । ୧୯୨୧ ଜୁନ୍ ୧୪ରେ ଇରମ୍ ମେଳଣ ପଡ଼ିଆରେ ସଭା କରିଥିଲେ ପଣ୍ଡିତ ଗୋପବନ୍ଧୁ ଦାସ । ଇରମ୍ ମାଟିକୁ ପ୍ରଣାମ ଜଣାଇ ଦାସେ ଆପଣେ କହିଥିଲେ, 'ଦେଶ, ଜାତି, ପ୍ରୀତି, ସରସ୍ୱତୀ ନଦୀ / ବହୁଛି ଇରମେ ଶତମାର୍ଗେ ଭେଦି / ଅନ୍ତଃସଲିଳା ଏ ସାରା ଭାରତେ / ଜାତୀୟତା ଧାରେ ବହିବ ନିରତେ / ଦେଶାତ୍ମବୋଧର ଚାରୁ ଗନ୍ତାଘର / ଇରମ ସୁରମ୍ୟ ଜାତୀୟ ନଗର ।' ଏହାପରେ ଇରମ୍ ମାଟିର ବିପ୍ଳବୀ କବି ବାଞ୍ଛାନିଧି ମହାନ୍ତି ପଚାରିଥିଲେ– 'କହ କହ କେଉଁ ଜାତି ପାଇଛି ମୁକତି କରି ହାରିହୁରି ଗୁହାରି / କହ ପାଇଛି କେ ସୁଖ, ନିଭାଇଛି ଦୁଃଖ ମାଗି ମାଗି ପଥ ଭିକାରି ।' ସେ ପୁଣି ଲେଖିଲେ 'କି ହେବ ସେ ସ୍ୱରାଜ ଘେନି ଯଦି ମୋର ନପୁରେ ପେଟ...।' ଜାତୀୟ କବି ବାଞ୍ଛାନିଧିଙ୍କ ମହାପ୍ରୟାଣ ପରେ ଇରମ୍ ଅଞ୍ଚଳର ୬ଟି ପଞ୍ଚାୟତର ୨୬ଟି ଗାଁକୁ ନେଇ ପ୍ରାୟ ୧୯ ବର୍ଗମାଇଲ ଅଞ୍ଚଳରେ ଭାରତ ଛାଡ଼ ଆନ୍ଦୋଳନ କାଳରେ ୧୯୪୨ ସେପ୍ଟେମ୍ବର ୧୭ ତାରିଖରେ 'ସ୍ୱାଧୀନ ବାଞ୍ଛାନିଧି ଚକଡ଼ା' ଗଠନ କରାଯାଇ ଲୋକେ ସେ ଅଞ୍ଚଳକୁ ସ୍ୱାଧୀନ ଘୋଷଣା କଲେ । ଏହି ସ୍ୱାଧୀନ କ୍ଷେତ୍ରରେ ଗୌରାଙ୍ଗ ଚରଣ ମହାନ୍ତିଙ୍କୁ ପ୍ରଧାନମନ୍ତ୍ରୀ ଓ କମଳା ପ୍ରସାଦ କରଙ୍କୁ ମୁଖ୍ୟ କମାଣ୍ଡର ଭାବେ ମନୋନୀତ କରାଗଲା ଏବଂ ଅର୍ଜୁନ ବିଶ୍ୱାଳଙ୍କ ଘରେ ସ୍ୱାଧୀନ ସରକାରର ଦପ୍ତର ଚାଲିଥିଲା । ସେ ଅଞ୍ଚଳର ଲୋକେ ମରଣ ସେନା ଗଢ଼ି ଦେଶ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ହୋଇଥିଲେ । ଏମାନଙ୍କୁ ଦବାଇବା ପାଇଁ ବାସୁଦେବପୁରରୁ ପୋଲିସ ଫୌଜ ଆସିବାରୁ ଲୋକେ ଶଙ୍ଖଧ୍ୱନି କରି ହଜାର ହଜାର ସଂଖ୍ୟାରେ ମେଳଣ ପଡିଆ ଆଡକୁ ମାଡି ଆସିଲେ । ଇରମ୍ ମେଳଣ ପଡ଼ିଆର ତିନିପଟ ଆବଦ୍ଧ ଓ ଗୋଟିଏ ପଟ ଖୋଲା ଥିଲା ।

**୧୯୪୨ ସେପ୍ଟେମ୍ବର ୨୮ ସନ୍ଧ୍ୟାରେ ଏଠାରେ ସଭା ଚାଲିଥିବାବେଳେ ବିନା ସତର୍କ ସୂଚନାରେ ପୁଲିସ ହଠାତ୍ ଗୁଳି ଚାଳନା କଲା । ଘଟଣାସ୍ଥଳରେ ଜଣେ ମହିଳା ପରି ବେୱାଙ୍କ ସମେତ ୨୮ଜଣ ଓ ପରେ ଜେଲ୍‌ରେ ଆଉ ଜଣେ ଆହତଙ୍କ ମୃତ୍ୟୁ ହେଲା ।** ବର୍ବରୋଚିତ ଗୁଳିକାଣ୍ଡ ପରେ ଅନେକ ଶହୀଦଙ୍କ ଶବକୁ ସେହି ମେଳଣ ପଡିଆରେ ପୁଲିସ ପୋତି ଦେବା ସହ ବ୍ୟାପକ ଗିରଫଦାରୀ ଓ ଅତ୍ୟାଚାର ଚଳାଇଥିଲା। ଇରମ୍‌ରେ ଗୁଳିକାଣ୍ଡରେ ଶହୀଦ ହୋଇଥିଲେ ପରୀ ବେୱାଙ୍କ ସମେତ ଗୋପାଳ ଚରଣ ଦାସ, ବିଶ୍ୱନାଥ ଦାସ, ବିଜୁଳି ଦାସ, ହୃଷୀକେଶ ବେହେରା, ମଦନ ପଲାଇ, ବଲ୍ଲଭ ବେହେରା, ମାଘ ମହାଳିକ, ଭୁଆ ମାଝି, କାଳୀ ମାଝି, ରାଧୁ ମହାଳିକ, ଧ୍ରୁବଚରଣ ଦେ, ବାସୁଦେବ ସାହୁ, ହରି ବେହେରା, କୃଷ୍ଣଚନ୍ଦ୍ର ସ୍ୱାଇଁ, ମଣି ବେହେରା, ନିଧି ମଳିକ, ବୃନ୍ଦାବନ ପଣ୍ଡା, ଭାବନ ରାଉତ, ଶଙ୍କର ମଳିକ, ଦିବାକର ପାଣିଗ୍ରାହୀ, ଉପ ମଳିକ, ରାମ ମାଝି, କୃପାସିନ୍ଧୁ ବେହେରା, ଜଟି ସାହୁ, ରତ୍ନାକର ପାଣି, ମଣି ପ୍ରଧାନ, ପରୀ ଦାସ ଓ ଗୋବିନ୍ଦ ରାଉତଙ୍କ ଭଳି ନିରସ୍ତ୍ର ସତ୍ୟାଗ୍ରହୀ ସଂଗ୍ରାମୀମାନେ ।

ଇରମ୍ ନରସଂହାର ପରେ ବ୍ରିଟିଶ ସରକାର ଏକ ତଦନ୍ତ କମିଶନ ବସାଇ ଥିଲେ । ସରଜମିନ ତଦନ୍ତ ପରେ ସରକାରଙ୍କୁ ଦିଆଯାଇଥିବା ବିସ୍ତୃତ ରିପୋର୍ଟରେ ପୁଲିସ ମାତ୍ରାଧିକ୍ୟ ବର୍ବରତା କରିଥିବା ଉଲ୍ଲେଖ କରାଯାଇଥିଲା। ଗୁଳିକାଣ୍ଡ ପାଇଁ ମାଜିଷ୍ଟ୍ରେଟ୍ ଆଦେଶ ଦେବା ତ ଦୂରର କଥା, ଘଟଣାସ୍ଥଳରେ କୌଣସି ମାଜିଷ୍ଟ୍ରେଟ୍ ଉପସ୍ଥିତ ନଥିବା ଏଥିରେ ସ୍ୱୀକାର କରାଯାଇଥିଲା। ମୋଟାମୋଟି ଭାବେ ଇରମ୍ ନରସଂହାର ପାଇଁ ସରକାର ନିଜକୁ ଦାୟୀ କରିବା ପରିବର୍ତ୍ତେ ଏହା ଜଣେ ପୁଲିସ ସବ୍ ଇନ୍ସପେକ୍ଟରଙ୍କ ଦାୟିତ୍ୱହୀନତା ଯୋଗୁ ଘଟିଥିଲା ବୋଲି ମନ୍ତବ୍ୟ ଦେଇ ପୁଲିସ ଚାହିଁଥିଲେ ପ୍ରତିଷେଧମୂଳକ ପଦକ୍ଷେପ ନେଇପାରିଥାନ୍ତା ବୋଲି ଉଲ୍ଲେଖ କରିଥିଲେ ।

**ଏହି ନରସଂହାରର ମାତ୍ର ୬ଦିନ ପୂର୍ବରୁ ଭଦ୍ରକ ସବ୍‌ଡିଭିଜନ୍‌ର ଧାମନଗର ଥାନା ଅନ୍ତର୍ଗତ ଲୁଣିଆଠାରେ ସେପ୍ଟେମ୍ବର ୨୨ ତାରିଖରେ ପୁଲିସ ଗୁଳିରେ ୯ଜଣ ସତ୍ୟାଗ୍ରହୀ ଶହୀଦ ହୋଇଥିବାବେଳେ ଅନେକ ଆହତ ହୋଇଥିଲେ । ଲୁଣିଆ ଗୁଳିକାଣ୍ଡ ପୂର୍ବରୁ ସେପ୍ଟେମ୍ବର ୫ ତାରିଖରେ ଧୁଷୁରୀଠାରେ ଲୋକେ ଚୌକିଦାର ଓ ଦଫାଦାରମାନଙ୍କ ସରକାରୀ ପୋଷାକ ପୋଡ଼ି ଦେଇଥିଲେ । ଏହାର ତଦନ୍ତ କରିବା ପାଇଁ ସେତେବେଳର ବାଲେଶ୍ୱର ଏସ୍‌ପି ଆସିଥିଲେ ମଧ୍ୟ ସତ୍ୟାଗ୍ରହୀମାନଙ୍କ ବିରୋଧ ଯୋଗୁଁ ତାହା ସମ୍ଭବପର ହୋଇ ନଥିଲା ।** ଧୁଷୁରୀ ଅଞ୍ଚଳକୁ ସେତେବେଳେ ବି ସ୍ୱାଧୀନ ଘୋଷଣା କରାଯାଇ ଥିଲା । ଧାମନଗର ଅଞ୍ଚଳର ଅନ୍ୟତମ ସଂଗ୍ରାମୀ ମୁରଲୀଧର ପଣ୍ଡାଙ୍କ ବାର୍ତ୍ତା ନେଇ ଅନ୍ୟ ଜଣେ ଅଗ୍ରଣୀ ଯୁବ ସଂଗ୍ରାମୀ ମୁରଲୀଧର ଜେନା ଭଦ୍ରକ ଯାଇଥିବାବେଳେ ଭଦ୍ରକ ସହରର କୁଆଁସଠାରେ ଗିରଫ ହୋଇଥିଲେ । ତାଙ୍କ ପାଖରୁ ଯେଉଁ ଚିଠି ଜବତ କରାଯାଇଥିଲା ସେଥିରୁ ସେପ୍ଟେମ୍ବର ୨୫ରେ ସଂଗ୍ରାମୀମାନେ ଭଦ୍ରକ ଦଖଲ କରି ସ୍ୱାଧୀନ ଘୋଷଣା କରିବେ ବୋଲି ସୂଚନା ଥିଲା । ଏହା ଜାଣିବା ପରେ ପୁଲିସ ଫୌଜ ସେପ୍ଟେମ୍ବର ୨୨ ସକାଳେ ସଂଗ୍ରାମୀ ମୁରଲୀଧର ପଣ୍ଡାଙ୍କ ଲୁଣିଆ-କଟସାହିସ୍ଥିତ ବାସଭବନ ଉପରେ ଚଢ଼ଉ ପାଇଁ ପହଞ୍ଚିଥିଲେ । ପୁଲିସ ଆସୁଥିବା ଜାଣି ଲୋକେ ଶଙ୍ଖ, ଘଣ୍ଟ ଧ୍ୱନୀ କରିବାରେ ଆଖପାଖ ଅଞ୍ଚଳରୁ ପ୍ରାୟ ୬ ହଜାର ଲୋକ ଏକାଠି ହୋଇ ପୁଲିସ ଫୌଜକୁ ଘେରି ଯାଇଥିଲେ । ସେମାନେ ବସ୍ତୁତଃ ସଶସ୍ତ୍ର ପୁଲିସ ବାହିନୀକୁ ନିକଟସ୍ଥ ଚାନ୍ଦିଆପୋଷି ପଡ଼ିଆକୁ ତଡ଼ିନେବା ସହିତ ସେମାନଙ୍କଠାରୁ ବନ୍ଧୁକ, ଗୁଳି ଆଦି ଜବତ କରିଥିଲେ । ଏ ପରିପ୍ରେକ୍ଷୀରେ ପୁଲିସ କାକୁତିମିନତି ହୋଇ ଆନ୍ଦୋଳନକାରୀଙ୍କ ପ୍ରତି ସମର୍ଥନ ଥିବାର ଛଳନାତ୍ମକ ବକ୍ତବ୍ୟ ରଖିଥିଲା । ବନ୍ଧୁକ, ଗୁଳି ନ ଫେରାଇଲେ ସେମାନଙ୍କ ବିରୋଧରେ ଇଂରେଜ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ନେହୁରା ହେବାରେ ଲୋକେ ଦୟାପରବଶ ହୋଇ ବନ୍ଧୁକ ଆଦି ଫେରାଇ ଦେଇଥିଲେ । କିନ୍ତୁ ସର୍ତ୍ତ ମୁତାବକ ପୁଲିସ ବାହିନୀ ଫେରିଯିବା ପରିବର୍ତ୍ତେ ବିଶ୍ୱାସଘାତକତା କରି ଆଖିବୁଜା ଗୁଳି ଚଳାଇବାରୁ ଘଟଣାସ୍ଥଳରେ ୭ଜଣ ଓ ପରେ ପରେ ଆଉ ଦୁଇଜଣ ସଂଗ୍ରାମୀଙ୍କ ମୃତ୍ୟୁ ହୋଇ ଥିଲା । ଏହାପରେ ଶହ ଶହ ସତ୍ୟାଗ୍ରହୀ ମୃତାହତମାନଙ୍କ ଶରୀରକୁ ଭଦ୍ରକ ଡାକ୍ତରଖାନା ପର୍ଯ୍ୟନ୍ତ ନେଇଥିଲେ । ଆହତମାନଙ୍କୁ ଭଦ୍ରକରେ ଚିକିତ୍ସା କରାଯିବା ସହିତ ସସମ୍ମାନେ ଡାକ୍ତରଖାନାର ଅନତିଦୂରରେ ଶହୀଦମାନଙ୍କ ଶବ ସତ୍କାର କରିଥିଲେ । ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଚାନ୍ଦିଆପୋଷିର ରକ୍ତତୀର୍ଥକୁ ଶହୀଦନଗର ଭାବେ ନାମିତ କରିଥିଲେ । ଲୁଣିଆ ଗୁଳିକାଣ୍ଡ ପରେ ବି ପୁଲିସର ଦମନଲୀଳା ବଢ଼ିଥିଲା ଏବଂ ସେ ଅଞ୍ଚଳରେ ମଧ୍ୟ ପିଟୁଣି ଟିକସ ଆଦାୟ କରାଯିବା ସଙ୍ଗେ ସଙ୍ଗେ ଅନେକ ସଂଗ୍ରାମୀଙ୍କୁ ଗିରଫ କରା ଯାଇଥିଲା ।

ଲୁଣିଆ ଗୁଳିକାଣ୍ଡରେ ନିଧି ମହାଳିକ, ଶ୍ୟାମ ମହାଳିକ, କୃଷ୍ଣ ମହାଳିକ, ନବ କୁମାର ନାୟକ, ଗୌରହରି ଜେନା, ଚିନ୍ତାମଣି ଦାସ, ଗୋପୀନାଥ ଜେନା, ଶଙ୍କର ବେହେରା ଓ ଅଗଣି ସାହୁ ଶହୀଦ ହୋଇଥିଲେ । ଲୁଣିଆ ଗୁଳିକାଣ୍ଡର ସପ୍ତାହେ ନପୁରୁଣୁ ତୁଡ଼ିଗଡ଼ିଆ-ଖଇରାଡିହିରେ ପୁଲିସର ନିର୍ମମ ଗୁଳିଚାଳନାରେ ୩ଜଣ ସତ୍ୟାଗ୍ରହୀ ଦେଶ ପାଇଁ ଜୀବନ ଦେଇଥିଲେ । ଏମାନେ ହେଲେ ମକର ଲେଙ୍କା, ରଘୁନାଥ ବେହେରା ଓ କେଲୁ ସାହୁ ।

ଏଠି ବି ଅନେକ ସଂଗ୍ରାମୀ ଗୁଳିମାଡ଼ ଓ ପୁଲିସ ଅତ୍ୟାଚାରରେ ଆହତ ହୋଇଥିଲେ । ଏସବୁ ଗୁଳିକାଣ୍ଡ ପୂର୍ବରୁ ଭଦ୍ରକ ସବ୍‌ଡିଭିଜନ୍‌ର ଭଣ୍ଡାରୀପୋଖରୀରେ ୧୯୪୨ ଅଗଷ୍ଟ ୧୭ରେ ବିକ୍ଷୁବ୍ଧ ଜନତା ସେମାନଙ୍କ କ୍ରୋଧ ବ୍ୟକ୍ତ କରି ଫାଣ୍ଡି ପୋଡ଼ିଥିଲେ । ଏହାଛଡ଼ା ଟେଲିଗ୍ରାଫ୍ ଲାଇନ୍ କାଟିବା ସହିତ ରାସ୍ତା ଉପରୁ ପୋଲ ଉଡ଼ାଇ ଦେଇଥିଲେ ଏବଂ ଡାକଘର, ଟ୍ରେଜେରୀ ଆଦି ଉପରେ ମଧ୍ୟ ଆକ୍ରମଣ ହୋଇଥିଲା ଏବଂ କେତେକ ପୁଲିସ ସେମାନଙ୍କ ଆକ୍ରମଣରେ ଆହତ ହୋଇଥିଲେ । ଭଣ୍ଡାରୀପୋଖରୀ ଅଞ୍ଚଳରେ ବ୍ୟାପକ ହିଂସାକାଣ୍ଡ ପରେ ସେ ଅଞ୍ଚଳରେ ବି ପିଟୁଣି ଟିକସ ଲାଗୁ କରାଯିବା ସହ ଗାଁ ଗାଁରେ ପୁଲିସର ବର୍ବରତା ବଢ଼ିଥିଲା ଏବଂ ଅନେକ ସତ୍ୟାଗ୍ରହୀଙ୍କୁ ଗିରଫ କରାଯାଇଥିଲା । ଏଠାରେ ଉଲ୍ଲେଖନୀୟ ଯେ ଭାରତଛାଡ଼ ଆନ୍ଦୋଳନ ପୂର୍ବରୁ ଧାମନଗର, ଧୁଷୁରୀ, ଭଦ୍ରକ ଆଦି ଅଞ୍ଚଳକୁ ମୀରା ବେନ୍ ଗସ୍ତ କରି ଲୋକଙ୍କୁ ଉତ୍ସାହିତ କରିଥିଲେ । ଗାନ୍ଧିଜୀ ଇଂରେଜ ସରକାରଙ୍କୁ 'ଭାରତଛାଡ଼' ଆନ୍ଦୋଳନ ସହିତ ଭାରତୀୟମାନଙ୍କୁ 'କର ବା ମର' ଡାକରା ଦେବା ପରେପରେ ବମ୍ବେରେ ହରେକୃଷ୍ଣ ମହତାବ ଗିରଫ ହୋଇଥିଲେ । ତେବେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କରୁଣାକର ପାଣିଗ୍ରାହୀ, ରବୀନ୍ଦ୍ର ମୋହନ ଦାସ, ଭୈରବଚନ୍ଦ୍ର ମହାପାତ୍ର, ମହମ୍ମଦ ହନିଫ୍, ନନ୍ଦକିଶୋର ଦାସ, ଜଗନ୍ନାଥ ଦାସ, ଦ୍ୱାରିକାନାଥ ଦାସ, ନୀଳାମ୍ବର ଦାସ, ମୁରଲୀଧର ପଣ୍ଡା, ମୁରଲୀଧର ଜେନା, ବୈଦ୍ୟନାଥ ରାଉତ, କମଳାକାନ୍ତ କର, ଚକ୍ରଧର ବେହେରା, ମୁକୁନ୍ଦ ପ୍ରସାଦ ଦାସ ଆଦି ଶତାଧିକଙ୍କ ସଂଯୋଜନାରେ ଆନ୍ଦୋଳନ ଜୋରଦାର ହୋଇଥିଲା । ଲାଭ କ୍ଷତିର ହିସାବ ନକରି ଏବଂ କ'ଣ ପାଇବେ ଓ କ'ଣ ହରାଇବେ ସେକଥା ଚିନ୍ତା ନକରି ଦେଶ ମାତୃକାକୁ ଫିରିଙ୍ଗି ଶାସନରୁ ମୁକୁଳାଇବା ପାଇଁ ଲୋକେ ଜୀବନ ପଣ କରି ସେତେବେଳେ ଲଢ଼ିଥିଲେ ।

ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧିଙ୍କ ଭଦ୍ରକ, ବାଲେଶ୍ୱର, ଭଣ୍ଡାରୀପୋଖରୀ ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ବାରମ୍ବାର ଗସ୍ତ ଲୋକଙ୍କ ମଧ୍ୟରେ ଯେଉଁ ନିର୍ଭୀକପଣ ସୃଷ୍ଟି କରିଥିଲା ତାର ଝଲକ ଦେଖିବାକୁ ମିଳିଲା ଇରମ୍, ଲୁଣିଆ, ତୁରିଗଡ଼ିଆ-ଖଇରାଡିହି, ଧାମନଗର, ଧୁଷୁରୀ, ଭଣ୍ଡାରୀପୋଖରୀ ଆଦିର ଅବିସ୍ମରଣୀୟ ସଂଗ୍ରାମରେ । ଭାରତଛାଡ଼ ଆନ୍ଦୋଳନ କାଳରେ ମାଥିଲି, ପାପଡ଼ାହାଣ୍ଡି, କାଇପଡ଼ା-କଳାମାଟିଆ, ନିମାପଡ଼ା ଆଦି ସ୍ଥାନରେ ଲୋକେ ପୁଲିସ ଗୁଳି ଆଗରେ ଛାତି ପତାଇ ଦେଇଥିଲେ । ଶହୀଦ ଲକ୍ଷ୍ମଣ ନାଏକ ଫାଶୀ ଖୁଣ୍ଟରେ ଝୁଲିଲେ । ଏହି ଆନ୍ଦୋଳନ କାଳରେ ଓଡ଼ିଶାର ଶତାଧିକ ସଂଗ୍ରାମୀ ଦେଶ ମାତୃକାକୁ ବନ୍ଧନମୁକ୍ତ କରିବା ପାଇଁ ପ୍ରାଣବଳି ଦେଇଥିବାବେଳେ ହଜାର ହଜାର ସଂଗ୍ରାମୀ କାରା ଓ ନିର୍ଯାତନା ବରଣ କରିଥିଲେ । ଓଡ଼ିଶାର ମାତୃଶକ୍ତି ଦେଶମୁକ୍ତି ଯଜ୍ଞରେ ଆଗରେ ଥିଲା । ସ୍ୱାଧୀନତା ପ୍ରାପ୍ତିର ୮୦ବର୍ଷରେ ସ୍ୱାଧୀନ ଭାରତର ସ୍ୱରୂପ ଏବେ କଣ? ଯେଉଁମାନେ ସ୍ୱାଧୀନତା ପାଇଁ ଜୀବନ ଦେଲେ ଏବଂ କାରା ଓ ନିର୍ଯାତନା ବରଣ କଲେ ସେମାନଙ୍କ ସ୍ୱପ୍ନ ଓ ସ୍ୱାଧୀନତାର ଘୋଷିତ ପ୍ରତିଶ୍ରୁତି କେତେଦୂର ରୂପାୟିତ ହୋଇଛି ? ଦେଶ ଉପରେ ୨୦୦ଲକ୍ଷ କୋଟି ଟଙ୍କାର ଋଣ ବୋଝ କାହିଁକି? ଗ୍ରାମ ସ୍ୱରାଜ, ସ୍ୱଦେଶୀ, ସ୍ୱାଭିମାନ, ସ୍ୱାବଲମ୍ବନ ଆଦିକୁ କବର ଦେଇ କାହିଁକି ଆମେ ବେକାରୀ, ବେରୋଜଗାରୀ ଆଦିରେ ଘାଣ୍ଟି ହେଉଛୁ ? ଆମ ଗଣତନ୍ତ୍ରର କାହିଁକି ଭୂଷଣ ହୋଇଛି ଦୁର୍ନୀତି, ଭ୍ରଷ୍ଟାଚାର, ପକ୍ଷପାତିତା, ନିଶା, ହିଂସା, ଅପରାଧ, ଦ୍ୱେଷ, ଘୃଣା ଇତ୍ୟାଦି ? କୃତଜ୍ଞତାର ସହିତ ଅମର ଶହୀଦ ଓ ସଂଗ୍ରାମୀମାନଙ୍କ ପ୍ରତି ମଥାନତ ପ୍ରଣାମ ଜଣାଇବା ବେଳେ ବଳିଦାନର ମାଟିରେ ଛିଡ଼ା ହୋଇ ଚାଲନ୍ତୁ ଆମେ ଶପଥ ନେବା କଷ୍ଟଲବ୍ଧ ସ୍ୱାଧୀନତାକୁ ସ୍ୱର୍ଗ ରାଜ୍ୟରେ ପରିଣତ କରିବା ପାଇଁ ।

**(ଶ୍ରୀ ସିଂହ ଜଣେ ସୁଲେଖକ ଓ ଗାନ୍ଧିବାଦୀ)**
**ମୋ-୯୪୩୭୦୧୭୩୯୫**
E-mail: prahalladsinha@gmail.com

# ସ୍ୱଦେଶୀ କୃତ୍ରିମ ବୁଦ୍ଧିମତ୍ତା ବିପ୍ଳବ କ୍ଷେତ୍ରରେ ଓଡ଼ିଶା



ଡ. ପ୍ରତୀକ କୁମାର ରାଉତ

କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବେ କେବଳ ଏକ ନୂତନ ପ୍ରଯୁକ୍ତି ବିଦ୍ୟା ନୁହେଁ ଏହା ବିଶ୍ୱ ଅର୍ଥନୀତି, ଶିକ୍ଷା, ପ୍ରଶାସନ, ସ୍ୱାସ୍ଥ୍ୟସେବା, ବ୍ୟବସାୟ, ଗବେଷଣା ଏବଂ ଦୈନନ୍ଦିନ ଜୀବନକୁ ନୂଆ ରୂପ ଦେଉଥିବା ଏକ ରୂପାନ୍ତରକାରୀ ଶକ୍ତି । ମଣିଷ କିପରି କାମ କରୁଛି, ଶିଖୁଛି, ଯୋଗାଯୋଗ ତଥା ଭାବ ବିନିମୟ କରୁଛି–ସବୁକିଛି ଏଆଇ ପ୍ରଭାବରେ ଦ୍ରୁତଗତିରେ ବଦଳିଯାଉଛି ।

ଏହି ପରିବର୍ତ୍ତନ ମଧ୍ୟରେ ଭାରତ ସମ୍ମୁଖରେ ଏକ ମୌଳିକ ପ୍ରଶ୍ନ ଉଭା ହୋଇଛି – କ'ଣ ଆମେ କେବଳ ବିଦେଶରେ ବିକଶିତ ଏଆଇ ପ୍ରଯୁକ୍ତିର ବ୍ୟବହାରକାରୀ ହୋଇ ରହିବା, ନା ନିଜ ଦେଶର ଆବଶ୍ୟକତା ଅନୁସାରେ ସ୍ୱଦେଶୀ ଏଆଇ ମଡେଲ ନିର୍ମାଣ କରିବା ?

ଏହା କେବଳ ପ୍ରଯୁକ୍ତିଗତ ମର୍ଯ୍ୟାଦାର ପ୍ରଶ୍ନ ନୁହେଁ । ଏହା ସହିତ ଦେଶର ପ୍ରଯୁକ୍ତିଗତ ସାର୍ବଭୌମତ୍ୱ, ତଥ୍ୟ ସୁରକ୍ଷା ଏବଂ ଜାତୀୟ ସୁରକ୍ଷା ଜଡ଼ିତ । କୌଣସି ଦେଶ ଯଦି ବିଦେଶରେ ନିର୍ମିତ ଓ ନିୟନ୍ତ୍ରିତ ଏଆଇ ବ୍ୟବସ୍ଥା ଉପରେ ଅତ୍ୟଧିକ ନିର୍ଭରଶୀଳ ହୁଏ, ତେବେ ଭବିଷ୍ୟତରେ ଅନେକ ତଥ୍ୟ ନିୟନ୍ତ୍ରଣ ବାହାରକୁ ଚାଲିଯାଇ ପାରେ । ଏଆଇ ମଡେଲ୍, କମ୍ପ୍ୟୁଟିଂ ଭିତ୍ତିଭୂମି, ମୂଲ୍ୟ ନିର୍ଦ୍ଧାରଣ, ବ୍ୟବହାର ନୀତି ଏବଂ ପ୍ରଯୁକ୍ତିଗତ ପ୍ରାଥମିକତା ଅନ୍ୟ ଦେଶ ବା ବିଦେଶୀ କମ୍ପାନୀଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇପାରେ ।

ଶାସନ, ପ୍ରତିରକ୍ଷା, ଅର୍ଥବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଏବଂ ଅତ୍ୟାବଶ୍ୟକ ଭିତ୍ତିଭୂମି ଭଳି ସମ୍ବେଦନଶୀଳ କ୍ଷେତ୍ରରେ ଏଆଇର ବ୍ୟବହାର ବଢୁଥିବାରୁ ନିଜସ୍ୱ ପ୍ରଯୁକ୍ତିଗତ କ୍ଷମତା ଗଠନ ଭାରତ ପାଇଁ ଅତ୍ୟନ୍ତ ଜରୁରୀ ହୋଇଛି । ତେଣୁ ଭାରତ କେବଳ ଏଆଇର ଏକ ବୃହତ୍ ବଜାର ନୁହେଁ, ବରଂ ଆମକୁ ଏହାର ଉଦ୍ଭାବକ ଏବଂ ନିର୍ମାତା ମଧ୍ୟ ହେବାକୁ ପଡ଼ିବ ।

**ଭାରତ ପାଇଁ ଭାରତୀୟ ଏଆଇ :** ଭାରତର ଭାଷାଗତ ଓ ସାମାଜିକ ବିବିଧତା ବିଶ୍ୱରେ ଅନନ୍ୟ । ଦେଶରେ ଶହ-ଶହ ଭାଷା ଓ ଉପଭାଷା ପ୍ରଚଳିତ । ଲୋକଙ୍କ ଜୀବନଶୈଳୀ, ଆବଶ୍ୟକତା ଏବଂ ସାମାଜିକ ପରିପ୍ରେକ୍ଷୀ ମଧ୍ୟ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳରେ ଭିନ୍ନ । ତେଣୁ ଭାରତକୁ ଏପରି ଏଆଇ ବ୍ୟବସ୍ଥା ଆବଶ୍ୟକ, ଯାହା ଭାରତୀୟ ଭାଷା, ସ୍ୱର, ସଂସ୍କୃତି ଓ ସ୍ଥାନୀୟ ପରିପ୍ରେକ୍ଷୀକୁ ବୁଝିପାରିବ ।

ଏହି ଦିଗରେ 'ସର୍ବମ୍ ଏଆଇ'ର ପ୍ରୟାସ ଅନନ୍ୟ । ସଂସ୍ଥାଟି ଭାରତ ପାଇଁ ନିଜସ୍ୱ ଫାଉଣ୍ଡେସନ୍ ଏଆଇ ମଡେଲ୍ ଏବଂ ଏକ ବ୍ୟାପକ ପ୍ରଯୁକ୍ତି ବ୍ୟବସ୍ଥା ନିର୍ମାଣ କରୁଛି । ଏଥିରେ ଭାଷା, ବାକ୍ ପ୍ରଯୁକ୍ତି, ଅନୁବାଦ, କଣ୍ଠସ୍ୱର, ଭିଜନ୍ ଏବଂ ବିଭିନ୍ନ ଏଆଇ ପ୍ରୟୋଗ ସାମିଲ ରହିଛି ।

ଏହାର ଉଦ୍ଦେଶ୍ୟ କେବଳ ବିଦେଶୀ ପ୍ରଯୁକ୍ତିକୁ ଭାରତୀୟ ପରିବେଶ ସହିତ ଖାପଖୁଆଇବା ନୁହେଁ । ଭାରତର ନିଜସ୍ୱ ଭାଷାଗତ ଓ ସାମାଜିକ ବାସ୍ତବତାକୁ ଆଧାର କରି ଉନ୍ନତ ଏଆଇ ବ୍ୟବସ୍ଥା ତିଆରି କରିବା ଏହାର ଲକ୍ଷ୍ୟ । ଭାରତ ସରକାରଙ୍କ 'ଇଣ୍ଡିଆ ଏଆଇ ମିଶନ୍' ଅଧୀନରେ ସ୍ୱଦେଶୀ ଫାଉଣ୍ଡେସନ୍ ଏଆଇ ମଡେଲ୍ ବିକଶିତ କରିବା ପାଇଁ ସର୍ବମ୍ ଏଆଇର ଚୟନ ଦେଶର ପ୍ରଯୁକ୍ତିଗତ ଆତ୍ମନିର୍ଭରତା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ।

**ସର୍ବମ୍ ଏଆଇ (Sarvam AI) ରେ ଓଡ଼ିଶାର ପ୍ରତିଭା :** ଓଡ଼ିଶା ପାଇଁ ଏହି ଯାତ୍ରାର ବିଶେଷ ଗୁରୁତ୍ୱ ରହିଛି । ଏହାର ପ୍ରତିଷ୍ଠାତା ସଦସ୍ୟଙ୍କ ମଧ୍ୟରୁ ଶ୍ରୀ ପ୍ରତ୍ୟୁଷ କୁମାର ଦେଶର ଏହି ଉଚ୍ଚାଭିଳାଷୀ ଏଆଇ ପ୍ରକଳ୍ପ ସହିତ ଭୁବନେଶ୍ୱରସ୍ଥିତ ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନଫର୍ମେସନ୍ ଟେକ୍ନୋଲୋଜି-ଆଇଆଇଆଇଟି ଭୁବନେଶ୍ୱରର ଏକ ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅନୁଷ୍ଠାନର ଅନେକ ପ୍ରାକ୍ତନ ଛାତ୍ର ସର୍ବମ୍ ଏଆଇରେ ଇଞ୍ଜିନିୟର, ଗବେଷକ ଏବଂ ପ୍ରଯୁକ୍ତି ନେତୃତ୍ୱ ଭାବେ କାର୍ଯ୍ୟ କରୁଛନ୍ତି ।

ସେମାନଙ୍କ କାର୍ଯ୍ୟକ୍ଷେତ୍ର ମେସିନ୍ ଲର୍ଣ୍ଣିଂ ଗବେଷଣା, ସ୍ପିଚ୍ ଓ ଜେନେରେଟିଭ୍ ଅଡିଓ, ଉତ୍ପାଦ ରଣନୀତି, ସଫ୍ଟୱେର ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତି ନିୟୋଜନ ପର୍ଯ୍ୟନ୍ତ ବ୍ୟାପ୍ତ । ସେମାନଙ୍କ ମଧ୍ୟରେ ହିମାଂଶୁ ଦିଦୱାନିଆ ସଂସ୍ଥାର ଜଣେ ପ୍ରାଥମିକ ପ୍ରତିଷ୍ଠାତା ସଦସ୍ୟ ତଥା ଇଞ୍ଜିନିୟର ଏବଂ ସ୍ପିଚ୍ ଓ ଜେନେରେଟିଭ୍ ଅଡିଓ ବିଭାଗର ପ୍ରମୁଖ ମେସିନ୍ ଲର୍ଣ୍ଣିଂ ଗବେଷକ । ଅରିଜିତ ଶତପଥୀ ଏଆଇ କଣ୍ଟେଣ୍ଟ ଓ ମିଡିଆ ପାଇଁ ପ୍ରଡକ୍ଟ ଏବଂ ଷ୍ଟ୍ରାଟେଜି ମୁଖ୍ୟ ଭାବେ କାମ କରୁଛନ୍ତି । ଏହା ସହିତ ଆଇଆଇଆଇଟି ଭୁବନେଶ୍ୱରର ନୂତନ ପିଢ଼ିର ଅନେକ ସ୍ନାତକ ସଫ୍ଟୱେର ଇଞ୍ଜିନିୟରିଂ ଏବଂ ଅଗ୍ରଣୀ ପ୍ରଯୁକ୍ତି ନିୟୋଜନ ଭୂମିକାରେ ସଂସ୍ଥା ସହିତ ଯୋଡ଼ି ହୋଇଛନ୍ତି ।

ଏହି ଯୁବ ପ୍ରଯୁକ୍ତିବତ୍‌ମାନେ କେବଳ ଏଆଇର ବ୍ୟବହାର କରୁନାହାନ୍ତି ଦେଶର କୋଟି କୋଟି ଲୋକ ନିଜ ଭାଷା ଓ ନିଜ ଢାଞ୍ଚାରେ ଭବିଷ୍ୟତରେ କିପରି ଏଆଇ ସହିତ ଯୋଗାଯୋଗ କରିବେ, ସେଥିପାଇଁ ଆବଶ୍ୟକ ଜ୍ଞାନକୌଶଳ ନିର୍ମାଣ କରୁଛନ୍ତି । ଏହା ଓଡ଼ିଶାର ଏକ ଶିକ୍ଷାନୁଷ୍ଠାନକୁ ଭାରତର ସ୍ୱଦେଶୀ ଏଆଇ ବିପ୍ଳବର କେନ୍ଦ୍ରସ୍ଥଳ ସହିତ ସିଧାସଳଖ ଯୋଡ଼ିଛି ।

**ଉଦ୍ୟୋଗରୁ ମୌଳିକ ବିଜ୍ଞାନ ପର୍ଯ୍ୟନ୍ତ :** ଆଇଆଇଆଇଟି ଭୁବନେଶ୍ୱରର ଅବଦାନ ସର୍ବମ୍ ଏଆଇ ମଧ୍ୟରେ ସୀମିତ ନୁହେଁ । ଅନୁଷ୍ଠାନର ପ୍ରାକ୍ତନ ଛାତ୍ର ଆଶିଷ କୁମାର ସାହୁ ଏଆଇଭିତ୍ତିକ ନିଯୁକ୍ତି ପ୍ରଯୁକ୍ତି କମ୍ପାନୀ 'ପରମ୍.ଏଆଇ' (Param AI)ର ସହପ୍ରତିଷ୍ଠାତା ଓ ମୁଖ୍ୟ ବୈଷୟିକ ଅଧିକାରୀ । ମାରୁତି ସୁଜୁକି ଇଣ୍ଡିଆ, ଇଣ୍ଡିଗୋ ଏବଂ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍ ଭଳି ପ୍ରମୁଖ ସଂସ୍ଥା ଏହାର ପ୍ଲାଟଫର୍ମ ବ୍ୟବହାର କରିଛନ୍ତି । ଭୁବନେଶ୍ୱରର ଏକ ଶିକ୍ଷାନୁଷ୍ଠାନରୁ ବାହାରି ଏକ ଅଗ୍ରଣୀ ଏଆଇ କମ୍ପାନୀ ଗଢ଼ିବା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଯୁବ ଉଦ୍ୟୋଗୀମାନଙ୍କ ପାଇଁ ପ୍ରେରଣାଦାୟକ ।

ଏହି ଅନୁଷ୍ଠାନର ପ୍ରତିଭା ବିଶ୍ୱର ଅଗ୍ରଣୀ ବୈଜ୍ଞାନିକ ଗବେଷଣା କେନ୍ଦ୍ର 'ସର୍ନ'(Cern) ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିଛି । ବିଶ୍ୱର ସର୍ବବୃହତ୍ କଣିକା ତ୍ୱରକ 'ଲାର୍ଜ ହାଡ୍ରନ୍ କଲାଇଡର' ଥିବା ସର୍ନରେ ବୈଜ୍ଞାନିକମାନେ ପଦାର୍ଥ ଓ ବ୍ରହ୍ମାଣ୍ଡର ମୌଳିକ ସ୍ୱରୂପ ବୁଝିବା ପାଇଁ ଗବେଷଣା କରୁଛନ୍ତି ।

ଆଇଆଇଆଇଟି ଭୁବନେଶ୍ୱରର ପ୍ରାକ୍ତନ ଛାତ୍ର କ୍ରିଷ୍ଣନ୍ ଆର୍. 'ସ୍ପାର୍କ ମନିଟର୍'(Spark Monitor)ର ବିକାଶରେ ଯୋଗଦାନ ଦେଇଥିଲେ, ଯାହା ପରବର୍ତ୍ତୀ ସମୟରେ ସର୍ନର ବୈଜ୍ଞାନିକ କମ୍ପ୍ୟୁଟିଂ ବ୍ୟବସ୍ଥାର ଅଂଶ ହୋଇଥିଲା । ସେହିପରି ଭାବେ, ଅନ୍ୟଜଣେ ପ୍ରାକ୍ତନ ଛାତ୍ର ସଞ୍ଜୀବନ ସେନଗୁପ୍ତ ଉଚ୍ଚଶକ୍ତି ପଦାର୍ଥବିଜ୍ଞାନ ଗବେଷଣାରେ ବ୍ୟବହୃତ ମେସିନ୍ ଲର୍ଣ୍ଣିଂ ପ୍ରଯୁକ୍ତିରେ ଅବଦାନ ରଖିଛନ୍ତି । ସୂଚନା ପ୍ରଯୁକ୍ତିରେ ଅର୍ଜିତ ଜ୍ଞାନ କିପରି ମୌଳିକ ବିଜ୍ଞାନର ଜଟିଳତମ ପ୍ରଶ୍ନର ଉତ୍ତର ଖୋଜିବାରେ ସହାୟକ ହୋଇପାରେ, ଏହା ତାହାର ଉଜ୍ଜ୍ୱଳ ଉଦାହରଣ ।

**ଆଗାମୀ ଦିନର ସମ୍ଭାବନା :** ସର୍ବମରେ ସ୍ୱଦେଶୀ ଏଆଇ ନିର୍ମାଣ, ପରମ୍ ଏଆଇରେ ଉଦ୍ୟୋଗଭିତ୍ତିକ ପ୍ରୟୋଗ ଏବଂ ସର୍ନ (Cern)ରେ ବିଶ୍ୱସ୍ତରୀୟ ବୈଜ୍ଞାନିକ ଗବେଷଣା–ଏସବୁ ସଫଳତାକୁ ଏକାଠି ଦେଖିଲେ ଆମ ରାଜ୍ୟର ଆଇଆଇଆଇଟି ଭୁବନେଶ୍ୱରର ପ୍ରତିଭାର ବ୍ୟାପକତା ସ୍ପଷ୍ଟ ହୁଏ । ଅନୁଷ୍ଠାନର ପ୍ରାକ୍ତନ ଛାତ୍ରଛାତ୍ରୀ ଶିଳ୍ପ, ଗବେଷଣା, ଉଦ୍ୟୋଗ ଏବଂ ବିଭିନ୍ନ ଦେଶ ମଧ୍ୟରେ ଜ୍ଞାନର ସେତୁ ନିର୍ମାଣ କରୁଛନ୍ତି ।

**ଏହା କେବଳ ଭଲ ନିଯୁକ୍ତି ବା କିଛି ବ୍ୟକ୍ତିଙ୍କ ସଫଳ କ୍ୟାରିୟରର କାହାଣୀ ନୁହେଁ । ଓଡ଼ିଶାରେ ଅର୍ଜିତ ଶିକ୍ଷା ଓ ଦକ୍ଷତା ଜାତୀୟ ପ୍ରଯୁକ୍ତି ଅଭିଯାନ ଏବଂ ବିଶ୍ୱସ୍ତରୀୟ ଗବେଷଣାରେ କିପରି ପ୍ରଭାବ ପକାଇପାରେ, ଏହା ତାହାର ପ୍ରମାଣ । ଭାରତ ପ୍ରଯୁକ୍ତିଗତ ଆତ୍ମନିର୍ଭରତା ଦିଗରେ ଆଗେଇ ଯାଉଥିବା ସମୟରେ ଓଡ଼ିଶାର ପ୍ରତିଭା ସ୍ୱଦେଶୀ ଏଆଇ ନିର୍ମାଣରେ ଅଂଶଗ୍ରହଣ କରିବା ସମଗ୍ର ରାଜ୍ୟ ପାଇଁ ଗର୍ବର ବିଷୟ ।**

ସରକାରଙ୍କ ଉପଯୋଗୀ ପଦକ୍ଷେପ ଏହାକୁ ଅଧିକ ସଶକ୍ତ କରୁଛି ଓ ଅଧ୍ୟାପକ ନିଯୁକ୍ତି, ଉନ୍ନତ ଗବେଷଣା ଭିତ୍ତିଭୂମି, ଶିଳ୍ପ ସହଯୋଗ, ଷ୍ଟାର୍ଟଅପ୍ ପରିବେଶ ଏବଂ ଉଦ୍ୟୋଗିତା ପାଇଁ ଆବଶ୍ୟକ ସୁଯୋଗ ସୃଷ୍ଟି ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ।

ଭାରତର ପ୍ରଯୁକ୍ତିଗତ ଭବିଷ୍ୟତ କେବଳ ବିଦେଶରୁ ଆମଦାନୀ ହେବାକୁ ଥିବା କୌଣସି ପ୍ରସ୍ତୁତ ବ୍ୟବସ୍ଥା ନୁହେଁ ।

ଦେଶର ନିଜସ୍ୱ ଗବେଷକ, ଇଞ୍ଜିନିୟର, ଉଦ୍ୟୋଗୀ ଓ ଶିକ୍ଷାନୁଷ୍ଠାନ ଏହାର ପରିକଳ୍ପନା କରିପାରିବେ, ନିର୍ମାଣ କରିପାରିବେ ଏବଂ ବିଶ୍ୱ ପାଇଁ ନୂତନ ପ୍ରଯୁକ୍ତିଗତ ଦିଶା ଦେଇପାରିବେ । ଏହି ଯାତ୍ରା ଆରମ୍ଭ ହୋଇସାରିଛି । ତେବେ ଏହାକୁ ଆହୁରି ବ୍ୟାପକ, ଗଭୀର ଓ ପ୍ରଭାବଶାଳୀ କରିବାର ସମୟ ଆସିଛି ।

**ସ୍ୱତନ୍ତ୍ର ଶାସନ ସଚିବ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗଭୀର...

୨୫ ତାରିଖ ସକାଳ ଯାଏ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନାଗିରି ଅତି ପ୍ରବଳ ବର୍ଷା ନେଇ ରେଡ ୱାର୍ଣ୍ଣିଂ ଜାରି ଦିଆଯାଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼, ବଲାଙ୍ଗୀର, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼, କଟକ, ବରଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ , କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ଼କୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ୨୬ ତାରିଖରେ ମଧ୍ୟ ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼, କୋରାପୁଟ, ମାଲକାନାଗିରି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି ।

## ବର୍ତ୍ତମାନ...

ଡଃ. ମନୋରମା ମହାନ୍ତି ଯୋଗଦେଇ ବର୍ତ୍ତମାନ ରାଜ୍ୟରେ ପାଣିପାଗ ସ୍ଥିତି, ସମ୍ଭାବ୍ୟ ବର୍ଷା ଓ ଆଗାମୀ ଦିନଗୁଡ଼ିକର ପୂର୍ବାନୁମାନ ସମ୍ପର୍କରେ ସୂଚନା ଦେଇଥିଲେ । ଆଇଏମଡି ର ଆକଳନ ଅନୁଯାୟୀ, ବଙ୍ଗୋପସାଗରରପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ଅଞ୍ଚଳରେ ରହିଥିବା ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ର ଆଗାମୀ ୨୪ ଘଣ୍ଟାରେ ଅବପାତରେ ଏବଂ ପରବର୍ତ୍ତୀ ୨୪ ଘଣ୍ଟାରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୩ ସେପ୍ଟେମ୍ବର ସକାଳ ସମୟରେ ଉତ୍ତର ଆନ୍ଧ୍ରପ୍ରଦେଶ–ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାର ପ୍ରାୟ ୧୧ଟି ଜିଲ୍ଲାରେ ୨୨ରୁ ବର୍ଷା ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଗଭୀର ଅବପାତର ସମ୍ଭାବନା ରହିଛି । ତେବେ ସମୁଦ୍ରକୂଳ ଅଂଚଳରେ ସେ ସମୟରେ ୪୫-୫୫ କିଲୋମିଟର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ପ୍ରାୟ ୭୦ କିମି. ବେଗରେ ପବନ ବହିବାର ସମ୍ଭାବନା ରହୁଛି ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ବର୍ତ୍ତମାନ ପରିପ୍ରେକ୍ଷୀରେ ବାତ୍ୟାର ସମ୍ଭାବନା ନାହିଁ । ତେବେ ଦକ୍ଷିଣାଂଚଳ ଜିଲ୍ଲାମାନଙ୍କରେ ଲଘୁଚାପଜନିତ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏଥିପାଇଁ ଦକ୍ଷିଣ ଓଡ଼ିଶାରେ ସମ୍ଭାବ୍ୟ ପ୍ରବଳ ବର୍ଷାଉପରେ ନଜର ରଖାଯାଇଛି । ଏହି ଦୃଷ୍ଟିରୁ ଶତ ପ୍ରତିଶତ ପ୍ରସ୍ତୁତି ଓ ସଜାଗ ରହିବାକୁ ସେ ସଂପୃକ୍ତ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଜିଲ୍ଲାପାଳଙ୍କୁ ନିଜ ନିଜ ଜିଲ୍ଲାର ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ପ୍ରସ୍ତୁତି ଓ ପ୍ରତିକାରମୂଳକ ପଦକ୍ଷେପ ସୁନିଶ୍ଚିତ କରିବାକୁ କୁହାଯାଇଛି ।ପ୍ରସ୍ତୁତିକୁ କୌଣସି ପ୍ରକାର ହାଲୁକା ଭାବେ ନ ନେବାକୁ ସେ ସମସ୍ତ ବିଭାଗକୁ ସତର୍କ କରିଛନ୍ତି । ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ସତର୍କ ରହି ଆବଶ୍ୟକ ପ୍ରସ୍ତୁତି ନେବାକୁ କୁହାଯାଇଛି । ଆଭାସୀ ମାଧ୍ୟମରେ ଯୋଗଦେଇ ଥିବା ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଜିଲ୍ଲାରେ ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବ ପଚାରି ବୁଝିଥିଲେ । ଗଂଜାମ, ଗଜପତି ଓ ମାଲକାନଗିରି ପ୍ରଭୃତି ଜିଲ୍ଲାପାଳ ତଥା ଏଡିଏମ୍ ମାନଙ୍କ ସହିତ ଆଲୋଚନା କରି ସ୍ଥିତି ସଂପର୍କରେ ସେ ସମୀକ୍ଷା କରିଥିଲେ । ବର୍ଷାର ପରିମାଣ ବୃଦ୍ଧି ପାଇଲେ ତଳିଆ ଅଞ୍ଚଳ, ଜଳ ନିଷ୍କାସନ ବ୍ୟବସ୍ଥା ଓ ନଦୀ ଅବବାହିକାରେ ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ପୂର୍ବ ପ୍ରସ୍ତୁତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ପ୍ରଭାବିତ ହେବାକୁ ଥିବା ଜିଲ୍ଲାରେ ସଂପୃକ୍ତ ଅଧିକାରୀମାନଙ୍କ ଛୁଟି ବାତିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ନ ପ୍ରସବା ମହିଳାଙ୍କ କ୍ଷେତ୍ରରେ ଆଗୁଆ ପଦକ୍ଷେପ ସ୍ୱରୂପ ଡାକ୍ତରଖାନାଙ୍କୁ ନେବାକୁ ପରାମର୍ଶ ଦିଆଯାଇଛି ।

ଜଳସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଜଳଭଣ୍ଡାରର ଜଳସ୍ତର ଓ ଜଳ ପରିଚାଳନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା ।ବାଲିମେଳା ଓ କୋଲାବ ଜଳଭଣ୍ଡାରରେ ଜଳସ୍ତର ସ୍ୱାଭାବିକ ରହିଥିବାରୁ ଆଗାମୀ ବର୍ଷାଜଳ ଧାରଣ ପାଇଁ ସେଠାରେ ଯଥେଷ୍ଟ କ୍ଷମତା ରହିଛି । ତେବେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳଭଣ୍ଡାର କ୍ଷମତାର ପ୍ରାୟ ୮୪ ପ୍ରତିଶତ ଜଳ ଥିବାରୁ ଆବଶ୍ୟକତା ଅନୁଯାୟୀ ଜଳସ୍ତର କମାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।ସେହିପରିତେଲେଙ୍ଗିରି ଜଳସେଚନ ପ୍ରକଳ୍ପର ସ୍ଥିତି ମଧ୍ୟ ସମୀକ୍ଷା କରାଯାଇଥିଲା ଏବଂ ଅଧିକ ବର୍ଷାଜଳକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରସ୍ତୁତି ସହ ଜଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି ।ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଯେଉଁ ସ୍ଥାନରେ ଜଳ ନିଷ୍କାସନ, ଡ୍ରେନେଜ୍ କିମ୍ବା ଅନ୍ୟାନ୍ୟ ସମସ୍ୟା ହେବାର ଆଶଙ୍କା ରହିଛି, ସେଠାରେ ପୂର୍ବରୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି । ବନ୍ଧ, ତଟବନ୍ଧ ଓ ଅନ୍ୟାନ୍ୟ ସଂବେଦନଶୀଳ ସ୍ଥାନରେ ସତର୍କ ନଜର ରଖିବା ସହ ଆବଶ୍ୟକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦକ୍ଷିଣ ଓଡ଼ିଶାର ସମସ୍ତ ନଦୀ ଜଳ ଭଣ୍ଡାରଗୁଡ଼ିକରେ ଜଳସ୍ତର ପ୍ରତି ନଜର ରଖାଯିବା ସହ ଅଧିକ ଜଳ ସମ୍ଭାବନା କ୍ଷେତ୍ରରେ ଜଳ ନିଷ୍କାସନ ପରିଚାଳନା କରାଯିବ ବୋଲି ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବୈଠକରେ ସୂଚନା ଦେଇଥିଲେ ।

ଏସଆରସିଙ୍କ ପକ୍ଷରୁ କୁହାଯାଇଛି ଯେ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବନ୍ୟା-ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡ଼ିକରେ ବିଦ୍ୟୁତ୍ ବ୍ୟବସ୍ଥା ଓ ଆନୁଷଙ୍ଗିକ ସୁବିଧା ଯାଂଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ୍ରାଫ୍ ଏବଂ ଏନଡିଆରଏଫ ଟିମ୍ ମୁତୟନ ପାଇଁ ପଦକ୍ଷେପ ନିଆଯାଇଛି । ସ୍ୱତନ୍ତ୍ର ରିଲିପ୍ କମିଶନର ଙ୍କ କାର୍ଯ୍ୟାଳୟର କଣ୍ଟ୍ରୋଲ ରୁମ୍୨୪ ଘଣ୍ଟିଆ କାର୍ଯ୍ୟକ୍ଷମରହିବ । ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ଆବଶ୍ୟକ ସତର୍କତା ଓ ପ୍ରସ୍ତୁତି ନିଶ୍ଚିତ କରାଯିବ । ସମସ୍ତ ମତ୍ସ୍ୟଜୀବୀଙ୍କୁ ଆଜିଠାରୁ ୨୪ ତାରିଖ ପର୍ଯ୍ୟନ୍ତ ମାଛ ଧରିବା ପାଇଁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି । ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ମଧ୍ୟ ନିରାପଦ ସ୍ଥାନକୁ ଫେରିଆସିବା ପାଇଁ ପରାମର୍ଶ ଦିଆଯାଇଛି । ଏଥିପାଇଁ ମତ୍ସ୍ୟ ଓ ପ୍ରାଣୀ ପାଳନ ବିଭାଗ ପକ୍ଷରୁ ଆବଶ୍ୟକ ସୂଚନା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଛି । ସମ୍ଭାବ୍ୟ ପାଣିପାଗ ପରିସ୍ଥିତିକୁ ନେଇ ସମ୍ପୃକ୍ତ ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ସମନ୍ୱୟରେ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

## ଆଜିଠୁ...

ଏମ୍ଏମ୍ଡିଆର ଆଇନ୍ ସଂଶୋଧନ ପ୍ରସଙ୍ଗ ଉଠାଇଛନ୍ତି । ବାଚସ୍ପତି ତାହା ଉପରେ ନିଷ୍ପତ୍ତି ନେବେ । ତେବେ ଯେଉଁ ପ୍ରସଙ୍ଗ ବିରୋଧୀ ଦଳ ଉଠାଇବେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । କେଉଁ ବିଲ୍ ଆସିବ ସେ ସମ୍ପର୍କରେ କାର୍ଯ୍ୟ ପରାମର୍ଶଦାତା କମିଟି ନିଷ୍ପତ୍ତି ନେବେ । ଏବେସୁଦ୍ଧା ୬ ବିଲ୍‌ର ନୋଟିସ୍ ଆସିଛି । ବୈଠକରେ ଯୋଗ ଦେଇଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଧାନସଭା କେମିତି ଚାଲିବ ସେ ନେଇ ଆଲୋଚନା ହୋଇଛି । ଆମେ ଏମ୍ଏମ୍ଡିଆର ସଂଶୋଧନ ପ୍ରସଙ୍ଗ ଉଠାଇଛୁ । ଓଡ଼ିଶାର ଯାହା କ୍ଷତି ହୋଇଛି ସେ ନେଇ ଆଲୋଚନା କରାଯାଉ । ଗୃହ ଚାଲିବାରେ ସହଯୋଗ କରିବୁ କି ନାହିଁ ତାହା ଦଳ ନିଷ୍ପତ୍ତି ନେବ । କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉଠାଯିବ । ଏମ୍ଏମ୍ଡିଆର ଆଇନ୍, ପାଠ୍ୟ ପୁସ୍ତକ ତ୍ରୁଟି ଆଲୋଚନା କରିବାକୁ କହିଛୁ । ରାଜ୍ୟ ସରକାରଙ୍କ ବିବୃତ୍ତି ସତ୍ତ୍ୱେବ ମହାନଦୀ ଜଳ ବିବାଦର ସମାଧାନ ନ ହେବା ପ୍ରସଙ୍ଗକୁ ମଧ୍ୟ କଂଗ୍ରେସ ଜୋରଦାର ଉଠାଇବ । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେଡି ବିଧାୟକ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ୍ ଓ କଂଗ୍ରେସ ବିଧାୟକ ଅଶୋକ ଦାସ ଉପସ୍ଥିତ ଥିଲେ । ତେବେ ବିରୋଧୀ ଦଳଙ୍କ ଆଭିମୁଖ୍ୟରୁ ଜଣାପଡୁଛି ଯେ ଏଥର ଅଧିବେଶନ ବେଶ୍ ସରଗରମ ହେବ ।

## ସୁପାରିସ...

ପ୍ରଦାନ କରିଛି । ଏହି ସୁପାରିଶ ଗୁଡ଼ିକ ଉପରେ ଅନୁଧ୍ୟାନ କରାଯାଇ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବୈଠକର ସୂଚନା ଅନୁଯାୟୀ ଏହି କମିଟି ନିକଟରେ ରାଜ୍ୟର ବିଭିନ୍ନ ବର୍ଗର ଶିକ୍ଷକମାନଙ୍କର ୧୦୪ଟି ସଂଘ କମିଟିକୁ ଭେଟିଛନ୍ତି । କମିଟି ଏହି ଦାବି ସମ୍ପର୍କରେ ୯୦ଟି ବୈଠକ ଅନୁଷ୍ଠିତ କରିଛନ୍ତି ଏବଂ ସରକାରଙ୍କୁ ୭୯ଟି ରିପୋର୍ଟ ପ୍ରଦାନ କରିଛନ୍ତି । ବୈଠକରେ କମିଟିର ବିଭିନ୍ନ ସୁପାରିଶ ସମ୍ପର୍କରେ ଅଧ୍ୟକ୍ଷ ଅଶୋକ ତ୍ରିପାଠୀ ଏବଂ ସହ-ଅଧ୍ୟକ୍ଷ ଶ୍ରୀ ସୁଦର୍ଶନ ନାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ ।

ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ ଏବଂ ଉଚ୍ଚଶିକ୍ଷା ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ସଚିବମାନେ ଉପସ୍ଥିତ ଥିଲେ । କମିଟିର ଅନ୍ୟ ସଦସ୍ୟ ଶାନ୍ତନୁ କୁମାର ସାହୁ, ମନୋରଞ୍ଜନ ମିଶ୍ର ଏବଂ ସଂଯୋଜକ ସଦସ୍ୟ ସନାତନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଏମ୍ଏମ୍ଡିଆର୍...

ସଂଶୋଧନ, ଦରବୃଦ୍ଧି ଓ ଚାଷୀଙ୍କ ସମସ୍ୟା ଉପରେ ବିଧାନ ସଭାରେ ବିଶେଷ ଫୋକସ କରିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

ସେ କହିଥିଲେ ଯେ ସଂସଦରେ ଏମ୍ଏମ୍ଡିଆର୍ ସଂଶୋଧନ ଆଇନ ବିନା ଆଲୋଚନାରେ ତରବରିଆ ଭାବରେ ଗୃହିତ ହୋଇଗଲା । ଏମ୍ଏମ୍ଡିଆର୍ ସଂଶୋଧନ ଆଇନ ଆମର ଜମି ଉପରୁ, ଆମର ପ୍ରାକୃତିକ ସଂପଦ ଉପରୁ ଆମର ଅଧିକାର ଛଡାଇ ନେବା ସହିତ ଯୁବ ସମାଜର ସ୍ୱପ୍ନକୁ ଧ୍ୱଂସ କରାଯାଇଛି ।

ପାଠ୍ୟ ପୁସ୍ତକ ତୃଟି ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯଦି ଶିକ୍ଷା ବ୍ୟବସ୍ଥା ନଷ୍ଟ ହୋଇଯାଏ ତେବେ ଦେଶର ଭବିଷ୍ୟତ ନଷ୍ଟ ହୋଇଯାଏ । ପାଠ୍ୟ ପୁସ୍ତକରେ ତୃଟିକୁ ଏକ ବିରାଟ ଭୁଲ ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏହା ଏକ ଅପରାଧିକ ତୃଟି ।

ଚାଷୀମାନଙ୍କ ସମସ୍ୟା ଉପରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେପି ସରକାର ଅମଳରେ ରାଜ୍ୟର ଚାଷୀ ମାନେ ସବୁଠାରୁ ଅଧିକ ନିଷ୍ପେସିତ ହୋଇଛନ୍ତି । ଠିକ୍ ସମୟରେ ସାର ମିଳୁନି, ବିହନ ମିଳୁନି, ଧାନ ଉଠୁନି । ଡବଲ ଇଞ୍ଜିନ ସରକାର ଥାଇ ମଧ୍ୟ ଏଫ୍‌ସିଆଇ ଧାନ ନେଉନାହିଁ । ଏଭଳି ଅବ୍ୟବସ୍ଥାକୁ ଆମେ ନୀରବରେ ସହ୍ୟ କରିପାରିବୁ ନାହିଁ ବୋଲି ଶ୍ରୀ ପଟ୍ଟନାୟକ ଚେତାଇ ଦେଇଥିଲେ । ଦରବୃଦ୍ଧି ପ୍ରସଙ୍ଗରେ ସରକାରଙ୍କ ବିଫଳତାରେ ଶ୍ରୀ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିବା ସହ ନିକଟରେ ୟୁପିଆଇ ମେମେଣ୍ଟ ଉପରେ ଏମ୍ଡିଆର୍ ଲାଗୁ କରାଯିବା ଦ୍ୱାରା ସାଧାରଣ ଲୋକ ଓ ଛୋଟ ବ୍ୟବସାୟୀମାନେ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରି ଏଥିପାଇଁ ଅଧିକ ସୁରକ୍ଷା ବ୍ୟବସ୍ଥା ଏବଂ ଏମ୍ଡିଆର୍ ଉପରେ ସ୍ୱଷ୍ଟତା ଆସିବା ଉପରେ ଗୁରୁତ୍ୱ ଦେଇଥିଲେ ।

ଭୋଟର ତାଲିକାର ଏସ୍ଆଇଆର୍ ଉପରେ ଆଲୋଚନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବହୁ ସଂଖ୍ୟକ ଯୋଗ୍ୟ ଭୋଟରଙ୍କ ନାମ କଟିଯିବା ଏକ ଗୁରୁତର ବିଷୟ ଏବଂ ବିଜୁ ଜନତା ଦଳ ଭୋଟରଙ୍କୁ ନ୍ୟାୟ ଦେବା ପାଇଁ ତାର ଲଢେଇ ଜାରୀ ରଖିବ । ମୋଟ୍ ଉପରେ ବିଜେପି ସରକାର ଲୋକଙ୍କୁ ସେବା ଯୋଗାଇବାରେ ବିଫଳ ହୋଇଛି । ତେଣୁ ବିରୋଧୀ ଦଳ ଭାବରେ ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ବିଷୟରେ ଲୋକଙ୍କୁ ସଚେତନ କରାଯିବ ବୋଲି ସେ କହିଥିଲେ ।

## ଶୀର୍ଷ...

ହେଉଛି । ସେଥିମଧ୍ୟରୁ ୨୪ ହଜାର ୭୯୬ ଘନଫୁଟ ପାୱାର ଚେନାଲ, ୨୨୧ଘନଫୁଟ କଳକାରଖାନା ଓ ୪ ହଜାର ୨୦୨ ଘନଫୁଟ କେନାଲକୁ ଛଡାଯାଉଛି । ଛତିଶଗଡ ଓ ମହାନଦୀର ଉପର ଅବବାହିକାରେ ଲଗାତାର ବର୍ଷା ଯୋଗୁଁ ଆଗାମୀ ୪୮ ଘଣ୍ଟା ଯାଏଁ ଜଳ ପ୍ରବାହ ବଢିବାର ସମ୍ଭାବନା ରହିଛି । ତଳମୁଣ୍ଡରେ ବେଲଗାଁରେ ୧୪ହଜାର୪୦୦, ପର୍ଥଲାରେ ୩୬ ହଜାର ୩୩୧ ଘନଫୁଟ, ଖଇରମାଳରେ ୭୮ ହଜାର, ବାରମୁଳରେ ୮୦ହଜାର ଓ ମୁଣ୍ଡଳୀରେ ୧ ଲକ୍ଷ ୪୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଛି ।

## ମୃତ୍ୟୁ...

ସରକାର ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି । ସୋମବାର ବନମାଳୀ ବେହେରାଙ୍କ ଜୟଦେବବିହାର ଘର ଶୂନଶାନ ହୋଇଯାଇଥିଲା । ଗତ ଗୁରୁବାର ବନମାଳୀ ବେହେରାଙ୍କ ପୁଅ ଶିବ ବେହେରା ତାଙ୍କ ସାନଭଉଣୀ ରାଧାରାଣୀ, ବିବାହିତ ମଝିଆଁ ଭଉଣୀ, ତାଙ୍କ ସ୍ୱାମୀ ଓ ତାଙ୍କର ଗୋଟିଏ ପିଲା ଶିବଙ୍କ ସହ ଯାଇଥିଲେ । ଶିବଙ୍କ ସ୍ତ୍ରୀ ଘରେ ଥିବାବେଳେ ତାଙ୍କ ପୁଅ-ଝିଅ ମଧ୍ୟ ତାଙ୍କ ସହ ଯାଇଥିଲେ । ମୃତ ମଝିଆଁ ଭଉଣୀଙ୍କ ବଡଝିଅ ଜୟଦେବବିହାର ସ୍ଥିତ ମାମୁ ଘରେ ଥିଲେ । ଏମାନେ ବଗଳାମୁଖୀ ଦର୍ଶନ ସାରିବା ପରେ ପ୍ରଥମ ଗାଡି ଡ୍ରାଇଭର ସହ କୌଣସି କଥାକୁ ନେଇ ବାକ୍‌ବିତଣ୍ଡା ହେବାରୁ ଅନ୍ୟ ଏକ ଗାଡିରେ ସଟ୍‌କଟ ରାସ୍ତାରେ ଆସିବା ବେଳେ ପାଣିରେ ଭାସିଯାଇଥିଲେ । ସେଠିକା ଡ୍ରାଇଭର ସମେତ ବନବାଳୀ ବେହେରାଙ୍କ ପରିବାରର ୭ଜଣଙ୍କ ମୃତ୍ୟୁ ହୋଇଥିଲା ଗତ ଶୁକ୍ରବାର ରାତିରେ । ଆଗରମାଲୱା ଜିଲ୍ଲାରେ ୭ଜଣଙ୍କ ବ୍ୟବଚ୍ଛେଦ ପରେ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଭୁବନେଶ୍ୱର ଆସି ରବିବାର ରାତିରେ ପହଞ୍ଚି ଥିଲେ ।

## ଓରାଙ୍ଗଉଟାନଙ୍କ...

ପରିବେଶକୁ ଏକପ୍ରକାର ଆପଣାଇ ନେଲେଣି । ଖେଳକୁଦ କରି ଖାଦ୍ୟ ଖାଇ ଖୁସିରେ ଅଛନ୍ତି । ସେମାନଙ୍କ ମଧ୍ୟରେ କ'ଣ ସବୁ ଇସାରାରେ କଥା ହୋଇ ହସୁଥିବା ଜଣେ କେୟାରଟେକର କହିଛନ୍ତି ।

ଓରାଙ୍ଗଉଟାନଙ୍କ ଅବସ୍ଥା ଏକପ୍ରକାର ଭଲ ଥିବାବେଳେ ବାହାର ରାଜ୍ୟରୁ ଆସିଥିବା ମିର୍‌କାଟ୍‌ଙ୍କ ମଧ୍ୟରୁ ଦୁଇଟିର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଗୋଟିଏ ଅସୁସ୍ଥ ଅଛି । ସେମାନଙ୍କ ସହ ଆସିଥିବା ମାଈ ଜେବ୍ରା ବେକରେ କୌଣସି ପ୍ରକାରେ ଘା'ହୋଇଥିବାରୁ ତାକୁ ସ୍ୱତନ୍ତ୍ର ଭାବେ ଚିକିତ୍ସା କରାଯାଉଛି । ନନ୍ଦନକାନନକୁ ଆସୁଥିବା ନୂଆ ଜୀବଜନ୍ତୁଙ୍କ ମଧ୍ୟରୁ ଦୁଇଟିର ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ଅସୁସ୍ଥ ଥିବାରୁ ଓରାଙ୍ଗଉଟାନଙ୍କୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଏସ୍ଆଇଆର୍‌ରେ...

ମେ ୧୭ ସୁଦ୍ଧା ଭୋଟରଙ୍କ ସଂଖ୍ୟା ୩ କୋଟି ୩୩ ଲକ୍ଷ ୯୫୯୧ ଥିଲା । ବାଦ ପଡ଼ିଥିବା ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ମଧ୍ୟରୁ ୮,୩୨,୫୪୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮,୮,୨୦୫ ଜଣ ସ୍ଥାନାନ୍ତରିତ, ୧,୯୯,୨୪୯ ଜଣ ଅନୁପସ୍ଥିତ, ୧,୫୮,୧୧୮ ଜଣ ନକଲି ଓ ୧୪,୪୪୧ ଜଣ ଅନନ୍ୟା କାରଣ ପାଇଁ ଚିହ୍ନଟ ହୋଇଥିଲେ । ସେହିପରି ନୂତନ ଭାବେ ଫର୍ମ-୬, ୬ଏ' ଓ ୮ ମାଧ୍ୟମରେ ୨,୯୦,୪୯୭ ଜଣଙ୍କ ନାମ ଯୋଡା ଯାଇଥିଲା । ଏଥିରେ ସେନା ଓ ସୁରକ୍ଷାବାହିନୀରେଥିବା ସେବା ଭୋଟରଙ୍କ ସଂଖ୍ୟା ୪୬,୮୧୬ ରହିଛି । ଚୂଡାନ୍ତ ଭୋଟର ତାଲିକା ସମସ୍ତ ବୁଥ, ସରକାରୀ ନିର୍ବାଚନ କାର୍ଯ୍ୟାଳୟ ଓ ସିଇଓଙ୍କ ୱେବସାଇଡରେ ଉପଲବ୍ଧ କରାଯାଇଛି । ଯେଉଁଠି ନାଗରିକମାନେ ନିଜ ନାମ ଯାଞ୍ଚ କରି ଆବଶ୍ୟକ ସଂଶୋଧନ ପାଇଁ ଆବେଦନ କରିପାରିବେ । ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି ବିରୋଧରେ ଆଇନ ଅନୁଯାୟୀ ଜିଲ୍ଲାପାଳ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ କରିପାରିବେ ।


**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, ADMINISTRATIVE OFFICE BUILDING, NEAR BURLA POWER HOUSE BURLA- 768017, DISTRICT: SAMBALPUR (ODISHA),
PHONE: 0663-2950721(0), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
4001/325/2627 No. HHEP/Tech-W-56/28/6890 Date : 19.09.2026

**e-TENDER CALL NOTICE NO. HHEP-77/2026**

Unit Head, HHEP, Burla invites percentage rate e-tender in double cover system from the eligible class of contractor registered with the Govt, of Odisha and contractor of equivalent grade / class registered with Central Govt. MES / Railway to be received online mode only for the following work in the portal https://tendersodisha.gov.in.

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC | Class of Contractor |
|---|---|---|---|---|
| Construction of storm water drain of F–13, F-14 & F-36 blocks of Board Colony of HHEP, Burla. | 14,32,285/- | Rs. 7080/- (Rs.6000/- + GST 18%) | 14330/- | 'D' & 'C' |

- Sale of tender paper : 23.09.2026(11.00AM) to 06.10.2026 upto 03.00PM
- Receipt of tender paper: 06.10.2026 upto 03.00PM
- Date & time of opening of tender : 06.10.2026 at 04.00PM
- Further details can be seen from the e-procurement portal https://tendersodisha.gov.in / www.ohpc.co.in

OIPR : 4001/4007/1/26-27/0030 Sd/- Unit Head, HHEP, Burla



34001/839/2627

**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**
Email - eedklpwd@gmail.com
**INVITATION FOR BIDS THROUGH e-Procurement**
Invitation for Bids
1st Corrigendum
**Bid Identification No. SE DKL (R&B). 19/ 2026-27**

Name of the Work - 02 (Two) Nos Road Maintenance Works.

The following changes have been made in Bid Identification No. SE DKL (R&B). 19/ 2026-27

1. Availability of Bid documents in Govt. Website i.e. www.tendersorissa.gov.in. during the period from 10.00 AM dt.29.09.2026 to 05.00PM hours of dt.12.10.2026 instead of 10.00 AM on dt. 19.09.2026 to 5.00 PM on dt. 03.10.2026 for ONLINE BIDDING respectively.
2. Online bids shall be received till 05.00 PM Hours of dt.12.10.2026 instead of dt.03.10.2026.
3. Date of opening of bid at 11.00 A.M. of dt.13.10.2026 instead of dt.05.10.2026.

All other terms and conditions remain unchanged.

Sd/- Superintending Engineer Dhenkanal (R&B) Division, Dhenkanal

OIPR : 34001/34016/1/26-27/0025



Executive Officer-9937130262 Email. nackhrd@rediffmail.com

**OFFICE OF THE NOTIFIED AREA COUNCIL, KHARIAR ROAD**
At/PO - Khariar Road, Dist.- Nuapada, Pin - 766104
Letter No. 4069 (9) / Dtate. 14.09.2026

**ବିଜ୍ଞାପନ**

ପଶ୍ଚିମ ଓଡ଼ିଶାର ଗଣ ପର୍ବ "ନୂଆଁଖାଇ" ୨୦୨୬ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ ତରଫରୁ ସମସ୍ତ ସହରବାସୀ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ଓ ନିବେଦନ କରୁଛୁ କି,

୧) ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ପରିବେଶ ପ୍ରଦୂଷଣ ମୁକ୍ତ କରିବା ପାଇଁ ବୃକ୍ଷ ରୋପଣ କରନ୍ତୁ ।
୨) ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ ଯଥା : ବାଲି, ମାଟି, ଇଟା, ପଥର ଓ ଗୋଡ଼ି ଆଦି ପକାନ୍ତୁ ନାହିଁ ।
୩) ଗୃହର ବର୍ଜ୍ୟବସ୍ତୁ ଗୁଡ଼ିକୁ ରାସ୍ତା ବା ନାଳିରେ ନ ପକାଇ ପରିଷଦର ଗାଡ଼ି କିମ୍ବା ଆବର୍ଜନା କୁଣ୍ଡରେ ପକାନ୍ତୁ ।
୪) ପରିଷଦର ଟିକସଗୁଡ଼ିକ ଠିକ୍ ସମୟରେ ପଇଠ କରି ସହରର ସର୍ବାଙ୍ଗୀନ ଉନ୍ନତିରେ ସାହାଯ୍ୟର ହାତ ବଢ଼ାନ୍ତୁ ।
୫) ପରିଷଦର ଅନୁମତି ନେଇ ନୂତନ ଗୃହ ନିର୍ମାଣ ତଥା ପୁରାତନ ଗୃହର ନବୀକରଣ କରନ୍ତୁ ।
୬) ନିଜର ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ ।
୭) ସହରକୁ ଏକକ ବ୍ୟବହୃତ ପଲିଥିନ୍ ମୁକ୍ତ ସହର ଗଠନ କରିବା ପାଇଁ ପଲିଥିନ୍ ବ୍ୟବହାର ବର୍ଜନ କରିବା ।

**ଆସନ୍ତୁ ମିଳିମିଶି ସଂକଳ୍ପ ନେବା ଆମ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ।**

| | | |
|---|---|---|
| ଶ୍ରୀଯୁକ୍ତ କୁରୁକ୍ଷେତ୍ର ନାୟକ (ଓ.ଲା.ସେ.)<br>କାର୍ଯ୍ୟ ନିର୍ବାହୀ ଅଧିକାରୀ<br>ବିଜ୍ଞାପିତ ଅଞ୍ଚଳ ପରିଷଦ<br>ଖରିଆର ରୋଡ୍ | ଶ୍ରୀଯୁକ୍ତ ନିଶାନ୍ତ ଦାଶ<br>ଉପାଧ୍ୟକ୍ଷ<br>ବିଜ୍ଞାପିତ ଅଞ୍ଚଳ ପରିଷଦ<br>ଖରିଆର ରୋଡ୍ | ଡ. ସୋଫିଆ ଶେଖ<br>ଅଧ୍ୟକ୍ଷା<br>ବିଜ୍ଞାପିତ ଅଞ୍ଚଳ ପରିଷଦ<br>ଖରିଆର ରୋଡ୍ |



**WAK-EN-INTERVIEW FOR ENGAGEMENT OF GUEST FACULTY.**

28001/27/2627

**ODISH A UNIVERSITY OF AGRICULTURE & TECHNOLOGY COLLEGE OF COMMUNITY SCIENCE, BHUBANESWAR -3**
**Ref. No 867/CCS Dt. 19.09.2026**

Guest Faculties are required for the following departments of College of Community Science, OUAT, Bhubaneswar. The details of position, qualification, experience and other terms and conditions are available on the OUAT website, www.ouat.ac.in.

| Date of Interview | Time | Subject | Venue |
|---|---|---|---|
| 07.10.2026 | 10.30 A.M. | Food and Nutrition, Resource Management & & Consumer Science, Human Development and Family Studies. | Committee Room, CCS, OUAT |

Documents required

A copy of the bio-data with original and photocopies of all mark sheets and certificates alongwith a Bank Draft of Rs. 500/- in favour of "Camptroller, OUAT, Bhubaneswar-751003" payable at Bhubaneswar.

DEAN,CCS

OIPR : 28001/28011/1/26-27/0001



E-mail I.D:-eerwssnpd@rediffmail.com

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ନୂଆପଡା

**OFFICE OF THE SUPERINTENDING ENGINEER RURAL WATER SUPPLY & SANITATION DIVISION, NUAPADA**

25001/1176/2627

Letter No : 2739 / Date : 18.09.26

**1st Corrigendum to Bid Identification No. RWS&S- 13/2026-27**

Remaining unaltered of all terms and conditions, the following changes are hereby made to Bid Identification No. RWS&S_ 13 /2026-27 of the Superintending engineer, RWS&S Division, Nuapada due to administrative reason by virtue of this corrigendum as mention below :

| NIT | As per 1st Corrigendum |
|---|---|
| Date and Time of availability of bid document in the portal: 10.09.2026 at 10.00 A.M. | Date and Time of availability of bid document in the portal: 10.09.2026 at 10.00 A.M. |
| Last date /Time for receipt of bids in the portal : 24.09.2026 up to 5.00 P.M. | Last date /Time for receipt of bids in the portal : 30.09.2026 up to 5.00 P.M. |
| Date of Opening of bid: 25.09.2026 at 11.00 A.M. | Date of Opening of bid: 01.10.2026 at 11.00 A.M. |

Sd/- (Er. P. Sahu)
Superintending Engineer, RWSS Division, Nuapada

OIPR : 25001/25043/1/26-27/0006



Email ID : eephdsbp@gmail.com

**GOVERNMENT OF ODISHA OFFICE OF THE SUPERINTENDING ENGINEER, P.H. DIVISION, SAMBALPUR.**

13001/1896/2627

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. SEPHSBP-06/2026-27 Dt. 17.09.2026**

| | | |
|---|---|---|
| 01. | Name of the Work | 5 nos Work. |
| 02. | Type of Bid. | Single Bid System |
| 03. | Estimated Cost | Rs. 17.11 lakhs to Rs. 36.77 lakhs |
| 04. | Period of Completion | 4 (Four) Calendar Months. |
| 05. | Date & Time of availability of bid document in the portal | From 11.00 AM to dt. 23.09.2026 to 5.00 PM of 07.10.2026 |
| 06. | Last date / time of receipt of bids in the portal | 5.00 PM of 07.10.2026 |
| 07. | Date & Time of opening of technical bids | At 11.30 AM of 08.10.2026 |
| 08. | Name and Address of the Officer Invitng Bid | Superintending Engineer, P.H. Division, Sambalpur, Near V.S.S. Stadium, Brooks Hill Dist. - Sambalpur-768001 |

Further details can be seen from the website https://tenders.ori.nic.in or www.tendersorissa.gov.in

Sd/- Additional Chief Engineer P.H. Division, Sambalpur

OIPR : 13001/13026/1/26-27/0008



**O/O CHIEF DISTRICT MEDICAL & PUBLIC HEALTH OFFICER**
**DISTRICT PROGRAMME MANAGEMENT UNIT NATIONAL HEALTH MISSION GAJAPATI**

10001/562/2627 e-mail- dpmugajapati@gmail.com

Sealed Tenders are invited by the CDM & PHO cum District Mission Director. NHM, Gajapati from Eligible Agencies/Firms for selection of Agencies /Firms for operation and Management of Hand-Held X Ray for screening of TB.Interested bidders may send their complete bids super scribing the Tender Notification No: 11/ 2026/Gajapati/X-Ray and date: 19.09.2026 on the top of the Bid envelop addressing clearly to the O/o CDM&PHO, Gajapati, At/Po: Paralakhemundi Dist :Gajapati-761200.Detailed RFP & tender requirements may be downloaded from the District website www.gajapati.odisha.gov.in Last date of for receipt of Tender is 13.10.2026 latest by 5.00 PM only through Speed post/Regd.post/ Courier only and the bids so received will be opened on 14.10.2026 at 11.00 am at DPMU Conference Hall. O/o CDM & PHO. Gajapati. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd/- CDM & PHO cum District Mission Director Gajapati

OIPR : 10001/10262/1/26-27/0004



**OFFICE OF THE SUPERINTENDENT, CHC, TARBHA DIST-SUBARNAPUR ODISHA**

Adv No : 972 / 2026 Date :21.9.2026

10001/561/2627 **NOTICE FOR EMPANELLEMENT OF YOGA TEACHERS FOR AAMs**

Walk in interview will be conducted for engagement/empanelment of Part Time Yoga Teacher on per session basis for Ayusman Arogya Mandirs under CHC, Tarbha. Lower age limit for all the posts is 21 years and Upper age limit is 50 years as on 01.09.2026.

| Sl. No. | Name of the position | Qualification | Mode of engagement | Remuneration | Deliverables |
|---|---|---|---|---|---|
| 1 | Yoga teacher | Option -1 - PG Diploma in Yoga/ MA in human conscious & Yogic science/ MA in Yoga & Naturopathy/Ma in Yogic Science/Diploma or Certificate Course in Yoga. Option -2 - if candidate with above qualification is not available then candidate from the local area , who had passed at least higher secondary level/+2 (from any stream) and physically and mentally fit and undergone 140 hrs yoga curriculum training in an institutional setting will be considered. | Per session (90 minute) basis | Rs. 500 per session(90 minute) including conveyance(As per PIP 2026-2027) | Minimum 10 person to participate in yoga session |

Above position is purely temporary in nature & remuneration will be paid as per actual work after production of relevant documents by the candidates. Interested eligible candidates can download the terms and conditions & application format from www.subarnapur.odisha.gov.in and may attend in the office of the Superintendent, CHC, Tarbha on dated 30/09/2026 from 10.30 A.M to 12.00 P.M along with all required documents. No application will be received beyond the scheduled time. The undersigned reserves the right to cancel any or all the applications / positions at any stage without assigning any reason thereof.

Superintendents CHC, Tarbha Dist-Subarnapur

OIPR : 10001/10168/1/26-27/0001



बैंक ऑफ़ बड़ौदा Bank of Baroda

**ମଣିସାହୁ ଛକ ଶାଖା**
କିଶୋର ହାଉସ, ହାଓଡା ମୋଟର୍ସ ନିକଟ, କ୍ୟାଣ୍ଟନମେଣ୍ଟ ରୋଡ୍, ବକ୍ସି ବଜାର, କଟକ-୭୫୩୦୦୧, ଓଡ଼ିଶା

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ତାଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତା ବକେୟା ଦେୟ ପଇଠ କରୁନାହାଁନ୍ତି । ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଯଦି ତାଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) ତା.୨୪.୦୯.୨୦୨୬ରିଖ ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ ତା.୨୫.୦୯.୨୦୨୬ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରୁ ବ୍ୟାଙ୍କରେ ବନ୍ଧକ ଥିବା ତାଙ୍କର ସୁନା ଅଳଙ୍କାରଗୁଡିକୁ ନିମ୍ନରେ ଦର୍ଶାଯାଇଥିବା ସମ୍ପୃକ୍ତ ଶାଖା ପରିସରଠାରେ ସର୍ବସାଧାରଣରେ ନିଲାମ କରାଯିବ । ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାଙ୍କର କୌଣସି ଅସୁବିଧା କିମ୍ବା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ବା ପ୍ରତିନିଧିତ୍ୱକୁ ପ୍ରଶ୍ରୟ ଦେବ ନାହିଁ । ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ବା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖୁଅଛି । ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସ୍ଥିରୀକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ବା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖୁଅଛି । ସୁନା ଅଳଙ୍କାର / କଏନ୍ ଗୁଡିକର ଶୁଦ୍ଧତା ଓ ନେଟ୍ ଓଜନ ଏବଂ ସଂରକ୍ଷିତ ମୂଲ୍ୟ ଇତ୍ୟାଦି ଇଚ୍ଛୁକ ନିଲାମଧାରୀଙ୍କ ନିମନ୍ତେ ନିଲାମ ତାରିଖ ଦିନ ଶାଖାରେ ଉପଲବ୍ଧ ହେବ ।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମ୍‌ରେ) | ନେଟ୍ ଓଜନ (ଗ୍ରାମ୍‌ରେ) | ତା.୨୧.୦୯.୨୦୨୬ ସୁଦ୍ଧା ମୋଟ ବକେୟା ପରିମାଣ |
|---|---|---|---|---|---|
| ମଣିସାହୁ ଛକ ଶାଖା, ଯୋଗାଯୋଗ ବ୍ୟକ୍ତି: ଶାଖା ପ୍ରବନ୍ଧକ, ଫୋନ ନଂ. ୮୨୪୯୪୪୧୮୨୩ | | | | | |
| ୧. | ୨୫୦୫୦୬୦୦୦୧୨୨୨୧ | ଭାଗ୍ୟଲକ୍ଷ୍ମୀ ନାୟକ, ବାଲିସାହି, କୋଣାର୍କ, (ଏନ୍.ଏ.ସି) କୋଣାର୍କ, ପୁରୀ, ଓଡ଼ିଶା-୭୫୨୧୧୧ | ୧୨୦.୩୨ | ୧୦୮.୨୦ | ଟ.୬,୮୭,୫୬୧.୬୨ + ସୁଧ |

ସ୍ଥାନ: କଟକ
ତାରିଖ: ୨୧.୦୯.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା, କଟକ


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୨୯, ନବରଙ୍ଗପୁର-କେ. ସାକିଲଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ହତ୍ୟା ଉଦ୍ୟମକାରୀଙ୍କୁ ଛାଡି ଦିଆଯିବା ପ୍ରତିବାଦରେ

# ଜେନାପୁର ଥାନା ଘେରାଉ ଓ ଧାରଣା ପାଇଁ ଏସ୍‌ପିଙ୍କୁ ଚିଠି

ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲାର ଜେନାପୁର ଥାନାରେ ଏବେ ବିଚିତ୍ର ସ୍ଥିତି ଦେଖିବାକୁ ମିଳୁଛି। ଉକ୍ତ ଥାନା ପୋଲିସ ବିରୁଦ୍ଧରେ ଗୋଟିଏ ପରେ ଗୋଟିଏ ସଙ୍ଗିନ ଅଭିଯୋଗ ହୋଇ ଚାଲିଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନିରବ ଦ୍ରଷ୍ଟା ସାଜିବା ଘଟଣାକୁ ସାଧାରଣରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୋଲିସର ଏପରି କାର୍ଯ୍ୟକଳାପ ପ୍ରତିବାଦରେ ଜେନାପୁର ଥାନା ଘେରାଉ ପାଇଁ ଅତ୍ୟାଚାରିତ ପରିବାର ଓ ସ୍ଥାନୀୟ ଲୋକେ ଯାଜପୁର ଏସପି ଓ ଏସଡିପିଓଙ୍କୁ ଶାକ୍ଷାତକରି ଲିଖିତ ଭାବେ ଜଣାଇଛନ୍ତି। ଜେନାପୁର ଥାନା ପୋଲିସ ବିରୁଦ୍ଧରେ ସାଧାରଣ ଲୋକଙ୍କ ଏପରି ପ୍ରତିବାଦାତ୍ମକ ମନୋଭାବକୁ ନେଇ ଆଲୋଚନା ଯୋର ଧରିଛି। ସୂଚନା ଅନୁଯାୟୀ ଗତ ଅଗଷ୍ଟ ୩୧ ତାରିଖ ରାତିରେ ଏହି ଥାନା ଅଧିନ ମର୍ଯ୍ୟାଦାପୁର ଗ୍ରାମରେ ଜନସେବା। କେନ୍ଦ୍ର ଚଳାଉଥିବି ରଶ୍ମୀରଞ୍ଜନ ତରାଇ ନାମକ ଜଣେ ଯୁବକକୁ ସଂଘବଦ୍ଧ ଭାବେ ଆକ୍ରମଣ ସହ ହତ୍ୟା ଉଦ୍ୟମ କରାଯାଇଥିଲା ଓ ଏହି ଘଟଣାର ପରଦିନ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କ ଦାଦାଙ୍କୁ ମଧ୍ୟ ପୁନର୍ବାର ଆକ୍ରମଣ କରାଯାଇଥିଲା। ଆକ୍ରମଣରେ ଲହୁଲୁହାଣ ଯୁବକଙ୍କୁ ମୁମୂର୍ଷ ଅବସ୍ଥାରେ କଟକ ମେଡିକାଲରେ ଭର୍ତ୍ତି କରାଯିବା ପରେ ଜେନାପୁର ଥାନାରେ ଲିଖିତ ଏତଲା ଦାୟର କରାଯାଇଥିଲା। ପ୍ରାଥମିକ ତଦନ୍ତ ପରେ ଘଟଣାର ସମ୍ବେଦନ ଶିଳତା ଓ ସତ୍ୟତାର ପ୍ରମାଣ ପାଇ ବିଏନଏସର ୧୦୯(୧) ହତ୍ୟା ଉଦ୍ୟମ ସହ ୬ଟି ଦଫା ଲଗାଇ ପୋଲିସ ଥାନା କେଶ ନମ୍ବର ୨୩୯/୨୬ରେ ମାମଲା ପଞ୍ଜିକରଣ କରିଥିଲା। ଘଟଣାର ତଦନ୍ତ ଅଧିକାରୀ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମର୍ଯ୍ୟାଦାପୁର ଗ୍ରାମର ଜଗବନ୍ଧୁ ତରାଇକୁ ଗତ ୩ତାରିଖ ଦିନ ଗିରଫ କରି ୪/୫ଘଣ୍ଟା ଥାନାରେ ଅଟକରଖିବା ପରେ ଅଭିଯୋଗକାରୀ ଓ ଘଟଣାର ଶାଖୀ ମାନଙ୍କୁ ଥାନାକୁ ଡକାଇ ସେମାନଙ୍କ ବୟାନ ରେକର୍ଡ କରିବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ ପାଇଁ ପେପର ପ୍ରସ୍ତୁତ କରୁଥିଲେ। ହେଲେ ଛୁଟିରୁ ଫେରିଥିବା ଥାନା ଅଧିକାରିଣୀ ହଠାତ ଥାନାରେ ପହଞ୍ଚିବା ପରେ ସବୁ ଓଲଟ ପାଲଟ ହୋଇଯାଇଥିଲା। ଗିରଫ ଆଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବା ପରିବର୍ତ୍ତେ ହଠାତ ଥାନାରୁ ଛାଡି ଦିଆଯାଇଥିବା ଦେଖାଯାଇଥିଲା।ପୋଲିସ କାହିଁକି ଓ କାହା ଚାପରେ ହତ୍ୟା ଉଦ୍ୟମରେ ଗିରଫ ଅଭିଯୁକ୍ତକୁ ଥାନାରୁ ଛାଡିଦେଲା ତାକୁନେଇ ଅଭିଯୋଗ କାରୀ ଓ ସ୍ଥାନୀୟ ଲୋକେ ପ୍ରଶ୍ନ କରିଥିଲେ। ତେବେ ପ୍ରତିକ୍ରିୟା ଦେଖି ଅଭିଯୁକ୍ତ ମାପଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସଫେଇ ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଦିନ ଗଡାଇ ଚାଲିଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ଘଟଣାକୁ ୨୨ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ ନକରିବାରୁ ସେମାନେ ଖୋଲାରେ ବୁଲି ଅଭିଯୋଗ କାରୀ ଓ ତାଙ୍କ ପରିବାରକୁ ଭୟ ଦେଖାଉଥିବି ଅଭିଯୋଗ ହୋଇଛି। ଜେନାପୁର ପୋଲିସର ଏତାଦୃଶ ପକ୍ଷପାତିତା ନିତି ଓ ଚରମ ଅବହେଳାକୁ ନେଇ ଏହି ଘଟଣାର ଅଭିଯୋଗକାରୀ,ବିଭିନ୍ନ ଜଘନ୍ୟ ଘଠଣାକୁ ନେଇ ଉକ୍ତ ଥାନାରେ ପୂର୍ବରୁ ଅଭିଯୋଗକରି ନିରାଶ ହୋଇଥିବା ପରିବାରଙ୍କ ସହ ସ୍ଥାନୀୟ ଲୋକେ ଇତିମଧ୍ୟରେ ଯାଜପୁର ଏସପି ୟସପ୍ରତାପ ଶ୍ରୀମଲ ଓ ଯାଜପୁରରୋଡ ଏସଡିପିଓ ଶରତଚନ୍ଦ୍ର ପାତ୍ରଙ୍କୁ ଭେଟି ଯଥାଶୀଘ୍ର ଅଭିଯୁକ୍ତ ମାନଙ୍କୁ ଗିରଫ କରା ନଗଲେ ଜେନାପୁର ଥାନା ଘେରାଉ ସହ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଲିଖିତଭାବେ ଜଣାଇଛନ୍ତି। ଅଭିଯୋଗକାରୀ କାଳନ୍ଦି ତରାଇଙ୍କ ସହ ପ୍ରାୟ ୫୦ଜଣ ଲୋକ ଏସପି ଓ ଏସଡିପିଓଙ୍କୁ ଏ ସମ୍ପର୍କରେ ଶାକ୍ଷାତ କରିଥିବା ଜଣାପଡ଼ିଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ରଶ୍ମିରଞ୍ଜନଙ୍କ ମୁଣ୍ଡରେ ଗଭୀର କ୍ଷତ ଯୋଗୁଁ ତାଙ୍କ ମୁଣ୍ଡରେ ୧୩ ଟି ଷ୍ଟିଚ ପଡିଛି । ସେ ଏବେ ଗୁରୁତର ଅବସ୍ଥାରେ ଅଛନ୍ତି ବୋଲି ତାଙ୍କ ପରିବାର ଲୋକେ କହିବା ସହ ଏଥିନେଇ ତାଙ୍କୁ ପୋଲିସ ପକ୍ଷରୁ ନ୍ୟାୟ ମିଳିନଥିବାରୁ ସେମାନେ ଥାନାରେ ଧାରଣା ଦେବା ସହ ଥାନା ଘେରାଉ ପାଇଁ ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତେବେ ତାଙ୍କୁ ଉଚିତ ପ୍ରଦାନ ପାଇଁ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଇତ୍ୟବସରରେ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଏସଡିପିଓ ଶ୍ରୀ ପାତ୍ରଙ୍କୁ ପଚାରିବାରେ ସେ ଏହି ଘଠଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜେନାପୁର ଥାନାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

# ହିଣ୍ଡାଲକୋ ହୀରାକୁଦ ଶାଖା ପକ୍ଷରୁ ଭାରତକୁ ଜାଣୋ ଓ ଜାତୀୟ ବୃନ୍ଦଗାନ ପ୍ରତିଯୋଗିତା

ହୀରାକୁଦ, (ସବ୍ୟୁ): ଭାରତ ବିକାଶ ପରିଷଦ, ହୀରାକୁଦ ଶାଖା ତରଫରୁ ଭାରତକୁ ଜାଣୋ ଓ ଜାତୀୟ ବୃନ୍ଦଗାନ ପ୍ରତିଯୋଗିତା କରାଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ବି ଜେ ପି ସଭାପତି ସମ୍ବଲପୁର ଶ୍ରୀଯୁକ୍ତ ରାମଚନ୍ଦ୍ର ମେହେର, ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଆନନ୍ଦ ଚକ୍ରବର୍ତ୍ତୀ, ଉଝଜ ମୁଖ୍ୟ, ହିଣ୍ଡାଲକୋ ଓ ପର୍ଯ୍ୟବେକ୍ଷକ, ଡ. ନରେନ୍ଦ୍ର ବେହେରା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଶାଖାର ବରିଷ୍ଠ ସଭ୍ୟ, ବିରେନ୍ଦ୍ର ପାଣିଗ୍ରାହୀ ମଞ୍ଚ ପରିଚାଳନା, ହୀରାକୁଦ ଶାଖା ସଂଯୋଜକ ଶ୍ରୀଯୁକ୍ତ ସରୋଜ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ ଓ ପରିଷଦ ର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମସ୍ତଙ୍କୁ ଅବଗତ କରିଥିଲେ । ଡ଼.ନରେନ୍ଦ୍ର ବେହେରା ଭାରତୀୟ ସଂସ୍କୃତି ଓ ପରମ୍ପରାର ବିକାଶ ଓ ପର୍ଯ୍ୟବରଣର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଶ୍ରୀଯୁକ୍ତ ରାମଚନ୍ଦ୍ର ବେହେରା ବିକଶିତ ହୀରାକୁଦ, ବିକସିତ ସମ୍ବଲପୁର,ବିକସିତ ଓଡ଼ିଶା ଓ ବିକଶିତ ଭାରତ ର ଯୋଜନା ଓ ସମସ୍ତଙ୍କର ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ ।



ଶେଷରେ ଶାଖା ସଭାପତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କଲେ । ଦିବାକର ମହାନନ୍ଦ, ଶ୍ରୀମତୀ ଜେନା, ଶ୍ରୀମତୀ ରେଶ୍ମା ଶ୍ରୀକୁମାର, ବିଚାରକ ମଣ୍ଡଳୀ ବୃନ୍ଦଗାନ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ । ପ୍ରତିଯୋଗିତାରେ ଫଳାଫଳ ବ୍ରହ୍ମାନନ୍ଦ ସାହୁ ଘୋଷଣା କରିଥିଲେ । ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ପ୍ରାନ୍ତ ସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବା ପାଇଁ ଉତ୍ସାହିତ କରାଯାଇଥିଲା । ଶାଖାର ସମ୍ପାଦକ ହିମାଂଶୁ ହୋତା, କୋଷାଧ୍ୟକ୍ଷ ଅନୁପ ସାହୁ, ମହିଳା ସହଭାଗିତା ପ୍ରମୁଖ ଶୁଭଶ୍ରୀ ପୃଷ୍ଟି, ସେବା ପ୍ରମୁଖ ମନୋହର ସିଂହ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ, ବିଶ୍ୱନାଥ ମିଶ୍ର, ବୈକୁଣ୍ଠ ନାଗ,ପ୍ରିୟ ରଂଜନ ଡାଲ, ଗୁରୁଜୀ, ଏବଂ ନିବେଦିତା ମହନ୍ତ, ପ୍ରୀତି ପ୍ରିୟଦର୍ଶିନୀ ମିଶ୍ର ଓ ରିତୁ ପରିଡ଼ା ଗୁରୁମା ଙ୍କସହ ହୀରାକୁଦର ଅନେକ ବରିଷ୍ଠ ନାଗରିକ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ ।

## ଜଗନ୍ନାଥଙ୍କ ଜମି ପଟ୍ଟା ପାଇବାରୁ ବଞ୍ଚିତ ଖୋର୍ଦ୍ଧା ଜିଲ୍ଲାର ୩୬ଟି ଗ୍ରାମବାସୀ

# ରିଭିଜନାଲ କୋର୍ଟର ସ୍ଥିତି କ'ଣ ଅଛି ଜଣାଅ : ହାଇକୋର୍ଟ

କଟକ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମହାପ୍ରଭୁ ଜଗନ୍ନାଥଙ୍କ ନାମରେ ଥିବା ଜମିର ପଟ୍ଟା(ରେକର୍ଡ ଅଫ ରାଇଟ୍ସ)ରୁ ବଞ୍ଚିତ ୩୬ଟି ଗ୍ରାମବାସୀଙ୍କ ପକ୍ଷରୁ ରୁଜୁ ମାମଲାରେ ହାଇକୋର୍ଟ ସ୍ୱତନ୍ତ୍ର ରିଭିଜନାଲ କୋର୍ଟର ସ୍ଥିତି ସଂକ୍ରାନ୍ତରେ ଜଣାଇବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଥିବା ଜଗନ୍ନାଥଙ୍କ ଜମିକୁ ଗ୍ରାମବାସୀଙ୍କ ନାମରେ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ରିଭିଜିନାଲ କୋର୍ଟ ଗଠନ କରାଯାଇଥିଲା। ଏହି କୋର୍ଟ ଜରିଆରେ ୧୨୦ଟି ଗ୍ରାମବାସୀଙ୍କ ନାମରେ ଆରଓଆର କରାଯାଇଥିଲାବେଳେ ଆହୁରି ୩୬ଟି ଗ୍ରାମବାସୀ ଏଥିରୁ ବାଦ୍ ପଡ଼ିଥିଲେ। ଫଳରେ ଜଟଣୀର ଏକ ସଙ୍ଗଠନ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତ ରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ଅକ୍ଟୋବର ୧୪କୁ ଧାର୍ଯ୍ୟ ହୋଇଛି।

ମାମଲାରୁ ଜଣାଯାଇଛି ଯେ, ଖୋର୍ଦ୍ଧା ଜିଲ୍ଲାରେ ମହାପ୍ରଭୁ ଜଗନ୍ନାଥଙ୍କ ନାମରେ ଥିବା ଜମିକୁ ଭୋଗ ଦଖଲ କରିଥିବା ତଥା ପ୍ରଜା ସତ୍ତ୍ୱାଧିକାରରେ ରଖିଥିବା ଲୋକଙ୍କ ନାମରେ କରିବା ଲାଗି ରାଜ୍ୟ ସରକାର ଏକ ରିଭିକ୍ୟୁନାଲ କୋର୍ଟ ଗଠନ କରିଥିଲେ। ଏହି କୋର୍ଟରେ ସେହିସବୁ ଜମିକୁ ନେଇ ଥିବା ବିବାଦର ସମାଧାନ କରାଯାଇଥିଲା। ଏଥିରେ ୧୨୦ଟି ଗ୍ରାମର ଜଗନ୍ନାଥଙ୍କ ଜମିର ଆରଓଆର ସଂଶୋଧନ କରିଯାଇ ସମ୍ପୃକ୍ତ ଗ୍ରାମବାସୀଙ୍କ ନାମରେ କରାଯାଇଥିଲା। କିନ୍ତୁ ଆହୁରି ୩୬ଟି ଗ୍ରାମ ଏହି ସଂଶୋଧନ ପ୍ରକ୍ରିୟାରୁ ବାଦ୍ ପଡ଼ି ଯାଇଥିଲା । ଫଳରେ ବାଦ୍ ପଡ଼ିଥିବା ଏହି ଗ୍ରାମବାସୀଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। ଏଥିରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଜବାବ ରଖି ଦର୍ଶାଇଥିଲା ଯେ, ଯେହେତୁ ଏହି ସମସ୍ୟାର ସମାଧାନ ପାଇଁ ଆଉ ଏକ ଫୋରମ୍ ରହିଛି ତେଣୁ ରିଭିଜିନାଲ କୋର୍ଟର ଆଉ ଆବଶ୍ୟକତା ନାହିଁ । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଯେହେତୁ ରାଜ୍ୟ ସରକାର ଏହି ସମସ୍ୟାର ସମାଧାନ ପାଇଁ ରିଭିଜନାଲ କୋର୍ଟ ଗଠନ କରିଥିଲେ ଏବେ ଆଉ ଏକ ଫୋରମ୍ ରହିଛି ବୋଲି କହିବା ଗ୍ରହଣୀୟ ନୁହେଁ। ତେଣୁ ଯେଉଁ ରିଭିଜିନାଲ କୋର୍ଟ ଗଠନ ହୋଇଥିଲା ତାହା ଏବେ କାର୍ଯ୍ୟକ୍ଷମ ଅଛି କି' ନାହିଁ ସେ ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରସିପ୍ ୨୦୨୬-୨୭ ପାଇଁ ଆବେଦନ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍ ) ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାଶ ସ୍କଲାରସିପ୍ ଫର୍ ହାୟର ଏଜ୍ୟୁକେସନ୍ (ପିଜିଡିଏସ) ର ୨୨ତମ ସଂସ୍କରଣ, ୨୦୨୬-୨୭ ପାଇଁ ଆବେଦନ ଆହ୍ୱାନ କରାଯାଇଛି। ଏହି ସ୍କଲାରସିପ୍ ଇଞ୍ଜିନିୟରିଂ, ମେଡିସିନ୍, ଏସ ଟି ଇ ଏମ୍ ଏବଂ ଲିବରାଲ୍ ଆର୍ଟସ୍‌ରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରେ। ମନୋନୀତ ଛାତ୍ରଛାତ୍ରୀମାନେ ଚାରି ବର୍ଷର ପାଠ୍ୟକ୍ରମ ପାଇଁ ଶିକ୍ଷାଗତ ଫି' ଓ ଯୋଗ୍ୟ ଖର୍ଚ୍ଚର ୯୦ ପ୍ରତିଶତ ପର୍ଯ୍ୟନ୍ତ, ସର୍ବାଧିକ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ସ୍କଲାରସିପ୍ ଭାବେ ପାଇପାରିବେ। ପ୍ରସିଦ୍ଧ ଐତିହାସିକ ତଥା ସ୍ୱର୍ଗତ ଶ୍ରୀମତୀ ଇଲା ପଣ୍ଡାଙ୍କ ପିତା ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାଶଙ୍କ ନାମରେ ନାମିତ ଏହି ସ୍କଲାରସିପ୍ ୨୦୦୫ ମସିହାରେ ଇମ୍ପା ପକ୍ଷରୁ ପ୍ରତିଷ୍ଠିତ ହୋଇଥିଲା। ଶିକ୍ଷାକୁ ପରିବର୍ତ୍ତନର ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରିବା ଏବଂ କୌଣସି ଯୁବପିଢ଼ି ଯେପରି ସୁଯୋଗରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ଏହି ସ୍କଲାରସିପ୍‌ର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୬ ମସିହାଠାରୁ ବିଆଇପିଏଫ୍ ଏହି ମହତ୍ ଉତ୍ତରାଧିକାରକୁ ଆଗେଇ ନେଇଆସୁଛି। ବର୍ଷକ୍ରମେ ପିଜିଡିଏସ ର ସ୍କଲାରମାନେ ଦେଶର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ସ୍ଥାନ ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷାଗତ ଉତ୍କର୍ଷ, କ୍ୟାରିୟର ମାର୍ଗଦର୍ଶନ, ସମୟ ପରିଚାଳନା, ମାନସିକ ସୁସ୍ଥତା, ଜୀବନ କୌଶଳ, ନେତୃତ୍ୱ ଏବଂ ଯୋଗାଯୋଗ ଦକ୍ଷତା ଆଦି ଉପରେ ଗୁରୁତ୍ୱ ଦିଆଯାଏ। ଆବେଦନର ଶେଷ ତାରିଖ ୩୦ ଅକ୍ଟୋବର ୨୦୨୬।

# ଡ୍ରିମ୍‌ସ ନର୍ସିଂ ସ୍କୁଲ ପକ୍ଷରୁ ବିଶ୍ୱ ଆଲଝିମର ଦିବସ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂର ମେଣ୍ଟାଲ ହେଲଥ୍ ନର୍ସିଂ ବିଭାଗ ପକ୍ଷରୁ ଛତିଆ (ସୋଲର) ସ୍ଥିତ ସେବକ ଜରାଶ୍ରମରେ ବିଶ୍ୱ ଆଲଝିମର ଦିବସ ସୋମବାର ପାଳିତ ହୋଇଯାଇଛି । ଡ୍ରିମ୍‌ସ ପ୍ରଧାନ, ସଭାପତି ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରାଧ୍ୟାପକ ସତୀଶ ରାଜମଣ, ପଦ୍ମିନୀ କେୟାର ହସ୍‌ପିଟାଲର ମାନସିକ ରୋଗ ବିଭାଗର ମୁଖ୍ୟ ଡା. ଜୟ ପ୍ରକାଶ ରୁସେଲ ରାବଣ, ସ୍ୱାୟୁଗତ ମାନସିକ ରୋଗ ବିଭାଗର । ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷା ଡ. ପ୍ରଥିମା ପ୍ରକାଶମ୍‌ଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ନାଟକ ଓ ନୃତ୍ୟଗୀତ ମାଧ୍ୟମରେ ଜରାଗ୍ରସ୍ତ ବ୍ୟକ୍ତିଙ୍କ ଭୁଲାପଣଜନିତ ସମସ୍ୟାର ସମାଧାନ ସଂପର୍କରେ ସଚେତନତାର



ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମକୁ ଉଦଘାଟନ କରି ବୟୋବୃଦ୍ଧମାନଙ୍କ ଉପଯୁକ୍ତ ସେବା ଯନି ଉପରେ ଗୁରୁତ୍ୱାରୋପ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଜରାଶ୍ରମର ଉପଦେଷ୍ଟା ମନ୍ଦରଧର ସ୍ୱାଇଁ, ଭରତ ଚନ୍ଦ୍ର ବେହେରା, ସଂପାଦକ ନିତ୍ୟାନନ୍ଦ ପରାମର୍ଶଦାତା ଡା. ସୋମେଶ ମହାନ୍ତି, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସମାଜରେ ଜରାଗ୍ରସ୍ତ ବ୍ୟକ୍ତି ଠାରେ ଦେଖାଯାଉଥିବା ଆଲଝିମର ରୋଗ ଏବଂ ଡିମେନସିଆ ସମସ୍ୟା ଓ ଆମମାନଙ୍କ କର୍ତ୍ତବ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଜରାନିବାସ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବାର୍ତ୍ତା ଦେବା ସହ ଅନ୍ତେବାସୀଙ୍କ ଉପହାର ଦେଇ ସେମାନଙ୍କ ସହ ଭାବ ବିନିମୟ କରିଥିଲେ । ସହଯୋଗୀ ପ୍ରାଧ୍ୟାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଛାତ୍ରୀ ସୋନାଲି ରଣା ଓ ଛାତ୍ର ଜ୍ୟୋତି ପ୍ରକାଶ ସେନାପତି ଗାୟତ୍ରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ୫ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପେଡିଆଟ୍ରିକ୍ସ ଡିପ୍ଲୋମା

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାରେ ଗୁଣାତ୍ମକ ଚିକିତ୍ସା ଶିକ୍ଷା ଓ ବିଶେଷଜ୍ଞ ଡାକ୍ତର ସୃଷ୍ଟି କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି । ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ପକ୍ଷରୁ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟକୁ ପୋଷ୍ଟ ଗ୍ରାଜୁଏଟ ମେଡିକାଲ ଶିକ୍ଷା ପାଇଁ ମାନ୍ୟତା ପ୍ରଦାନ କରାଯାଇଛି । ଏହି କ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର (କୋରାପୁଟ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଫୁଲବାଣୀ (କନ୍ଧମାଳ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଢେଙ୍କାନାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡ଼ାକୁ ଶିଶୁ ରୋଗରେ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ମାନ୍ୟତା ମିଳିଛି । ପ୍ରତ୍ୟେକ ଅନୁଷ୍ଠାନରେ ୨ଟି ଲେଖାଏଁ ସିଟ, ଅର୍ଥାତ ମୋଟ ୧୦ଟି ସିଟ ଉପଲବ୍ଧ ହେବ । ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜଗତସିଂହପୁର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅନୁଗୁଳକୁ ପ୍ରସୂତି ଓ ସ୍ତ୍ରୀରୋଗ ବିଜ୍ଞାନରେ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ମାନ୍ୟତା ପ୍ରଦାନ କରାଯାଇଛି । ଜଗତସିଂହପୁରରେ ୨ଟି ଏବଂ ଅନୁଗୁଳରେ ୧ଟି ସିଟ ରହିବ । ଏହା ସହିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, କୋରାପୁଟକୁ ଆନାସ୍ଥେସିଓଲୋଜି ଓ ମେ ମୋଟ ୪ଟି ଡିଏନବି ସିଟ ପାଇଁ ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ମାନ୍ୟତା ମିଳିଛି । ଏହି ଉପଲବ୍ଧି ଫଳରେ ରାଜ୍ୟର ଜିଲ୍ଲାସ୍ତରୀୟ ଚିକିତ୍ସାଳୟ ଗୁଡ଼ିକରେ ବିଶେଷଜ୍ଞ ଡାକ୍ତର ତିଆରି ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟର ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବାରେ ଏହା ସହାୟକ ହେବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାର ସରକାରୀ ଚିକିତ୍ସାଳୟଗୁଡ଼ିକୁ ଉଚ୍ଚମାନର ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣର କେନ୍ଦ୍ର ଭାବେ ବିକଶିତ କରିବା ଆମ ସରକାରଙ୍କର ପ୍ରମୁଖ ଲକ୍ଷ୍ୟ । ଜଗତସିଂହପୁର, କୋରାପୁଟ, କନ୍ଧମାଳ, ଢେଙ୍କାନାଳ, ରାୟଗଡ଼ା ଓ ଅନୁଗୁଳର ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକୁ ନେସନାଲ ବୋର୍ଡ଼ ଅଫ ଏଗଜାମିନେସନ ଇନ ମେଡିକାଲ ସାଇନ୍ସ ମାନ୍ୟତା ମିଳିବା ଏହି ଦିଗରେ ଏକ ଉତ୍ସାହଜନକ ପଦକ୍ଷେପ । ଏହା ଦ୍ୱାରା ରାଜ୍ୟରେ ବିଶେଷଜ୍ଞ ଡାକ୍ତର ସୃଷ୍ଟି ପାଇଁ ଅଧିକ ସୁଯୋଗ ମିଳିବ ଏବଂ ଆଗାମୀ ଦିନରେ ଲୋକଙ୍କ ନିକଟରେ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ସେ ଏହି ସଫଳତା ପାଇଁ ସମ୍ପୃକ୍ତ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡାକ୍ତର, ନର୍ସିଂ ଅଧିକାରୀ ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ଧାମନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କୁ ନିଲମ୍ବନ ପାଇଁ ସୁପାରିସ

ଭୁବନେଶ୍ୱର, (ସବ୍ୟୁ) : ଭଦ୍ରକ:ଅ ଧାମନଗର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ୪୬-ଧାମନଗର ନିର୍ବାଚନ ମଣ୍ଡଳୀର ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ନିଲମ୍ବନ (ସସପେଣ୍ଡ) କରିବା ସହ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୁପାରିସ କରିଛନ୍ତି। ଏ ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ, ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ଭାରତୀୟ ନିର୍ବାଚନ କମିଶନ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ ଅନୁମୋଦନ ଓ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ କାର୍ଯ୍ୟାଳୟରୁ ୨୧ ସେପ୍ଟେମ୍ବର ୨୦୨୬ରେ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଏ ସମ୍ପର୍କରେ ଚିଠି ଦିଆଯାଇଥିଲା। ଚିଠିରେ ଉଲ୍ଲେଖ ଅନୁଯାୟୀ, ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସମୟରେ ବିଏଲ୍‌ଓମାନଙ୍କ ପରିଚୟପତ୍ର/କ୍ରେଡେନ୍‌ସିଆଲ୍ ଓ ଓଟିପିର ଅନଧିକୃତ ବ୍ୟବହାର ସହିତ ଫର୍ମ-୭ର ଅନଧିକୃତ ଦାଖଲ ଓ ଅପଲୋଡ୍ କରାଯାଇଥିବା ଅଭିଯୋଗ ନେଇ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜିକରଣ ଅଧିକାରୀ ଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ସେମିକନ୍ ଇଣ୍ଡିଆ ୨୦୨୬ ଉଦ୍‌ଯାପିତ

# ବିଶ୍ୱ ଚିପ୍ ଶିଳ୍ପରେ ଭାରତର ଭୂମିକା ଆହୁରି ସୁଦୃଢ଼ କରିବ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ସେମିକଣ୍ଡକ୍ଟର ପରିସଂସ୍ଥାନରେ ଭାରତର ବଢୁଥିବା ଭୂମିକାକୁ ପ୍ରଦର୍ଶିତ କରି ତିନିଦିନିଆ 'ସେମିକନ୍ ଇଣ୍ଡିଆ ୨୦୨୬' ଉତ୍ସାହଜନକ ପରିବେଶରେ ଉଦ୍‌ଯାପିତ ହୋଇଛି। ଯଶୋଭୂମିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୧,୬୫୬ ଜଣ ପଞ୍ଜୀକରଣ କରିଥିବା ବେଳେ ପ୍ରାୟ ୪୦,୦୦୦ ଜଣ ଦର୍ଶକ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ୬୦୦ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରେ ପ୍ରାୟ ୩୦୦ଟି ଅନ୍ତର୍ଜାତୀୟ କମ୍ପାନୀ ସାମିଲ ହୋଇଥିଲେ। ମୋଟ ୫୨ଟି ଦେଶର ପ୍ରତିନିଧିଙ୍କ ଅଂଶଗ୍ରହଣ ଏହାକୁ ବିଶ୍ୱସ୍ତରୀୟ ମଂଚରେ ପରିଣତ କରିଥିଲା। ସେମିକଣ୍ଡକ୍ଟର କ୍ଷେତ୍ରରେ ସହଯୋଗ ଓ ନିବେଶକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟରେ ୫୬ଟି ବୁଝାମଣାପତ୍ର ଓ ବିଭିନ୍ନ ଘୋଷଣା କରାଯାଇଥିଲା। ଏହାସହ ୫,୦୦୦ରୁ ଅଧିକ ବ୍ୟବସାୟିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୭ ବିଲିୟନ୍ ଡଲାରର ନିବେଶ ପ୍ରତିଶ୍ରୁତି ସହ ବିଭିନ୍ନ ଉତ୍ପାଦ ଉନ୍ମୋଚନ ଓ ରଣନୈତିକ ପଦକ୍ଷେପ ଘୋଷଣା କରାଯାଇଛି। ସେମିକନ୍ ଇଣ୍ଡିଆ ୨୦୨୬ର ଉଦ୍‌ଯାପନୀ ଅବସରରେ ସେମି ଇଣ୍ଡିଆ ଓ ଆଇଇଏସ୍‌ଏର ସଭାପତି ଅଶୋକ ଚାନ୍ଦକ କହିଛନ୍ତି, ଭବିଷ୍ୟତକୁ ରୂପାନ୍ତର କରିବା ଦିଗରେ ଭାରତର ସେମିକଣ୍ଡକ୍ଟର ଯାତ୍ରା ପାଇଁ ସେମିକନ୍ ଇଣ୍ଡିଆ ୨୦୨୬ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ଏହି ତିନିଦିନରେ ଦେଖିବାକୁ ମିଳିଥିବା ବ୍ୟାପକ ଅଂଶଗ୍ରହଣ, ବିଶ୍ୱସ୍ତରୀୟ ଉପସ୍ଥିତି, ବାଣିଜ୍ୟିକ ଘୋଷଣା, ପ୍ରଯୁକ୍ତିଗତ ସହଭାଗିତା ଓ ଅଭୂତପୂର୍ବ ଉତ୍ସାହ ପ୍ରମାଣ କରୁଛି ଯେ ଭାରତ ଆଉ ସେମିକଣ୍ଡକ୍ଟର ଶିଳ୍ପର ଦ୍ୱାରଦେଶରେ ଠିଆ ହୋଇନାହିଁ; ବରଂ ଏହି ଶିଳ୍ପରେ ନିଜର ସ୍ଥାନ ଗଢ଼ି ତୋଳୁଛି।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ ସଂଘର ନୂଆଖାଇ ଭେଟ୍‌ଘାଟ୍

ଭୁବନେଶ୍ୱର (ସବ୍ୟୁ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓଡିଶା ଖାଖା ଅଧିକାରୀ ସଂଘର ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ସମ୍ବଲପୁରଠାରେ



ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଜ ରଞ୍ଜନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଓଡିଶା ଶାଖାର ଅଧ୍ୟକ୍ଷ ଦାମୋଦର ନନ୍ଦ, ସଭାପତି ଅଶ୍ୱିନୀ ନାୟକ, ସାଧାରଣ ସମ୍ପାଦକ ସୋ÷ମେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ସୁବ୍ରତ ସାସମଲ, ଅଞ୍ଚଳ ସମ୍ପାଦକ ଅଭିଳାଷ ପଣ୍ଡା, ମୁଖ୍ୟ ପ୍ରବନ୍ଧକ ସବ୍ୟସାଚୀ ମିଶ୍ର ଓ ପ୍ରଶାନ୍ତ ଚାଟର୍ଜୀ, ବରିଷ୍ଠ ପରିଚାଳକ ପ୍ରଭାତ କୁମାର ସାହୁ, ସମ୍ବଲପୁର ଅଞ୍ଚଳ ସମ୍ପାଦକ ପ୍ରଭାକର ଦରବମେ, ଉପ ସଭାପତି ଜିତେନ୍ଦ୍ର ପଣ୍ଡା ପ୍ରମୁଖ ପଶ୍ଚିମ ଓଡିଶାର ଶତାଧିକ ଅଧିକାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମସ୍ତ ବକ୍ତା ଏହି ପର୍ବର ଗୁରୁତ୍ୱ ଓ ମା ସମଲେଶ୍ୱରୀଙ୍କ ଅପାର କରୁଣା ଓ ମହିମା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ନିରଜ ରଞ୍ଜନ ପଶ୍ଚିମ ଓଡିଶାର ସମସ୍ତ ଅଧିକାରୀଙ୍କୁ ଶୁଭକାମନା ଦେଇଥିଲେ ଏବଂ ସମାଜର ବହୁମୁଖୀ ଉନ୍ନତି ସହ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧି ପାଇଁ ନିବେଦନ କରିଥିଲେ। ଅଧ୍ୟକ୍ଷ ଦାମୋଦର ନନ୍ଦ, ସାଧାରଣ ସମ୍ପାଦକ ସୋ÷ମେନ୍ଦ୍ର ସାହୁ ଓ ସଭାପତି ଅଶ୍ୱିନୀ ନାୟକ ସମସ୍ତଙ୍କୁ ନୂଆଖାଇର ଅଭିନନ୍ଦନ ଜଣାଇବା ସହ ସଂଗଠନକୁ ଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ବିଶେଷ କରି ୟୁଏଫ୍‌ବିୟୁ ତରଫରୁ ହେବାକୁ ଥିବା ଧର୍ମଘଟ ଡାକରାକୁ ସମର୍ଥନ ଦେବାକୁ ଘୋଷଣା କରିଥିଲେ। ଏହି ଅବସରରେ ସମ୍ବଲପୁରର ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ କୋଷାଧ୍ୟକ୍ଷ ସୁବ୍ରତ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଦାନ୍ତ ଆଲୁମିନିୟମ୍ ଭାରତର ଦ୍ୱିତୀୟ ବୃହତମ ଏସ୍‌ଇଜେଡ୍ ସାମଗ୍ରୀ ରପ୍ତାନିକାରୀ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ (ବିଏସ୍‌ଇ: ୫୪୪୭୮୦ । ଏନ୍‌ଏସ୍‌ଇ: ଭିଏଏମ୍‌ଏଲ୍) ଓଡ଼ିଶାର ଝାରସୁଗୁଡ଼ାସ୍ଥିତ ସ୍ୱତନ୍ତ୍ର ଆର୍ଥିକ ଅଂଚଳକୁ କେନ୍ଦ୍ର କରି ଭାରତର ଦ୍ୱିତୀୟ ବୃହତମ ସ୍ୱତନ୍ତ୍ର ଆର୍ଥିକ ଅଂଚଳ ସାମଗ୍ରୀ ରପ୍ତାନିକାରୀ ଭାବେ ଉଭା ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନି ୩.୫ ବିଲିୟନ୍ ଆମେରିକୀୟ ଡଲାରର ସାମଗ୍ରୀ ରପ୍ତାନି କରିଛି, ଯାହା ଭାରତର ମୋଟ ସ୍ୱତନ୍ତ୍ର ଆର୍ଥିକ ଅଂଚଳ ସାମଗ୍ରୀ ରପ୍ତାନିର ପ୍ରାୟ ୬ ପ୍ରତିଶତ ଅଟେ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା, କାରଣ, ଭାରତର ସ୍ୱତନ୍ତ୍ର ଆର୍ଥିକ ଅଂଚଳ ରପ୍ତାନି କ୍ଷେତ୍ରରେ ସେବା କ୍ଷେତ୍ରର ପ୍ରାଧାନ୍ୟ ଜାରି ରହିଛି। ରପ୍ତାନିକାରୀ ୟୁନିଟ୍ ଓ ସ୍ୱତନ୍ତ୍ର ଆର୍ଥିକ ଅଂଚଳ ପାଇଁ ରପ୍ତାନି ପ୍ରୋତ୍ସାହନ ପରିଷଦର ସଦ୍ୟତମ ବାଣିଜ୍ୟ ତଥ୍ୟ ଅନୁଯାୟୀ, ଦେଶର ମୋଟ ସ୍ୱତନ୍ତ୍ର ଆର୍ଥିକ ଅଂଚଳ ରପ୍ତାନିର ୬୦ ପ୍ରତିଶତରୁ ଅଧିକ ଅଂଶ ସେବା କ୍ଷେତ୍ରର ଅଟେ।



ବେଦାନ୍ତ ଆଲୁମିନିୟମ୍ର ଉତ୍ପାଦ ୟୁରୋପ, ଆମେରିକା, ଜାପାନ ଓ ଦକ୍ଷିଣ-ପୂର୍ବ ଏସିଆ ସମେତ ୬୦ରୁ ଅଧିକ ଦେଶର ଗ୍ରାହକଙ୍କ ନିକଟରେ ପହଂଚୁଛି। ଏହି ବଜାରଗୁଡ଼ିକରୁ ନିରନ୍ତର ଚାହିଦା, ବିଶେଷକରି ଯେଉଁଠାରେ କଠୋର ଗୁଣବତା, ପରିବେଶ ଓ ଅନୁପାଳନ ମାନଦଣ୍ଡ ଲାଗୁ ରହିଛି, ତାହା କମ୍ପାନିର ଉତ୍ପାଦନ ଦକ୍ଷତା ଏବଂ ବିଶ୍ୱସ୍ତରୀୟ ଯାନବାହନ, ବିମାନ ଓ ଶିଳ୍ପ କ୍ଷେତ୍ରର ଗ୍ରାହକଙ୍କ ଆବଶ୍ୟକତା ଅନୁରୂପ ଉତ୍ପାଦ ଯୋଗାଇବାର କ୍ଷମତାକୁ ପ୍ରତିଫଳିତ କରୁଛି। ଏହି ସଫଳତା ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍ର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, "ଏହି ସଫଳତା ଆମ ଆଲୁମିନିୟମର ନିରନ୍ତର ଗୁଣବତା ଏବଂ ବିଶ୍ୱ ବଜାରର କଠୋର ମାନଦଣ୍ଡ ପୂରଣ କରିବାର କ୍ଷମତାର ପ୍ରମାଣ। ଭାରତର ବାଣିଜ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଆର୍ଥିକ ଅଂଚଳଗୁଡ଼ିକ ଅଧିକ ଗୁରୁତ୍ୱ ବହନ କରୁଥିବା ବେଳେ, ଆମେ ଆମର କ୍ଷମତା ବଢ଼ାଇବା ସହିତ ଭାରତକୁ ବିଶ୍ୱସ୍ତରୀୟ ଉତ୍ପାଦନ ଓ ରପ୍ତାନି କେନ୍ଦ୍ରରେ ପରିଣତ କରିବାର ଜାତୀୟ ଲକ୍ଷ୍ୟରେ ଅବଦାନ ଜାରି ରଖିବୁ।"

ବେଦାନ୍ତ ଆଲୁମିନିୟମର ରପ୍ତାନି ତାଲିକାରେ ପ୍ରାଥମିକ ଏବଂ ମୂଲ୍ୟବର୍ଦ୍ଧିତ ଉତ୍ପାଦର ସମ୍ପୂର୍ଣ୍ଣ ପରିସର ରହିଛି। ଏଥିରେ ବିଲେଟ୍, ତାର ରଡ୍, ରୋଲ୍ଡ ଉତ୍ପାଦ, ପ୍ରାଥମିକ ଫାଉଣ୍ଡ୍ରି ମିଶ୍ରଧାତୁ, ଇଙ୍ଗଟ୍ ସହିତ କମ୍ କାର୍ବନ୍ ନିସ୍ସରଣ ବିଶିଷ୍ଟ 'ରେଷ୍ଟୋରା' ଆଲୁମିନିୟମ୍ ରହିଛି। ଏହି ଉତ୍ପାଦଗୁଡ଼ିକ ଯାନବାହନ, ବିମାନ, ବିଦ୍ୟୁତ୍, ନିର୍ମାଣ ଓ ପ୍ୟାକେଜିଂ ଶିଳ୍ପ ସମେତ ଅକ୍ଷୟ ଶକ୍ତି, ବିଦ୍ୟୁତ୍ ଚାଳିତ ଯାନ, କୃତ୍ରିମ ବୁଦ୍ଧିମତା ଭିତିକ ଭିତିଭୂମି ଓ ତଥ୍ୟ କେନ୍ଦ୍ର ଭଳି ଉଦୀୟମାନ କ୍ଷେତ୍ରରେ ବ୍ୟବହୃତ ହେଉଛି। ଭାରତର ସ୍ୱତନ୍ତ୍ର ଆର୍ଥିକ ଅଂଚଳଗୁଡ଼ିକ ୨୦୨୫ ଏପ୍ରିଲ୍ରୁ ଡିସେମ୍ବର ମଧ୍ୟରେ ପ୍ରାୟ ୧୩୪.୪ ବିଲିୟନ୍ ଆମେରିକୀୟ ଡଲାରର ସାମଗ୍ରୀ ଓ ସେବା ରପ୍ତାନି କରିଛନ୍ତି। ଏଥିରେ ସେବା ରପ୍ତାନିର ପରିମାଣ ପ୍ରାୟ ୮୪.୫ ବିଲିୟନ୍ ଡଲାର, ଅର୍ଥାତ୍ ମୋଟ ରପ୍ତାନିର ପ୍ରାୟ ୬୩ ପ୍ରତିଶତ। ସେହିପରି ସାମଗ୍ରୀ ରପ୍ତାନିର ପରିମାଣ ପ୍ରାୟ ୪୯.୯ ବିଲିୟନ୍ ଡଲାର, ଯାହା ମୋଟ ରପ୍ତାନିର ପ୍ରାୟ ୩୭ ପ୍ରତିଶତ। ଏହା ବିଶ୍ୱ ବାଣିଜ୍ୟରେ ସେବା ଓ ଉତ୍ପାଦନ କ୍ଷେତ୍ରର ପରସ୍ପର ପୂରକ ଭୂମିକାକୁ ସ୍ପଷ୍ଟ କରୁଛି।

# ଆଫଗାନିସ୍ତାନ ଉପରେ ପାକ୍‌ର ଏୟାରଷ୍ଟ୍ରାଇକ, ୨୮ ମୃତ

କାବୁଲ : ଦୁଇ ପଡ଼ୋଶୀ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ପୁଣି ତୀବ୍ର ହୋଇଛି ବିବାଦ। ପାକିସ୍ତାନ ପକ୍ଷରୁ ଆଫଗାନିସ୍ତାନ ଉପରେ ହୋଇଛି ଏୟାର ଷ୍ଟ୍ରାଇକ। ଏଥିରେ ୨୮ ଜଣ ପ୍ରାଣ ହରାଇଛନ୍ତି।ପାକିସ୍ତାନ ଏୟାର ଷ୍ଟ୍ରାଇକ ସମ୍ପର୍କରେ ସୂଚନା ଦେବା ସହ ଆଫଗାନିସ୍ତାନ ସୀମାନ୍ତରେ ଥିବା ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯାଇଥିବା ଦାବି କରିଛି। ଏଥିସହ ମୃତକ ୨୮ ଜଣ ଆତଙ୍କବାଦୀ ବୋଲି କହିଛି ଇସଲାମାବାଦ। ପାକିସ୍ତାନର କହିବା କଥା ଶୁକ୍ରବାର କୋହାଟ ସ୍ଥିତ ଗୋଟିଏ ମସଜିଦରେ ଆତ୍ମଘାତୀ ହମଲା ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଏପରି ଏୟାର ଷ୍ଟ୍ରାଇକ କରାଯାଇଛି। ଏପରି କାର୍ଯ୍ୟାନୁଷ୍ଠାନ କୋହାଟ ଓ ହଙ୍ଗୁ ଜିଲ୍ଲାରେ ସୁନିଶ୍ଚିତ ଗୁପ୍ତ ସୂଚନା ଉପରେ ଆଧାରିତ ସ୍ଥଳ



ଅଭିଯାନ ପରେ ନିଆଯାଇଛି। ଆତଙ୍କବାଦୀ ସଂଗଠନଗୁଡ଼ିକର ସୁରକ୍ଷିତ ଠିକଣା ବନିଥିବା ସ୍ଥାନଗୁଡ଼ିକ ଉପରେ ଏୟାର ଷ୍ଟ୍ରାଇକ ହୋଇଥିବା ପାକିସ୍ତାନ ଦାବି କରିଛି। ତେବେ ଆଫଗାନିସ୍ତାନ କହିଛି ଯେ ପାକିସ୍ତାନୀ ଏୟାର ଷ୍ଟ୍ରାଇକ କନ୍ଦାହାର ଓ ପାକଟିକା ଭଳି ପୂର୍ବ ପ୍ରାନ୍ତରେ ହୋଇଛି। ଏଥିରେ ୩ ଜଣ ସାଧାରଣ ଲୋକ ପ୍ରାଣ ହରାଇଥିବା ବେଳେ ୪ ଜଣ ଆହତ। ସାଧାରଣ ଜବସତିକୁ ଟାର୍ଗେଟ କରାଯାଇଥିବାରୁ ଆଫଗାନିସ୍ତାନ ଏହାକୁ ନିନ୍ଦା କରିଛି। ଶୁକ୍ରବାର କୋହାଟରେ ଥିବା ପୁଲିସ୍ ଲାଇନ ମସିଜିଦ ନିକଟରେ ଆତ୍ମଘାତୀ ହମଲା ହୋଇଥିଲା। ପୁଲିସ୍ ଲାଇନ ଭିତରେ ଥିବା ମସଜିଦ ନିକଟରେ ଗୋଟିଏ ବିସ୍ଫୋରକ ଖଚିତ ଗାଡ଼ିକୁ ବିସ୍ଫୋରଣ କରାଯାଇଥିଲା।ଏଥିରେ ୨୪ ଜଣ ପ୍ରାଣ ହରାଇଥିଲେ। ଶୁକ୍ରବାର ପୁଲିସ୍ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକ ସମୂହ ନମାଜ ପାଠ ପାଇଁ ଏକାଠି ହୋଇଥିବା ବେଳେ ଏପରି ହମଲା ପୂରା ଦେଶକୁ ଦୋହଲାଇ ଦେଇଥିଲା। ବାସ୍ ଏହାପରେ ଆଫଗାନିସ୍ତାନ ସୀମାରେ ପଶି ପାକିସ୍ତାନ ଏୟାର ଷ୍ଟ୍ରାଇକ କରିବ ବୋଲି ଚେତାବନୀ ଦେଇଥିଲା। ଶନିବାର ପାକିସ୍ତାନ ସୂଚନା ପ୍ରସାରଣ ମନ୍ତ୍ରଣାଳୟ କହିଥିଲା ଯେ ଆଫଗାନିସ୍ତାନ ସ୍ଥିତ ବେସ୍ରୁ ଆତଙ୍କବାଦୀମାନେ କୋହାଟ ହମଲାକୁ କାର୍ଯ୍ୟକାରୀ କରିଛନ୍ତି। ଏହାର ଜବାବ ପାକିସ୍ତାନ ନିଶ୍ଚିତ ଭାବେ ଦେବ। ଏହି ଚେତାବନୀର ଦିନକ ପରେ ସୋମବାର ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଛି। ପାକିସ୍ତାନର ଏପରି ହମଲାକୁ ଆଫଗାନରେ ଶାସନ କରିଥିବା ତାଲିବାନ ତୀବ୍ର ଭାଷାରେ ନିନ୍ଦା କରିଛି।ଆଫଗାନ ଅଞ୍ଚଳରେ ସାର୍ବଭୌମତ୍ୱକୁ ପାକିସ୍ତାନ ଉଲ୍ଲଙ୍ଘନ କରିଥିବା ତାଲିବାନ ମୁଖପାତ୍ର ଜାବିଉଲ୍ଲା ମୁଜାହିଦ କହିଛନ୍ତି। ଏଥିସହ ଆଫଗାନିସ୍ତାନ ଏହାର ଜବାବ ଉଚିତ ସମୟରେ ଦେବ ବୋଲି ମଧ୍ୟ ସେ ଧମକ ଦେଇଛନ୍ତି।

# ପୁଟିନଙ୍କ ଦଳ ୩୫୫ ଆସନରେ ବିଜୟୀ

ମସ୍କୋ: ରୁଷ ନିର୍ବାଚନରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଦଳ ୟୁନାଇଟେଡ ରୁଷିଆକୁ ବମ୍ପର ବହୁମତ ମିଳିଛି। ନିର୍ବାଚନରେ ପୁଟିନଙ୍କ ମ୍ୟାଜିକ୍ କାମ କରିଛି। ଫଳରେ ତାଙ୍କ ଦଳ ରୁଷ ସଂସଦ ଡୁମାର ୪୫୦ ଆସନରୁ ୩୫୫ରେ ବିଜୟୀ ହୋଇଛି। ପୁଟିନଙ୍କ ଦଳ ୨୦୧୬ ନିର୍ବାଚନର ରେକର୍ଡ ଭାଙ୍ଗିଛି। ସେତେବେଳେ ଦଳ ୩୪୩ ଆସନରେ ବିଜୟୀ ହୋଇଥିଲା। ୨୦୨୧ ମସିହାରେ ହୋଇଥିବା ପୂର୍ବ ସଂସଦୀୟ ନିର୍ବାଚନରେ, ୟୁନାଇଟେଡ୍ ରୁଷିଆ ୪୫୦ ଷ୍ଟେଟ୍ ଡୁମା ଆସନ ମଧ୍ୟରୁ ୩୨୪ଟି ଜିତିଥିଲା। ଯୁଦ୍ଧ ବିରୋଧୀ ଦଳ ୟାବ୍ଲୋକୋକୁ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବାରଣ କରାଯାଇଥିଲା। ତେବେ ଦଳର ଅନେକ ନେତାଙ୍କୁ କିଛି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ଦିଆଯାଇଥିଲା। ଅନେକ ସରକାର ବିରୋଧୀ ରାଜନେତା ଏବଂ ପ୍ରାର୍ଥୀଙ୍କୁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗରୁ ବଞ୍ଚିତ କରାଯାଇଥିବା ଜଣାପଡ଼ିଛି। ମସ୍କୋରେ ରୁଷରେ ୫୬.୬୬ ପ୍ରତିଶତ ଭୋଟର ମତଦାନ ରେକର୍ଡ



କରାଯାଇଛି। ୨୦୨୨ ଫେବ୍ରୁଆରିରେ ୟୁକ୍ରେନ ସହିତ ସଂଘର୍ଷ ଆରମ୍ଭ ହେବା ପରେ ଏହା ପ୍ରଥମ ସଂସଦୀୟ ନିର୍ବାଚନ। ପୁଟିନ ଏହି ନିର୍ବାଚନକୁ ୟୁକ୍ରେନରେ ଲଢୁଥିବା ରୁଷୀୟ ସୈନ୍ୟଙ୍କ ସମର୍ଥନର ଏକ ସଙ୍କେତ ଭାବରେ ଉପସ୍ଥାପନ କରିଥିଲେ। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁନାଇଟେଡ୍ ରୁଷିଆ ପାର୍ଟିର ସଦସ୍ୟ ନୁହଁନ୍ତି।ତଥାପି, ସେ ୨୦୦୮ ରୁ ୨୦୧୨ ପର୍ଯ୍ୟନ୍ତ ଏହାର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ସେତେବେଳେ ମଧ୍ୟ, ସେ ଆନୁଷ୍ଠାନିକ ଭାବରେ ଦଳର ସଦସ୍ୟ ନଥିଲେ। ଦଳର ନିୟମ ଅନୁଯାୟୀ, ଅଧ୍ୟକ୍ଷ ହେବା ପାଇଁ ସଦସ୍ୟତା ବାଧ୍ୟତାମୂଳକ ନୁହେଁ। ପୁଟିନ ୨୦୧୨ ରେ ଦଳର ଅଧ୍ୟକ୍ଷ ପଦ ଛାଡି ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ଦିମିତ୍ରୀ ମେଦଭେଦେବ ଦାୟିତ୍ୱ ଗ୍ରହଣ କରିଥିଲେ। ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ରୁଷର ସଂସଦୀୟ ନିର୍ବାଚନର ଶେଷ ଦିନ ରବିବାର ଦିନ, ୟୁକ୍ରେନ୍ ମସ୍କୋ ଏବଂ ଆଖପାଖ ଅଞ୍ଚଳରେ ୧,୬୦୦ରୁ ଅଧିକ ଡ୍ରୋନ୍ ଆକ୍ରମଣ କରିଥିଲା। ମସ୍କୋ ମେୟର ସେରଗେଇ ସୋବୟାନିନ୍ ଦାବି କରିଛନ୍ତି ଯେ ରାଜଧାନୀରେ ୪୫୦ ଡ୍ରୋନ୍ ଆକ୍ରମଣ କରାଯାଇଥିଲା।

# ରାଜସ୍ଥାନ ପୌର ନିର୍ବାଚନରେ ବିଜେପିର ବାଜିମାତ୍

ଜୟପୁର : ଭାରତୀୟ ଜନତା ପାର୍ଟି ରାଜସ୍ଥାନର ପୌର ନିର୍ବାଚନରେ ସବୁଠାରୁ ବଡ଼ ଦଳ ଭାବରେ ଉଭା ହେବାର କିଛି ଦିନ ପରେ ସୋମବାର ସାତଟି ପ୍ରମୁଖ ନଗର ନିଗମ ମଧ୍ୟରୁ ଛଅଟିରେ ମେୟର ନିର୍ବାଚନ ଜିତି ନିଜର ପ୍ରାଧାନ୍ୟ ସୁଦୃଢ଼ କରିଛି। ବିଜେପି ଅଲୱର, ଉଦୟପୁର, ପାଲି ଓ ଆଜମେରରେ କଂଗ୍ରେସକୁ ପରାସ୍ତ କରିଥିଲା, ଭରତପୁର ଓ ଭିଲୱାଡ଼ାରେ ଏହାର ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରାଜସ୍ଥାନର ୩୦୫ଟି ପୌର ସଂସ୍ଥା ମଧ୍ୟରୁ ସୋମବାର ୨୭୩ଟିରେ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୩୨ଟି ସଂସ୍ଥାରେ ଅଧ୍ୟକ୍ଷମାନେ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି। ଜୟପୁର, ଯୋଧପୁର ଓ କୋଟା ନଗର ନିଗମ ଏବଂ ସୁକେତ ନଗରପାଳିକାରେ ନିର୍ବାଚନ ସେପ୍ଟେମ୍ବର ୨୫ ରେ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।ଭାରତୀୟ ଜନତା ପାର୍ଟି ରାଜସ୍ଥାନର ବାଲୋତ୍ରା ଜିଲ୍ଲାରେ ସମସ୍ତ ୭ଟି ନଗରପାଳିକା ଓ ଅଧ୍ୟକ୍ଷ ପଦରେ ବିଜୟୀ ହୋଇଛି।ବିଜେପି ବାଲୋତ୍ର ପୌର ପରିଷଦ ଓ ଜାସୋଲ, ସିୱାନା, ସମଦାରୀ, ସିନ୍ଧାରୀ, ଗୁଡାମାଳିନୀ ଏବଂ ଧୋରିମନ୍ନା ସମେତ ଛଅଟି ମ୍ୟୁନିସିପାଲିଟି ବୋର୍ଡରେ ନିର୍ବାଚନରେ ବିଜୟୀ ହୋଇଛି। ନିର୍ବାଚନରେ ଆମ ଆଦମୀ ପାର୍ଟିକୁ ବଡ଼ ସଫଳତା ମିଳିଛି। ଆପ୍ ପ୍ରାର୍ଥୀ ଶୀତଲ ରାଠୋର ବାରନରେ ଅଧ୍ୟକ୍ଷ ପଦରେ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୯ ଓ ୧୧ ତାରିଖରେ ଅନୁଷ୍ଠିତ ନଗର ନିଗମ ନିର୍ବାଚନ ପରେ ମେୟର ଫଳାଫଳ ଆସିଛି, ଯେଉଁଥିରେ ବିଜେପି ସବୁଠାରୁ ବଡ଼ ଦଳ ଭାବରେ ଉଭା ହୋଇଛି। ବିଜେପି ୪୧୮୨ ୱାର୍ଡ଼ରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ୩,୬୧୯ ୱାର୍ଡ଼ ଓ ଅନ୍ୟ ଦଳର ପ୍ରାର୍ଥୀମାନେ ୨,୨୭୩ଟି ୱାର୍ଡ଼ରେ ବିଜୟୀ ହୋଇଥିଲା।

# ଭାରତ-ନ୍ୟୁଜିଲ୍ୟାଣ୍ଡ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ

ନୂଆଦିଲ୍ଲୀ: ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ଚୂଡ଼ାନ୍ତ ହୋଇଛି। ଆସନ୍ତା ଅକ୍ଟୋବର ୨୦ରୁ ଏହା କାର୍ଯ୍ୟକାରୀ ହେବ।ଏହା ଫଳରେ ନ୍ୟୁଜିଲ୍ୟାଣ୍ଡ ବଜାରରେ ଭାରତର ୧୦୦% ରପ୍ତାନି ସାମଗ୍ରୀ ଶୁଳ୍କମୁକ୍ତ ପ୍ରବେଶ ସୁବିଧା ପାଇବ। ଉଭୟ ଦେଶ ଗତଏପ୍ରିଲ ୨୭ରେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ନ୍ୟୁଜିଲ୍ୟାଣ୍ଡ ସଂସଦରେ ଚୁକ୍ତିକୁ ଅନୁମୋଦନ ମିଳିବା ପରେ ଉଭୟ ଦେଶ ଏହାକୁ ଲାଗୁ କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା ଶେଷ କରିଛନ୍ତି। ଏହି ରାଜିନାମାରୁ ଭାରତର ବୟନ ଓ ପୋଷାକ, ଚମଡ଼ା ଓ ଜୋତା, ଇଞ୍ଜିନିୟରିଂ ସାମଗ୍ରୀ, ଔଷଧ, କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ଭଳି କ୍ଷେତ୍ର ଲାଭ ପାଇବ। ନ୍ୟୁଜିଲ୍ୟାଣ୍ଡ ପୂର୍ବରୁ କିଛି ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ୧୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରୁଥିଲା। ଏହି ଚୁକ୍ତି



ପରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଖର୍ଚ୍ଚ କମିବା ସହ ବଜାର ପ୍ରବେଶ ସହଜ ହେବ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ଅନୁସାରେ, ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ସାମଗ୍ରୀ ଓ ସେବା ବାଣିଜ୍ୟକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରହିଛି। ଏହି ରାଜିନାମାସେଥିରେ ସହାୟକ ହେବ। ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ କହିଛନ୍ତି ଯେ ଏହି ରାଜିନାମା ଦୁଇ ଦେଶର ବାଣିଜ୍ୟ ଓ ଆର୍ଥିକ ସମ୍ପର୍କକୁ ଆହୁରି ମଜବୁତ କରିବ। ରାଜିନାମା ଲାଗୁ ହେବା ସହ ଦୁଇ ଦେଶର ବ୍ୟବସାୟୀ ଓ ରପ୍ତାନିକାରୀଙ୍କ ପାଇଁ ନୂଆ ବଜାର ସୁଯୋଗ ଖୋଲିବ।ରାଜିନାମା ଅନୁସାରେ ନ୍ୟୁଜିଲ୍ୟାଣ୍ଡ ଭାରତରେ ୧୫ ବର୍ଷ ମଧ୍ୟରେ ୨୦ ବିଲିଅନ ଡଲାର ନିବେଶ କରିବା ନେଇ ପ୍ରତିବଦ୍ଧତା ପ୍ରକାଶ କରିଛି। ଏହା ବ୍ୟତୀତ ସେବା, ପ୍ରଯୁକ୍ତି, ନବସୃଜନ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବ। ଭାରତୀୟ ଛାତ୍ର ଓ ପେସାଦାରଙ୍କ ପାଇଁ ମଧ୍ୟ ନୂଆ ସୁଯୋଗ ସୃଷ୍ଟି ହେବ। ପ୍ରତିବର୍ଷ ୫,୦୦୦ ଦକ୍ଷ ଭାରତୀୟ କର୍ମଚାରୀଙ୍କ ପାଇଁ ସାମୟିକ ନିଯୁକ୍ତି ପ୍ରବେଶ ଭିସା ବ୍ୟବସ୍ଥା ରହିବ। ଏହାସହ ପ୍ରତିବର୍ଷ ୧,୦୦୦ ଯୁବ ଭାରତୀୟଙ୍କ ପାଇଁ କାର୍ଯ୍ୟ ଛୁଟିଦିନ ସୁବିଧା ରହିବ।

# କେରଳମ୍‌ରେ ଭୂସ୍ଖଳନ ଓ ବନ୍ୟା ଯୋଗୁ ୬ ମୃତ

କୋଚି : କେରଳମ୍‌ରେ ସୋମବାର ପ୍ରବଳ ବର୍ଷା ଲାଗି ରହିଥିବାବେଳେ ଅନେକ ଜିଲ୍ଲାରେ ବନ୍ୟା ସ୍ଥିତି ଉପୁଜିଛି। ଇଡୁକ୍କି ଓ ମାଲାପ୍ପୁରମ୍ ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଛି। ରବିବାର ଇଡୁକ୍କିର ଭଟ୍ଟାଭାଡାର କୋଟ୍ଟାକାମ୍ପୁରରେ ଭୂସ୍ଖଳନ ଓ ବନ୍ୟା ଆସିବା ଯୋଗୁ ଅତି କମ୍‌ରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିଲା। ଆଦିମାଲିର ପାଝାମପାଲ୍ଲିଚଲରେ ଆଉ ଏକ ବଡ଼ଧରଣ ଭୂସ୍ଖଳନ



ଘଟିଛି। ଭୂସ୍ଖଳନ ଯୋଗୁ ଗୋଟିଏ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ପ୍ରଭାବିତ ଅଞ୍ଚଳରେ ପଡ଼ିରହିଥିବା ଧ୍ୱଂସାବଶେଷ ହଟେଇବାକୁ ଅଗ୍ନିଶମ ଓ ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି। ଦୁର୍ବଳ ସ୍ଥାନରେ ରହୁଥିବା ଲୋକଙ୍କୁ ରିଲିଫ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। ଗତକାଲି ଭଟ୍ଟାଭଡାର କୋଟ୍ଟାକମ୍ପୁରରେ ଭୂସ୍ଖଳନ ଯୋଗୁ ଦୁଇ ଜଣଙ୍କର ମୃତ୍ୟୁ ଓ ଜଣେ ଆହତ ହୋଇଥିଲେ।

# ସୋମନାଥ ମନ୍ଦିରକୁ ଉଡାଇ ଦେବାକୁ ବୋମା ଧମକ

ଅହମଦାବାଦ : ଗୁଜରାଟରେ ପୁଣି ଥରେ ସାର୍ବଜନୀନ ଏବଂ ଧାର୍ମିକ ସ୍ଥଳୀକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିଛି। ଅହମଦାବାଦରେ ବିଜେପିର କେନ୍ଦ୍ରୀୟ କାର୍ଯ୍ୟାଳୟ କୋବା କାର୍ଯ୍ୟାଳୟ ଏବଂ ସୋମନାଥ ମନ୍ଦିରରେ ବୋମା ମାଡ଼ କରିବାକୁ ଧମକ ମିଳିଛି। ଏହି ଧମକ ଏକ ଅଜ୍ଞାତ ଇମେଲ୍ ମାଧ୍ୟମରେ ଦିଆଯାଇଛି। ଯେଉଁଥିରେ ବିଜେପିର କେନ୍ଦ୍ରୀୟ କାର୍ଯ୍ୟାଳୟ ମୁଖ୍ୟମନ୍ତ୍ରୀ ପଟେଲ କୋବା କାର୍ଯ୍ୟାଳୟ ଏବଂ ସୋମନାଥ ବିଷୟରେ ଉଲ୍ଲେଖ କରାଯାଇଛି। ଜଣେ ଅଜଣା ବ୍ୟକ୍ତି ଏକ ଇମେଲ୍ ପଠାଇଥିଲେ ଯେଉଁଥିରେ ଦାବି କରାଯାଇଥିଲା ଯେ ଗୁଜରାଟର ସୋମନାଥ ମନ୍ଦିର ଏବଂ ଅନ୍ୟାନ୍ୟ ସ୍ଥାନରେ ବୋମା ରଖାଯାଇଛି। ଇମେଲ୍‌ରେ ଦେଶ ବିରୋଧୀ ଏବଂ ବିବାଦୀୟ ବିଷୟବସ୍ତୁ ଥିଲା ଏବଂ ଅଭିଯୁକ୍ତ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ପୋଷ୍ଟ କରି ଭୟ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ।ବୋମା ଧମକ ଇମେଲ୍ ପାଇବା ପରେ ଅହମଦାବାଦ ପୁଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକୁ ତୁରନ୍ତ ସତର୍କ କରାଯାଇଥିଲା। ମେୟର ହିତେଶ ବାରୋଟଙ୍କ ସମେତ ଅନେକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅହମଦାବାଦ ପୁଲିସ ସମ୍ପୂର୍ଣ୍ଣ ଯାଞ୍ଚ କରିଥିଲା। ଅପରେସନ



ପୁଲିସ, ଅଗ୍ନିଶମ ବାହିନୀ ଏବଂ କୁକୁର ସ୍କ୍ୱାଡ୍ର ଏକ ଦଳ ସହରର ଖାନପୁର ଅଞ୍ଚଳରେ ଥିବା ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲା। କୁକୁର ସ୍କ୍ୱାଡ୍ ପ୍ରତ୍ୟେକ ସ୍ଥାନ ତନ୍ନ ତନ୍ନ କରି ଯାଞ୍ଚ କରିଥିଲା। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ସମୟରେ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା। ରାଜ୍ୟର ସମସ୍ତ ସୁରକ୍ଷା ଏଜେନ୍ସି ବର୍ତ୍ତମାନ ହାଇ ଆଲର୍ଟରେ ଅଛନ୍ତି ଏବଂ ସାଇବର କ୍ରାଇମ୍ ବ୍ରାଞ୍ଚ ଇମେଲ୍ ପଠାଇଥିବା ଅଜଣା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଆରମ୍ଭ କରିଛି।

## ଟିଏମସିର ନାମ -ଚିହ୍ନ ବିବାଦ

# ମମତାଙ୍କ ଆବେଦନର ଜରୁରୀ ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ତୃଣମୂଳ କଂଗ୍ରେସ (ଟିଏମସି)ର ନାମ ଓ ଚିହ୍ନକୁ ନେଇ ନିର୍ବାଚନ କମିସନ୍ (ଇସି)ଙ୍କ ଅନ୍ତରୀଣନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କରିଥିବା ଆବେଦନର ଜରୁରୀ ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ସୋମବାର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍ଚି ଓ ଜଷ୍ଟିସ୍ ଭି ମୋହନାଙ୍କ ଖଣ୍ଡପୀଠରେ ବରିଷ୍ଠ ଓକିଲ କପିଲ ସିବଲ ମାମଲାଟିକୁ ଜରୁରୀ ଭାବେ ତାଲିକାଭୁକ୍ତ କରିବାକୁ ଅନୁରୋଧ କରିଥିଲେ। ପ୍ରଧାନ ବିଚାରପତି ମାମଲା ତାଲିକାଭୁକ୍ତ କରିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି। ଇସି ଗତ ସପ୍ତାହରେ ଟିଏମସିର ଦୁଇ ବିବାଦୀୟ ଗୋଷ୍ଠୀ ମଧ୍ୟରେ ଦଳରନିୟନ୍ତ୍ରଣକୁ ନେଇ ବିବାଦ ପରେ 'ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ଓ 'ଘାସଫୁଲ' ଚିହ୍ନ ବ୍ୟବହାର ଉପରେ ଅନ୍ତରୀଣ



ରୋକ୍ ଲଗାଇଥିଲେ। ଏହା ପରେ ଅକ୍ଟୋବର ୬ରେ ହେବାକୁ ଥିବା ପଶ୍ଚିମବଙ୍ଗ ଉପନିର୍ବାଚନ ପାଇଁ ମମତାଙ୍କ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ଓ 'ଫୁଟବଲ୍ ଖେଳାଳି' ଚିହ୍ନ ଏବଂ ଅନ୍ୟ ଗୋଷ୍ଠୀକୁ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ' ନାମ ଓ 'ଲଫାପା' ଚିହ୍ନ ଦିଆଯାଇଛି। ସିବଲ କହିଥିଲେ, ଉପନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଇସି ନାମ ଓ ଚିହ୍ନକୁ ଅଚଳ କରିଛନ୍ତି। ମାମଲାରେ ଇସି ଓ ବିରୋଧୀ ଦଳ ନେତା ରତବ୍ରତ ବାନାର୍ଜୀଙ୍କୁ ପକ୍ଷ କରାଯାଇଛି। ଇସି କହିଛି, ଦୁଇ ଗୋଷ୍ଠୀର ଦାବି ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ପରେ ନିଆଯିବ।

# ମଣିପୁରରେ ୧୫ ବର୍ଷୀୟ ନାବାଳକଙ୍କୁ ଗୁଳି କରି ହତ୍ୟା



ଇମ୍ଫାଲ : ଗତ କିଛି ଦିନ ହେବ ପୁଣି ହିଂସା ମୁଣ୍ଡ ଟେକିଛି। ମଣିପୁରର ତାମେଙ୍ଗଲଙ୍ଗ ଜିଲ୍ଲାର ତାମେଇରେ ଜଣେ ୧୫ ବର୍ଷୀୟ ନାବାଳକଙ୍କୁ ଗୁଳି କରି ହତ୍ୟା କରାଯାଇଛି।ଅଧିକାରୀଙ୍କ ଅନୁଯାୟୀ, ମୃତକ ତାକୋଉ ଗ୍ରାମର ବାସିନ୍ଦା। ସେ କିଛି ଆବଶ୍ୟକ ଖାଦ୍ୟସାମଗ୍ରୀ ସଂଗ୍ରହ ପାଇଁ ତାମେଇ ଗ୍ରାମକୁ ଯାଇଥିବାବେଳେ କିଛି ସଶସ୍ତ୍ର ବ୍ୟକ୍ତି ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଗ୍ରାମବାସୀମାନେ ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ୨୦ ରାଉଣ୍ଡ ଗୁଳି ଫୁଟିବା ଶୁଣିଥିଲେ। ପରେ ଘଟଣାସ୍ଥଳରେ ପହଞ୍ଚିବାବେଳେ ବାଳକଙ୍କୁ ମୃତ ଅବସ୍ଥାରେ ରାସ୍ତାକଡ଼ରେ ପଡ଼ିଥିବା ଦେଖିଥିଲେ। ପୁଲିସ ଅନୁଯାୟୀ, ଏଭଳିଆକ୍ରମଣପଛର କାରଣ ଜଣାପଡ଼ି ନାହିଁ। ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିଙ୍କୁ ମଧ୍ୟ ଚିହ୍ନଟ କରାଯାଇନାହିଁ। ଉକ୍ତ ଆକ୍ରମଣ ପାଇଁ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ଫେବ୍ରୁଆରି ୭ରୁ ମଣିପୁରର ଉଖରୁଲ ଜିଲ୍ଲାରେ ନାଗା ଓ କୁକି ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସା ତେଜିଛି। ସେବେଠାରୁ ବିଭିନ୍ନ ଘଟଣାରେ ଦୁଇ ସମ୍ପ୍ରଦାୟର ୩୫ରୁ ଅଧିକ ଲୋକଙ୍କର ମୃତ୍ୟୁ ହେଲାଣି। କେବଳ ସେପ୍ଟେମ୍ବରରେ ହିଂସା ଯୋଗୁ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ଗତକାଲି ମଧ୍ୟ ଚୁରାଚାନ୍ଦପୁର ଜିଲ୍ଲାରେ ଜଣେ ମହିଳାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ତାମେଙ୍ଗଲଙ୍ଗ ଜିଲ୍ଲାର ଲୋଙ୍ଗପି ଗ୍ରାମରେ ଏହି ଘଟଣା ଘଟିଥିବାବେଳେ ଏଥିପାଇଁ ମଧ୍ୟ କେହି ନିଜକୁ ଦାୟୀ କରିନାହାନ୍ତି।

# କେଏଲ - ଏଏଚସିଏଲ ସହଭାଗିତାରେ ଖୋଲିଲା ଏଆଇ କ୍ୟାମ୍ପସ୍

ହାଇଦ୍ରାବାଦ : କେଏଲ ଡିମଡ୍ ଟୁ ବି ବିଶ୍ୱବିଦ୍ୟାଳୟ, ଏଚ୍‌ସିଏଲ ଏଆଇ ଲ୍ୟାବ୍ସ ସହିତ ସହଭାଗୀତାରେ, ଦେଶର ପ୍ରଥମ ଏଜେଣ୍ଟିକ୍ ଏଆଇ କ୍ୟାମ୍ପସ୍ ଆରମ୍ଭ କରିଛି - ଏଆଇ-ପାୱାର୍ଡ ଡିଗ୍ରୀ ସହିତ ଏଆଇ ଲ୍ୟାବ୍ସ ଦ୍ୱାରା ପରିଚାଳିତ। ଏହି ସହଭାଗୀତାକୁ ଆନୁଷ୍ଠାନିକ କରିବା ପାଇଁ ସୋମବାରରେ ବିଶ୍ୱବିଦ୍ୟାଳୟର ବଡ଼େଶ୍ୱରମ୍ କ୍ୟାମ୍ପସରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏଚସିଏଲ ଗ୍ରୁପ୍ ପକ୍ଷରୁ, ଏଆଇ ଲ୍ୟାବ୍ସର ଜାତୀୟ ମୁଖ୍ୟ ଏବଂ ଏଭିପି, ଦୀପକ ସରଭାନନ୍, ଆଞ୍ଚଳିକ ମୁଖ୍ୟ, ଶ୍ରୀ ସନ୍ଦୀପ ଏବଂ ଅପରେସନ୍ସ ମୁଖ୍ୟ, ସୁଶ୍ରୀ ସୁମିତା ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ, ଭାଇସ୍ ଚାନ୍ସେଲର ଡକ୍ଟର ଜି. ପାର୍ଥ ସାରଥୀ ବର୍ମା, ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥିମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ଓୟୁ ସ୍ୱାକ୍ଷର ସହିତ ଏଜେଣ୍ଟିକ୍ ଏଆଇ କ୍ୟାମ୍ପସ୍ ପ୍ରୟାସର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର ପାରସ୍ପରିକ କ୍ରିୟା ଏବଂ ଶିକ୍ଷା ଏବଂ ଶିଳ୍ପ ମଧ୍ୟରେ ସହଯୋଗ ଉପରେ ଗୁରୁତ୍ୱପୂର୍ଣ୍ଣ



ଆଲୋଚନା ମଧ୍ୟ ସାମିଲ ଥିଲା।ଏହି ସହଭାଗୀତା ସାଧାରଣ ଶିକ୍ଷାଗତ ଏବଂ ଶିଳ୍ପ ସହଯୋଗ ପର୍ଯ୍ୟନ୍ତ ସୀମିତ ନୁହେଁ। ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ବିଶେଷ ପରିବର୍ତ୍ତନମୂଳକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି, ଯାହାର ଲକ୍ଷ୍ୟ ବିଭିନ୍ନ ବିଷୟର ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତା ଏବଂ ଏଜେଣ୍ଟିକ୍ ଏଆଇ ପ୍ରଣାଳୀକୁ ବୁଝିବା, ବିକାଶ କରିବା ଏବଂ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ କରିବା। ଏଆଇକୁ ଧୀରେ ଧୀରେ ଡିଗ୍ରୀ କାର୍ଯ୍ୟକ୍ରମ, ପାଠ୍ୟକ୍ରମ, ଲ୍ୟାବ, ପ୍ରକଳ୍ପ ଏବଂ ଶିକ୍ଷଣ କାର୍ଯ୍ୟକଳାପରେ ସମନ୍ୱିତ କରାଯିବ। ଛାତ୍ରଛାତ୍ରୀମାନେ କୃତ୍ରିମ ବୁଦ୍ଧିମତ୍ତା, ମେସିନ୍ ଲର୍ଣ୍ଣିଂ, ଜେନେରେଟିଭ୍ ଏଆଇ, ବଡ଼ ଭାଷା ମଡେଲ୍ ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସହିତ ହାତପାହାନ୍ତା ଅଭିଜ୍ଞତା ହାସଲ କରିବେ। ଏହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ଏଆଇର ପ୍ରଭାବଶାଳୀ ବ୍ୟବହାର ବୁଝିବାକୁ ସକ୍ଷମ କରିବ।

## ସିଆଇଆଇ-ଏନଆରଆଇ ରିପୋର୍ଟ

# ଭାରତର ଭିତିଭୂମି କ୍ଷେତ୍ରକୁ ବାର୍ଷିକ ୧.୪୨ ଲକ୍ଷ କୋଟିର କ୍ଷତି ସହିବାକୁ ପଡୁଛି

ନୂଆଦିଲ୍ଲୀ : ଭାରତର ଭିତିଭୂମି କ୍ଷେତ୍ରରେ କଳଙ୍କି ଓ କ୍ଷୟ କାରଣରୁ ପ୍ରତିବର୍ଷ ପ୍ରାୟ ୧.୪୨ ଲକ୍ଷ କୋଟି ଟଙ୍କାର କ୍ଷତି ହେଉଛି। ଏହି କ୍ଷତି ଉକ୍ତ କ୍ଷେତ୍ରର ମୋଟ ଘରୋଇ ଉତ୍ପାଦର ପ୍ରାୟ ୨.୯% ସହିତ ସମାନ । କିନ୍ତୁ ଉପଯୁକ୍ତ ସୁରକ୍ଷା ତଥା କ୍ଷୟରୋଧୀ ପଦକ୍ଷେପ ଗ୍ରହଣ କରାଗଲେ ବାର୍ଷିକ ପ୍ରାୟ ୪୯,୫୮୦ କୋଟି ଟଙ୍କା ପର୍ଯ୍ୟନ୍ତ ସଂଚୟ କରାଯାଇପାରିବ ବୋଲି ନୂଆଦିଲ୍ଲୀରେ ଆୟୋଜିତ ସିଆଇଆଇ ବାର୍ଷିକ ଭିତିଭୂମି ସମ୍ମିଳନୀ ୨୦୨୬ରେ ଉପସ୍ଥାପିତ 'ସି ଆ ଇ ଆ ଇ - ଏ ନ ଆ ର ଆ ଇ ରିପୋର୍ଟ'ରୁ ଜଣାପଡ଼ିଛି । ଏପରି ଏକ ସମୟରେ ଏହି ତଥ୍ୟ ସାମ୍ନାକୁ ଆସିଛି, ଯେତେବେଳେ ଭାରତ ରାସ୍ତାଘାଟ, ପୋଲ, ରେଳପଥ, କୋଠାବାଡ଼ି, ବିମାନବନ୍ଦର, ବନ୍ଦର ଏବଂ ଅନ୍ୟାନ୍ୟ ଭିତିଭୂମି ନିର୍ମାଣରେ ବହୁତ ବଡ଼ ଧରଣର ପୁଞ୍ଜିନିବେଶ କରୁଛି । ଭାରତର



ଜିଡିପିରେ ଭିତିଭୂମିର ଅବଦାନ ପ୍ରାୟ ୧୪.୫% ରହିଛି, ଯେଉଁଥିପାଇଁ ଏହି ବିନିଯୋଗର ମୂଲ୍ୟ ବଜାୟ ରଖିବାକୁ ଏହି ସମ୍ପତି ଗୁଡ଼ିକର ଦୀର୍ଘସ୍ଥାୟିତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି । ନୋମୁରା ରିସର୍ଚ୍ଚ ଇନଷ୍ଟିଚ୍ୟୁଟ କନସଲ୍ଟିଂ ଆଣ୍ଡ ସଲ୍ୟୁସନ୍ସ ଇଣ୍ଡିଆର ସିନିୟର ପାର୍ଟନର ଅସୀମ ଶର୍ମା କହିଛନ୍ତି: "ଭାରତ ଏବେ ଏତେ ବଡ଼ ସ୍ତରରେ ଭିତିଭୂମି ନିର୍ମାଣ କରୁଛି ଯେ ସମ୍ପତିର ସ୍ଥାୟିତ୍ୱ କେବଳ ଇଞ୍ଜିନିୟରିଂ ସମ୍ପର୍କିତ ବିଷୟ ହୋଇ ରହିନାହିଁ, ବରଂ ଏକ ଆର୍ଥିକ ପ୍ରସଙ୍ଗ ପାଲଟିଛି । ନିର୍ମାଣ ଯୋଜନା ଏବଂ ସାମଗ୍ରୀ କ୍ରୟ ପର୍ଯ୍ୟାୟରୁ ହିଁ କ୍ଷୟକ୍ଷତି ରୋକିବା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ । ଏଥିସହ ପରିବେଶ, ଆବଶ୍ୟକୀୟ କାର୍ଯ୍ୟକାଳ ଏବଂ ସମଗ୍ର ଜୀବନକାଳର ଖର୍ଚ୍ଚକୁ ବିଚାରକୁ ନେଇ ସୁରକ୍ଷା ବ୍ୟବସ୍ଥା ଚୟନ କରାଯିବା ଉଚିତ।' ଲାର୍ସନ ଆଣ୍ଡ ଟୁବ୍ରୋର ସିଏମଡିଙ୍କ ପରାମର୍ଶଦାତା ତଥା ସଡ଼କ ପରିବହନ ଓ ରାଜପଥ ସମ୍ପର୍କିତ ସିଆଇଆଇ ଜାତୀୟ କମିଟିର ଅଧ୍ୟକ୍ଷ ଏମ.ଭି. ସତୀଶ କହିଛନ୍ତି: "ଭାରତର ଭିତିଭୂମି ବିକାଶ ବେଳେ କେବଳ ପ୍ରାରମ୍ଭିକ କମ୍ ଖର୍ଚ୍ଚ ପଛରେ ନପଡ଼ି ସାମଗ୍ରିକ ଜୀବନକାଳର ମୂଲ୍ୟକୁ ପ୍ରାଥମିକତା ଦେବା, ପରିବେଶ ଅନୁଯାୟୀ ମାନଦଣ୍ଡ ଲାଗୁ କରିବା ଏବଂ ଉପଯୁକ୍ତ କଳଙ୍କି ନିରୋଧୀ ସୁରକ୍ଷା ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ । ଏହାଦ୍ୱାରା ସମ୍ପତିର ଭରସାଯୋଗ୍ୟତା ବୃଦ୍ଧି ପାଇବ, ଅନାବଶ୍ୟକ ମରାମତି ଖର୍ଚ୍ଚ କମିବ ଏବଂ ଭିତିଭୂମିରେ କରାଯାଇଥିବା ପୁଞ୍ଜିନିବେଶର ଆର୍ଥିକ ମୂଲ୍ୟ ସୁରକ୍ଷିତ ରହିବ।' ରିପୋର୍ଟ ଅନୁସାରେ, ସମଗ୍ର ଭାରତୀୟ ଅର୍ଥବ୍ୟବସ୍ଥାରେ କଳଙ୍କି ଯୋଗୁଁ ବାର୍ଷିକ ପ୍ରାୟ ୧୪.୧୫ ଲକ୍ଷ କୋଟି ଟଙ୍କା ବା ଜିଡିପିର ୪.୩% କ୍ଷତି ହେଉଛି । ପ୍ରଭାବଶାଳୀ କଳଙ୍କି ନିରୋଧୀ ପଦକ୍ଷେପ ନିଆଗଲେ ସମଗ୍ର ଅର୍ଥବ୍ୟବସ୍ଥାରେ ପ୍ରାୟ ୪.୯୫ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ସଂଚୟ କରାଯାଇପାରିବ, ଯାହା ଜିଡିପିରେ ୧.୫% ବୃଦ୍ଧି ସହିତ ସମାନ । କେବଳ ଭିତିଭୂମି କ୍ଷେତ୍ରରେ ହିଁ ଏହି ବାର୍ଷିକ କ୍ଷତିର ପରିମାଣ ୧.୪୨ ଲକ୍ଷ କୋଟି ଟଙ୍କା ଏବଂ ଏଥିରୁ ସର୍ବାଧିକ ୪୯,୫୮୦ କୋଟି ଟଙ୍କା ସଂଚୟ କରିବାର ସମ୍ଭାବନା ରହିଛି ।

# ଏସିଆନ ଗେମ୍ସ
# ଟିଟିରେ ଭାରତଠାରୁ ୩-୦ରେ ହାରିଲା ପାକିସ୍ତାନ






ନାଗୋୟା, ୨୧।୯ (ଏଜେନ୍ସି) : ଜାପାନର ଆଇଚି-ନାଗୋୟାରେ ଚାଲିଥିବା ଏସିଆନ ଗେମ୍ସର ଟେବୁଲ ଟେନିସରେ ମହିଳାଙ୍କ ଭଳି ଭାରତୀୟ ପୁରୁଷ ଟିମ ମଧ୍ୟ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଚିତପଟାଙ୍ଗ କରିଛନ୍ତି। ସୋମବାର ସକାଳେ ଭାରତୀୟ ମହିଳା ଟିମ ଏକତରଫା ଭାବେ ପାକିସ୍ତାନକୁ ୩-୦ ଗୋଲରେ ପରାସ୍ତ କରିଥିଲେ। ଅପରାହ୍ନରେ ଭାରତୀୟ ପୁରୁଷ ଟିମ ମଧ୍ୟ ପାକିସ୍ତାନ ବିପକ୍ଷରେ ଦମ ଦେଖାଇଛି। ପୁରୁଷ ଟିମ ବି ପାକିସ୍ତାନକୁ ଏକତରଫା ଭାବେ ୩-୦ରେ ହରାଇ ଦେଇଛି। ପୁରୁଷ ଟେବୁଲ ଟେନିସର ଏହି ଟିମ ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ମୈଦାନକୁ ଓହ୍ଲାଇଥିଲେ ହରମିତ ଦେଶାଇ। ତାଙ୍କର ମୁକାବିଲା ପାକିସ୍ତାନର ମହମ୍ମଦ ଖାନଙ୍କ ସହ ହୋଇଥିଲା। ଏହି ମୁକାବିଲାକୁ ହରମିତ ବିନା କୌଣସି ପରିଶ୍ରମରେ ବେଶ ସହଜରେ ଜିତି ନେଇଥିଲେ। ସେ ୧୧-୪, ୧୧-୩ ଓ ୧୧-୫ରେ ଗେମ ଜିତି ସ୍ଥିତିକୁ ୧-୦ କରି ଦେଇଥିଲେ। ଏହାପରେ ଦ୍ୱିତୀୟ ମୁକାବିଲା ଖେଳିବାକୁ ଓହ୍ଲାଇଥିଲେ ଅଭିଜ୍ଞ ସତିୟାନ ଗଣଶେଖରନ। ତାଙ୍କର ମୁକାବିଲା ଆୱାସ ଖାନଙ୍କ ସହ ହୋଇଥିଲା। ସେ ଏହାକୁ ୧୧-୧, ୧୧-୮ ଓ ୧୧-୯ରେ ଜିତି ନେଇଥିଲେ। ଫଳରେ ଭାରତ ୨-୦ରେ ଆଗୁଆ ହୋଇ ଯାଇଥିଲା। ୨-୦ ପଛରେ ଥିବା ପାକିସ୍ତାନକୁ ଏହି ଗେମକୁ ଯେମିତି ହେଲେ ଜିତିବାର ଥିଲା। ନିଜର ସମ୍ମାନ ପାଇଁ ଦଳ ଲଢ଼େଇ କରିବାକୁ ଚାହିଁଥିଲା। ଏଥର ପାକିସ୍ତାନର ମହମ୍ମଦ ଖାନଙ୍କୁ ମୈଦାନକୁ ଛାଡ଼ିଥିବା ବେଳେ ତାଙ୍କ ସାମ୍ନାରେ ଥିଲେ ଭାରତର ପୟାସ ଜୈନ। ନିଜର ଦୁଇ ସାଥୀ ଖେଳାଳିଙ୍କ ଭଳି ଜୈନ ମଧ୍ୟ କମାଲ କରିଥିଲେ। ସେ ୧୧-୪, ୧୧-୩ ଓ ୧୧-୫ରେ ଗେମ ଜିତି ନେଇଥିଲେ। ଏହି ବିଜୟ ସହ ଭାରତ ୩-୦ରେ ପାକିସ୍ତାନକୁ ହରାଇ ଦେଇଛି। ମ୍ୟାଚ୍ ପୂର୍ବରୁ ଓ ମ୍ୟାଚ୍ ପରେ ଦୁଇ ଦେଶର ଖେଳାଳି ପରସ୍ପର ସହ ହାତ ମିଳାଇବା ମଧ୍ୟ ଦେଖିବାକୁ ମିଳିଛି। ପୂର୍ବରୁ କ୍ରିକେଟରେ ଦୁଇ ଦେଶର ଖେଳାଳି ହାତ ନ ମିଳାଇବାର ପରମ୍ପରା ଗତବର୍ଷ ଏସିଆ କପରୁ ଦେଖିବାକୁ ମିଳିଥିଲା। ହେଲେ ଟେବୁଲ ଟେନିସରେ ଏହି ପରମ୍ପରା ବଦଳିଛି। ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ସହ ହାତ ମିଳାଇଛନ୍ତି। ଏହାପୂର୍ବରୁ ମହିଳା ଟିମର ଖେଳାଳିମାନେ ପରସ୍ପର ସହ ହାତ ମିଳାଇଥିଲେ

## ଭାରତ-ଜାପାନ ଐତିହାସିକ ଟ୍ୱେଣ୍ଟି-୨୦ ଆଜି

ସାନୋ, ୨୧।୯ (ଏଜେନ୍ସି) : ଭାରତୀୟ ପୁରୁଷ କ୍ରିକେଟ୍ ଦଳ ମଙ୍ଗଳବାର ପ୍ରଥମଥର ପାଇଁ ଜାପାନକୁ ଏକ ଟି-୨୦ ଅନ୍ତର୍ଜାତୀୟରେ ଭେଟିବ। 'ସୁଜୁକି କପ୍' ନାମରେ ନାମିତ ଏହି ମ୍ୟାଚ୍ ସାନୋ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଗ୍ରାଉଣ୍ଡରେ ଭାରତୀୟ ସମୟ ଅନୁସାରେ ସକାଳ ୯ଟା ୩୦ରେ ଆରମ୍ଭ ହେବ। ଆଇଚି-ନାଗୋୟାରେ ଆୟୋଜିତ ହେବାକୁ ଥିବା ଏସୀୟ କ୍ରୀଡ଼ା-୨୦୨୬ ପୂର୍ବରୁ ଏହା ଉଭୟ ଦଳ ପାଇଁ ଏକ ଶେଷ ପ୍ରସ୍ତୁତିମୂଳକ ମ୍ୟାଚ୍ ଭାବେ ସହାୟକ ହେବ। ଏହି ମ୍ୟାଚ୍ ଭାରତ ଓ ଜାପାନ ସରକାରଙ୍କ 'ସ୍ପୋର୍ଟ ୭୫' ଅଭିଯାନର ପ୍ରଥମ କାର୍ଯ୍ୟକ୍ରମ ମଧ୍ୟ ହେବ। ଭାରତ ଓ ଜାପାନ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତି ଅବସରରେ ଦୁଇ ଦେଶ ମଧ୍ୟରେ କ୍ରୀଡ଼ା ଆଦାନପ୍ରଦାନ ଓ ସହଯୋଗ ବଢ଼ାଇବା ଏହି ପଦକ୍ଷେପର ଲକ୍ଷ୍ୟ। ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିକଟରେ ଆଫଗାନିସ୍ତାନକୁ ୩-୦ରେ ହରାଇ ଉଚ୍ଚ ମନୋବଳ ସହ ଜାପାନକୁ ଆସିଛି। ଅଭିଷେକ ଶର୍ମା, ସଂଜୁ ସାମସନ, ବୈଭବ ସୂର୍ଯ୍ୟବଂଶୀ, ଇଶାନ କିଶନ, ତିଳକ ବର୍ମାଙ୍କୁ ନେଇ ଗଠିତ ଭାରତୀୟ ବ୍ୟାଟିଂ ବିଭାଗ ସନ୍ତୁଳିତ ଥିବାବେଳେ ଦ୍ରୁତ ବୋଲିଂ ବିଭାଗରେ ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ ଓ ଯଶ ଠାକୁର ରହିଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ନଂ୧ ଟ୍ୱେଣ୍ଟି-୨୦ ଦଳ ଭାରତ ବିପକ୍ଷରେ ଖେଳିବା ଜାପାନ କ୍ରିକେଟ୍ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ। କାରଣ ଏହି ମ୍ୟାଚ୍ ଜାପାନରେ କ୍ରିକେଟର ଲୋକପ୍ରିୟତା ବୃଦ୍ଧି କରିବାରେ ସହାୟକ ହେବ। ଭାରତୀୟ ଦଳ: ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟକିପର), ଈଶାନ କିଶନ (ୱିକେଟକିପର), ବୈଭବ ସୂର୍ଯ୍ୟବଂଶୀ, ଶିବମ ଦୁବେ, ତିଳକ ବର୍ମା (ଉପଅଧିନାୟକ), ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ, ଯଶ ଠାକୁର ଓ ବିପ୍ରଜ ନିଗମ।

## ଏମ୍ଏମ୍ଏରେ ସୁଚିକାଙ୍କୁ ଐତିହାସିକ କାଂସ୍ୟ




ଏସୀୟ କ୍ରୀଡ଼ାରେ ଭାରତକୁ ଆଉ ଏକ ପଦକ ମିଳିଛି। ମହିଳା ପାରମ୍ପରିକ ୬୦ କିଲୋଗ୍ରାମ ମିକ୍ସଡ ମାର୍ସିଆଲ ଆର୍ଟ୍ସ (ଏମ୍ଏମ୍ଏ) ବର୍ଗରେ ଭାରତର ସୁଚିକା ତାରିୟାଲ କାଂସ୍ୟ ପଦକ ଜିତିଛନ୍ତି। ସୋମବାର ସେମିଫାଇନାଲରେ ସିଙ୍ଗାପୁରର ହୁଇ ହୁନ୍ ଟିଓଙ୍କଠାରୁ ୦-୨ରେ ପରାଜିତ ହେବା ପରେ ତାଙ୍କୁ କାଂସ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହା ପୂର୍ବରୁ କ୍ୱାର୍ଟରଫାଇନାଲରେ ସେ ମଙ୍ଗୋଲିଆର ଆଲତାନଚିମେଗ ବାଇଗାଲମାଙ୍କୁ ୨-୦ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ପଦକ ସହ ଚଳିତ ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୪ରେ ପହଞ୍ଚିଛି। ଏଥିରେ ବନ୍ଧୁକଚାଳନାରୁ ୩ ପଦକ ଅନ୍ତର୍ଭୁକ୍ତ। ୩୬ ବର୍ଷୀୟା ସୁଚିକାଙ୍କ ପାଇଁ ଏହି ସଫଳତା ବିଶେଷ ଗୁରୁତ୍ୱ ବହନ କରେ। କାରଣ ଏଥର ପ୍ରଥମ ଥର ପାଇଁ ଏମ୍ଏମ୍ଏ ଏସୀୟ କ୍ରୀଡ଼ାରେ ସାମିଲ ହୋଇଥିବାବେଳେ ଭାରତ ପଦକ ଜିତିଛି। ସେ ୨୦୨୨ ରାଜ୍ୟଗୋଷ୍ଠୀ ଜୁଡୋରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ଏହାପରେ ୨୦୨୩ ଏସୀୟ କ୍ରୀଡ଼ାରେ କୁରାଶରେ ମଧ୍ୟ ଭାରତ ପାଇଁ ଖେଳିଥିଲେ। କିନ୍ତୁ ଉଭୟ ପ୍ରତିଯୋଗିତାରେ ପଦକ ଜିତିପାରି ନଥିଲେ।

## ସନ୍ତରଣ : ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଫାଇନାଲରେ ଶ୍ରୀହରି



ଆଇଚି-ନାଗୋୟା ଏସୀୟ କ୍ରୀଡ଼ାରେ ଭାରତୀୟ ତାରକା ସନ୍ତରଣକାରୀ ଶ୍ରୀହରି ନଟରାଜ ପୁରୁଷ ୫୦ ମିଟର ବ୍ୟାକ୍ଷ୍ଟ୍ରୋକ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥରର ଅଲିମ୍ପିଆନ୍ ଶ୍ରୀହରି ସୋମବାର ନିଜ ହିଟରେ ୨୫.୩୭ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ସମସ୍ତ ହିଟକୁ ମିଶାଇ ସେ ଯୁଗ୍ମ ଭାବେ ନବମ ସ୍ଥାନରେ ରହି ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଅନ୍ୟ ଭାରତୀୟ ଋଷଭ ଦାସ ଅଳ୍ପକେ ଫାଇନାଲରୁ ବଞ୍ଚିତ ହୋଇଛନ୍ତି। ସେ ୨୫.୪୧ ସେକେଣ୍ଡ ସମୟ ସହ ଏକାଦଶ ସ୍ଥାନରେ ରହିଥିବାରୁ ଫାଇନାଲରେ ସ୍ଥାନ ପାଇପାରିନାହାନ୍ତି। ତେବେ ସେ ରିଜର୍ଭ ତାଲିକାରେ ରହିଛନ୍ତି। ପୁରୁଷ ୫୦ ମିଟର ଫ୍ରିଷ୍ଟାଇଲରେ ଭାରତର ଆକାଶ ମଣି ଓ ହୀର ଗିତେଶ ଶାହ ମଧ୍ୟ ଫାଇନାଲ୍ରେ ପହଞ୍ଚିବାରେ ବିଫଳ ହୋଇଛନ୍ତି। ଆକାଶ ୨୩.୪୩ ସେକେଣ୍ଡ ସମୟ ସହ ୨୬ତମ ସ୍ଥାନରେ ରହିଥିବା ବେଳେ ଶାହ ୨୩.୫୭ ସେକେଣ୍ଡ ସମୟ ସହ ୨୮ତମ ସ୍ଥାନରେ ରହିଛନ୍ତି। ସେହିପରି ପୁରୁଷ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ ହିଟରେ ଭାରତର ଦାନୁଶ ସୁରେଶ ୧:୦୩.୪୬ ସେକେଣ୍ଡ ସମୟ ନେଇ ସାମଗ୍ରିକ ଭାବେ ୨୨ତମ ସ୍ଥାନରେ ରହିଥିଲେ। ଫଳରେ ସେ ମଧ୍ୟ ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିପାରିନାହାନ୍ତି।

## ମନ୍ଧାନା ଟ୍ୱେଣ୍ଟି-୨୦ରେ ସର୍ବାଧିକ ରନ୍ ସଂଗ୍ରହକାରୀ




ଭାରତୀୟ ମହିଳା କ୍ରିକେଟ୍ ଦଳର ଓପନର୍ ସ୍ମୃତି ମନ୍ଧାନା ମହିଳା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍ ସ୍କୋର କରିଥିବା ବ୍ୟାଟର୍ ହୋଇଛନ୍ତି। ଏସୀୟ କ୍ରୀଡ଼ାର ସେମିଫାଇନାଲରେ ଶୁକ୍ରବାର ବାଂଲାଦେଶ ବିପକ୍ଷ ମ୍ୟାଚରେ ବ୍ୟାଟିଂ କରିବା ସମୟରେ ସେ ଏହି ସଫଳତା ହାସଲ କରିଛନ୍ତି। ତାଙ୍କର ମୋଟ ଟ୍ୱେଣ୍ଟି-୨୦ ରନ୍ ୬୭୬୧ରେ ପହଞ୍ଚିଛି। ଏହା ସହିତ ସେ ନ୍ୟୁଜିଲାଣ୍ଡର ପୂର୍ବତନ ଓପନର୍ ସୁଜି ବେଟ୍ସଙ୍କୁ ପଛରେ ପକାଇଛନ୍ତି। ଚଳିତ ବର୍ଷ ଟି-୨୦ ବିଶ୍ୱକପ୍ ପରେ ଏହି ଫର୍ମାଟରୁ ଅବସର ନେଇଥିବା ବେଟ୍ସଙ୍କ ନାମରେ ୪,୭୫୮ ରନ୍ ରହିଛି। ମନ୍ଧାନା ମଧ୍ୟ ଟ୍ୱେଣ୍ଟି-୨୦ରେ ୧୦୦ ଛକା ମାରିବାର ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ମହିଳା ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ସର୍ବାଧିକ ରନ ସଂଗ୍ରହକାରୀ ତାଲିକାରେ ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର (୪୨୮୭) ତୃତୀୟ ଏବଂ ଶ୍ରୀଲଙ୍କା ଅଧିନାୟିକା ଚମାରି ଅଟାପଟୁ (୪୨୮୨) ଚତୁର୍ଥରେ ରହିଛନ୍ତି। ପଞ୍ଚମରେ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ (୩୮୧୭) ଅଛନ୍ତି।

## ବନ୍ଧୁକ ଚାଳନା : ରୌପ୍ୟ ଜିତିଲେ ହିମାଂଶୁ, ରୁଦ୍ରାଂକ୍ଷଙ୍କୁ କାଂସ୍ୟ

ଆଇଚି-ନାଗୋୟା ଏସୀୟ କ୍ରୀଡ଼ା ବନ୍ଧୁକଚାଳନାରେ ସୋମବାର ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଭାରତ ୨ ପଦକ ହାସଲ କରିଛି। ହିମାଂଶୁ ଧିଲ୍ଲୋଁ ୨୫୨.୪ ସ୍କୋର ସହ ରୌପ୍ୟ ଜିତିଥିବାବେଳେ ରୁଦ୍ରାଂକ୍ଷ ପାଟିଲ ୨୩୦.୯ ସ୍କୋର ସହ ତୃତୀୟ ସ୍ଥାନରେ ରହି କାଂସ୍ୟ ଜିତିଛନ୍ତି। ଏହି ଇଭେଣ୍ଟରେ ଚୀନର ସେଙ୍ଗ ଲିହାଓ ୨୫୪.୨ ସ୍କୋର ସହ ସ୍ୱର୍ଣ୍ଣ ଜିତିଛନ୍ତି। ଏହା ପୂର୍ବରୁ ପୁରୁଷ ୧୦ ମିଟର ଏୟାର ରାଇଫଲ୍ ଦଳଗତ ଇଭେଣ୍ଟରେ ରୁଦ୍ରାଂକ୍ଷ, ହିମାଂଶୁ ଓ ପାର୍ଥ ମାଣେଙ୍କୁ ନେଇ ଗଠିତ ଭାରତୀୟ ଦଳ ୧୮୯୦.୧ ପଏଣ୍ଟ ହାସଲ ସହ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲା। ଚୀନ ୧୮୯୯.୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଜିତିବା ସହ ବିଶ୍ୱ ରେକର୍ଡ କରିଛି। ଦକ୍ଷିଣ କୋରିଆ ୧୮୮୪.୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଛି। ଏହା ପୂର୍ବରୁ ରବିବାର ମହିଳା ୧୦ ମିଟର ଏୟାର ରାଇଫଲ୍ ଟିମ୍ ଇଭେଣ୍ଟରେ ଏଲାଭେନିଲ ଭାଲାରିଭାନ୍, ସୋନମ ମସ୍କାର ଓ ବିଦର୍ଶୀ କେ. ବିନୋଦ ରୌପ୍ୟ ପଦକ ଜିତିଥିଲେ।

## ଇଣ୍ଡିଆ-'ଏ' ଦଳର ମୁଖ୍ୟ କୋଚ୍ ହେଲେ ଲକ୍ଷ୍ମୀପତି ବାଲାଜୀ




ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି) : ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଦ୍ରୁତ ବୋଲର ଲକ୍ଷ୍ମୀପତି ବାଲାଜୀଙ୍କୁ ଇଣ୍ଡିଆ-'ଏ' ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଆଗାମୀ ଅଷ୍ଟ୍ରେଲିଆ-'ଏ' ବିପକ୍ଷ ଘରୋଇ ସିରିଜ୍ ପାଇଁ ବିସିସିଆଇ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛି। ଏହି ସିରିଜ୍ ପୁଡୁଚେରୀଠାରେ ଖେଳାଯିବ। ପୂର୍ବତନ ଷ୍ଟାର ବୋଲର ବାଲାଜୀଙ୍କର ଘରୋଇ କ୍ରିକେଟ୍ ଏବଂ ଆଇପିଏଲରେ କୋଚିଂର ବହୁ ଅଭିଜ୍ଞତା ରହିଛି। ସେ ଚେନ୍ନାଇ ସୁପର କିଙ୍ଗସ୍ ପାଇଁ ଖେଳିବା ସହ ଦଳର ବୋଲିଂ କୋଚ୍ ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ଏହା ସହିତ ସେ ତାମିଲନାଡୁ ରାଜ୍ୟ ଦଳର କୋଚିଂ ଟିମ୍ ସହ ମଧ୍ୟ ଜଡ଼ିତ ଥିଲେ। ଭାରତ-'ଏ' ଏବଂ ଅଷ୍ଟ୍ରେଲିଆ-'ଏ' ମଧ୍ୟରେ ଏହି ସିରିଜ୍ ୨୨ ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ଦୁଇଟି ଅଣଆନୁଷ୍ଠାନିକ ଟେଷ୍ଟ ମ୍ୟାଚ୍ ଏବଂ ତିନୋଟି ଏକଦିବସୀୟ ମ୍ୟାଚ୍ ଖେଳାଯିବ। ଟେଷ୍ଟ ଦଳର ଅଧିନାୟକ ଦେବଦତ୍ତ ପାଡିକଲ ଥିବାବେଳେ ଏକଦିବସୀୟ ଦଳର ଅଧିନାୟକ ଋତୁରାଜ ଗାଇକୱାଡ୍ ରହିଛନ୍ତି। ବାଲାଜୀଙ୍କ କ୍ରିକେଟ୍ କ୍ୟାରିୟର୍ ୪୪ ବର୍ଷୀୟ ବାଲାଜୀ ୨୦୦୨ରେ ଭାରତୀୟ ଦଳରେ ପଦାର୍ପଣ କରିଥିଲେ। ସେ ଭାରତ ପାଇଁ ୮ଟି ଟେଷ୍ଟ, ୩୦ଟି ଏକଦିବସୀୟ ଏବଂ ୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ୨୦୦୪ରେ ପାକିସ୍ତାନ ଗସ୍ତରେ ତାଙ୍କର ଶାଣିତ ବୋଲିଂ ଏବଂ ସ୍ୱିଙ୍ଗ୍ ଆଜି ବି କ୍ରିକେଟ୍ ପ୍ରେମୀଙ୍କ ମନରେ ସ୍ମରଣୀୟ ହୋଇ ରହିଛି। ଏହାସହ ଆଇପିଏଲ୍ ଇତିହାସରେ ପ୍ରଥମ ହାଟ୍ରିକ୍ ନେବାର ରେକର୍ଡ ମଧ୍ୟ ବାଲାଜୀଙ୍କ ନାମରେ ରହିଛି। ଆଇପିଏଲର ୭୩ଟି ମ୍ୟାଚରେ ସେ ମୋଟ ୭୬ଟି ୱିକେଟ୍ ହାସଲ କରିଥିଲେ।

## ଏସିଆନ ଗେମ୍ସରେ ଓଡ଼ିଆ ଝିଅଙ୍କ ଡବଲ ଗୋଲ୍

ନାଗୋୟା, ୨୧।୯ (ଏଜେନ୍ସି) : ଜାପାନରେ ଚାଲିଥିବା ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମର ବିଜୟ ଅଭିଯାନ ଜାରି। ପ୍ରଥମ ମ୍ୟାଚରେ ଉଜବେକିସ୍ତାନକୁ ୧୯-୦ରେ ହରାଇଥିବା ଭାରତ ଆଜି ଇଣ୍ଡୋନେସିଆ ବିପକ୍ଷରେ ପୁଣି କରିଛି ଗୋଲ ବର୍ଷା। ଭାରତୀୟ ମହିଳା ହକି ଟିମ ୧୭-୧ ଗୋଲରେ ଇଣ୍ଡୋନେସିଆକୁ ହରାଇ ଦେଇଛି। ଭାରତ ପାଇଁ ଓଡ଼ିଆ ଝିଅ ସୁନେଲିତା ଟପ୍ପୋ ଡବଲ ଗୋଲ କରିଛନ୍ତି। ସେହିପରି ଫରୱାର୍ଡ ଦୀପିକା ଶେରାୱତ, ଋତୁଜା ଦାଦାସୋ ପିସାଲ ଓ ନବନୀତ କୌର ମ୍ୟାଚରେ ହାସଲ କରିଛନ୍ତି ହ୍ୟାଟ୍ରିକ। ୨୨ ବର୍ଷୀୟ ଦୀପିକା ମ୍ୟାଚର ୮ମ, ୨୮ତମ ଓ ୪୦ତମ ମିନିଟରେ ଗୋଲ ସ୍କୋର କରିଛନ୍ତି। ଉଜବେକିସ୍ତାନ ବିପକ୍ଷ ମ୍ୟାଚରେ ସେ ୮ଟି ଗୋଲ ସ୍କୋର କରିଥିଲେ।

## ଶୁଟର ଦେଲେ ତୃତୀୟ ପଦକ

ନାଗୋୟା, ୨୧।୯ (ଏଜେନ୍ସି) : ଜାପାନର ଆଇଚି-ନାଗୋୟାରେ ଚାଲିଥିବା ଏସିଆନ ଗେମ୍ସରେ ଭାରତକୁ ମିଳିଛି ଆଉ ଏକ ରୌପ୍ୟ ପଦକ। ସୋମବାର ଦେଶ ପାଇଁ ଏହି ପଦକ ଜିତିଛନ୍ତି ହିମାଂଶୁ ଧିଲୋନ, ପାର୍ଥ ମାନେ ଓ ରୁଦ୍ରାକ୍ଷ ପାଟିଲ। ସେମାନେ ପୁରୁଷ ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହି ଏହି ପଦକ ଜିତିଛନ୍ତି। ଏହା ସହିତ ଭାରତର ପଦକ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଏସବୁ ହେଉଛି ରୌପ୍ୟ ପଦକ। ପୁରୁଷ ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ଚାଇନା ସ୍ୱର୍ଣ୍ଣ ପଦକ ଓ ଦକ୍ଷିଣ କୋରିଆ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ଟେବୁଲ ଟେନିସରେ ମହିଳା ଟିମ୍ ଇଭେଣ୍ଟରେ ପାକିସ୍ତାନକୁ ୩-୦ ରେ ପରାସ୍ତ କରିଛି ଭାରତ। ରବିବାର ମହିଳା ୧୦ ମିଟର ଏୟାର ରାଇଫଲ ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ ଏଲାଭେନିଲ ବାଲାରିଭେନ। ଏଲାଭେନିଲ ବାଲାରିଭେନ ୨୫୨.୪ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଜାପାନର ହିନାଟା ତାଇଚି ୨୫୩ ସ୍କୋର କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଦକ୍ଷିଣ କୋରିଆର ବାନ୍ ହୋଜିନ ୨୩୦.୪ ସ୍କୋର କରି ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଥିଲେ।

## ଇତିହାସ ରଚିଲେ ୧୩ ବର୍ଷୀୟ ସ୍କୁଲ ଛାତ୍ରୀ

ନାଗୋୟା, ୨୧।୯ (ଏଜେନ୍ସି) : ଏସିଆ ମହାଦେଶର ସବୁଠାରୁ ବଡ଼ କ୍ରୀଡ଼ା ମହାକୁମ୍ଭରେ ବଡ଼ବଡ଼ ଖେଳାଳିଙ୍କୁ ଦେଇଛି ଚକମା। ମାତ୍ର ୧୩ ବର୍ଷ ବୟସରେ ଚାଇନାର ୟୁ ଜିଦି ବନି ଯାଇଛନ୍ତି ଏସିଆନ ଗେମ୍ସ ଚାମ୍ପିଅନ। ଏହି ସୁଇମର୍ ଜଣଙ୍କ ଏସିଆନ ଗେମ୍ସରେ ରେକର୍ଡ ସୃଷ୍ଟି କରି ମହିଳା ୨୦୦ ମିଟର ବଟରଫ୍ଲାଏରେ ହାସଲ କରିଛନ୍ତି ସ୍ୱର୍ଣ୍ଣ ପଦକ। ୧୩ ବର୍ଷୀୟ ସ୍କୁଲ ଛାତ୍ରୀ ଜଣଙ୍କ କେବଳ ସ୍ୱର୍ଣ୍ଣ ଜିତି ନାହାନ୍ତି, ବରଂ ଏସିଆନ ଗେମ୍ସ ରେକର୍ଡକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ସେ ମାତ୍ର ୨.୦୫.୦୮ ସମୟସୀମା ମଧ୍ୟରେ ନିଜର ରେସ କରିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଚାଙ୍ଗ ମୋହନଙ୍କ ଟାଇମିଂ ଠାରୁ ଏହା ୩ ସେକେଣ୍ଡ କମ। ୟୁ ଜିଦିଙ୍କ ପୂର୍ବରୁ ଏସିଆନ ଗେମ୍ସରେ ଏତେ କମ ସମୟରେ କେହି ବି ୨୦୦ ମିଟର ବଟରଫ୍ଲାଏ ରେସ୍ ଶେଷ କରି ନଥିଲେ। ଏବେ ୟୁ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି।

## ଗ୍ରୀକ୍ ଚେସ୍ ତାରକା ଷ୍ଟାଭ୍ରୁଲା ସୋଲାକିଡୋ ଙ୍କୁ "ସିଲଭର ନାଇଟ୍' ଟ୍ରଫି



ଭୁବନେଶ୍ୱର, ୨୧।୯ (ସବ୍ୟୁ): ଷ୍ଟାଭ୍ରୁଲା ସୋଲାକିଡୋ, ଜଣେ ଗ୍ରୀକ୍ ଚେସ୍ ଚାମ୍ପିଅନ୍ ଯିଏକି ଇଂଟରନ୍ୟାସନାଲ ମାଷ୍ଟର ଏବଂ ଓମେନ୍ ଗ୍ରାଣ୍ଡମାଷ୍ଟର ଭାବରେ ଏଫଆଇଡିଇ ଉପାଧି ହାସଲ କରିଛନ୍ତି । ସେ ଗ୍ଲୋବାଲ ଚେସ୍ ଲିଗ୍ ୨୦୨୬ର ଚତୁର୍ଥ ସଂସ୍କରଣରେ "ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଂଟ' ଭାବେ ନାମିତ ହେବା ପରେ "ଜାୱା ଅଲ ଷ୍ଟାର୍ସ ୪୨ ବବର - ସିଲଭର ନାଇଟ୍' ଜିତିଛନ୍ତି। ଗଙ୍ଗେସ୍ ଗ୍ରାଣ୍ଡମାଷ୍ଟର୍ସର ପ୍ରତିନିଧିତ୍ୱକରି, ଷ୍ଟାଭ୍ରୁଲା ତାଙ୍କ ଦଳକୁ ପ୍ରଥମ ଗ୍ଲୋବାଲ ଚେସ୍ ଲିଗ୍ ଟାଇଟଲ୍ ଜିତାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ପ୍ରତିଯୋଗିତାର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ଉଭା ହୋଇଥିଲେ। ନିଜର ପ୍ରଦର୍ଶନ ପାଇଁ "ଗ୍ରୀକ୍ ଦେବୀ' ଭାବେ ନାମିତ ହୋଇଥିବା, ଷ୍ଟାଭ୍ରୁଲା ଏକ ଚମତ୍କାର ପ୍ରତ୍ୟାବର୍ତ୍ତନ କାହାଣୀ ମାଧ୍ୟମରେ ଏହି ସମ୍ମାନ ଏବଂ ମୋଟରସାଇକେଲ୍ ଅର୍ଜନ କରିଥିଲେ। କ୍ଲାସିକ୍ ଲେଜେଣ୍ଡ୍ସର ସହ-ପ୍ରତିଷ୍ଠାତା, ଅନୁପମ ଥରେଜା କହିଛନ୍ତି, "ଷ୍ଟାଭ୍ରୁଲାଙ୍କ ଯାତ୍ରା ଅନ୍ୟମାନଙ୍କଠାରୁ ଭିନ୍ନ ଥିଲା, କାରଣ ଏହା କେବଳ ଜିତିବାଠାରୁ ବହୁତ ବଡ଼ ଥିଲା। ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ବାଧାର ସମ୍ମୁଖୀନ ହୋଇଥିଲେ, କିନ୍ତୁ ଆଗକୁ ବଢ଼ିବା ପାଇଁ ସାହସ ଜୁଟାଇଥିଲେ ସିଲଭର ନାଇଟ୍ ବବର୍ ହେଉଛି ସେହି ମନୋଭାବକୁ ପାଳନ କରିବାର ଏବଂ ଏହାକୁ ପ୍ରକୃତରେ ପ୍ରତିଫଳିତ କରୁଥିବା ଜଣେ ଖେଳାଳିଙ୍କୁ ସମ୍ମାନିତ କରିବାର ଆମର ଏକ ପ୍ରୟାସ।" ଜାୱା ଅଲ୍ ଷ୍ଟାର୍ସ ୪୨ ବବର୍ - ସିଲଭର ନାଇଟକୁ ବେଙ୍ଗାଲୁରୁରେ ଗ୍ଲୋବାଲ ଚେସ୍ ଲିଗର ଚତୁର୍ଥ ସଂସ୍କରଣର ଉଦଘାଟନୀ ଅବସରରେ ମହିନ୍ଦ୍ରା ଗ୍ରୁପର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ଉନ୍ମୋଚନ କରିଥିଲେ। ଯେଉଁ ବ୍ୟକ୍ତିମାନେ ନିଜ ଉପରେ ଭରସା ରଖିବା ସହ ନିଜ ଚାରିପାଖର ଲୋକଙ୍କ ପ୍ରତି ସଚ୍ଚୋଟ ରୁହନ୍ତି, ସେମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ମୋଟରସାଇକେଲଟିକୁ ତିଆରି କରାଯାଇଛି। ଏହାର ପ୍ରଥମ ବିଜେତା ଭାବେ ଷ୍ଟାଭ୍ରୁଲାଙ୍କୁ ବଛାଯାଇଛି, ଯାହାଙ୍କର ଟୁର୍ଣ୍ଣାମେଂଟ ଯାତ୍ରା "ଅଲ୍ ଷ୍ଟାର୍ସ' ଅଧ୍ୟାୟର ଭାବନାକୁ ପ୍ରତିଫଳିତ କରିଛି। ଜାୱା ଅଲ୍ ଷ୍ଟାର୍ସ ୪୨ ବବର୍ - ସିଲଭର ନାଇଟର ପ୍ରଥମ ବିଜେତା ଭାବରେ, ଷ୍ଟାଭ୍ରୁଲା ଜଣେ ଅଲ୍ ଷ୍ଟାର୍ ହେବାର ଅର୍ଥକୁ ପ୍ରତିପାଦିତ କରନ୍ତି ।


ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବରେ
ଶ୍ରଦ୍ଧା ସୁମନ



ସ୍ୱର୍ଗୀୟା ସସ୍ମିତା ସେଠୀ
ବରପଦା, ରାଧାନଗର, ବନ୍ତ, ଭଦ୍ରକ
ମହାସ୍ୱର୍ଗ - ୨୦.୦୫.୧୯୯୦
ସ୍ୱର୍ଗବାସ - ୨୨.୦୯.୨୦୨୪
ଚାହୁଁ ଚାହୁଁ ତୁମ ଅବର୍ତ୍ତମାନକୁ ଦୁଇବର୍ଷ ପୂରିଲା । ଶୂନ୍ୟ ପଡ଼ିଛି ତୁମ ପ୍ରତି ଥିବା ଶ୍ରଦ୍ଧା ଓ ସ୍ନେହର ସ୍ଥାନ । ଯେଉଁଠି ଥାଅ ଭଲରେ ଥାଅ, ଏତିକି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।


## କଳିଙ୍ଗରେ ୭୬ତମ ରାଜ୍ୟ ପୁଲିସ ହକି ଚାମ୍ପିଅନସିପ୍-୨୦୨୬ ଉଦଘାଟିତ



ଭୁବନେଶ୍ୱର, ୨୧।୯ (ସବ୍ୟୁ) : ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆଜି (ସୋମବାର) ୭୬ତମ ରାଜ୍ୟ ପୋଲିସ ହକି ଚାମ୍ପିଅନସିପ୍-୨୦୨୬ର ଶୁଭାରମ୍ଭ ହୋଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପୂର୍ବତନ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଏହି ଚାମ୍ପିଅନସିପ୍ରେ ରାଜ୍ୟର ବିଭିନ୍ନ ରେଞ୍ଜ ଓ ବାଟାଲିଅନରୁ ୧୮ଟି ପୋଲିସ ଦଳର ୩୬୦ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତା ଆସନ୍ତା ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଚାମ୍ପିଅନସିପର ପ୍ରଥମ ଦିନରେ ଅନୁଷ୍ଠିତ ମ୍ୟାଚ୍ଗୁଡ଼ିକରେ କମିଶନରେଟ୍-ବି ୬-୦ ଗୋଲ୍ରେ କୋରାପୁଟ ଜିଲ୍ଲାକୁ ପରାସ୍ତ କରିଥିଲା। ସେହିପରି ବ୍ରହ୍ମପୁର ଜିଲ୍ଲା ୩-୧ ଗୋଲରେ ଓଏସ୍ଏପି ୮ମ ବାଟାଲିୟନ୍, ଛତ୍ରପୁରକୁ ପରାସ୍ତ କରିଥିଲା। ଅନ୍ୟ ଏକ ମ୍ୟାଚରେ ୪ର୍ଥ ଆଇଆର୍ ବାଟାଲିୟନ୍, ଦେବଗଡ଼ ପେନାଲ୍ଟି ସୁଟ୍ଆଉଟରେ ୪-୨ ଗୋଲରେ ଓଏସ୍ଏପି ୩ୟ ବାଟାଲିୟନ୍, କୋରାପୁଟକୁ ପରାସ୍ତ କରିଥିବା ବେଳେ ଓଏସ୍ଏପି ୪ର୍ଥ ବାଟାଲିୟନ୍, ରାଉରକେଲା ୪-୦ ଗୋଲରେ ଓଆଇଏସ୍ଏଫ୍, ଭୁବନେଶ୍ୱରକୁ ପରାସ୍ତ କରିଥିଲା। ଉଦଘାଟନୀ ସମାରୋହରେ ପ୍ରକାଶ ମିଶ୍ର କହିଥିଲେ, ଭାରତୀୟ ହକିର ବିକାଶ ଓ ଲୋକପ୍ରିୟତାରେ ଓଡ଼ିଶାର ଅବଦାନ ଅତୁଳନୀୟ। ଭାରତୀୟ ହକି ଟିମ୍କୁ ରାଜ୍ୟ ସରକାରଙ୍କ ନିରନ୍ତର ପୃଷ୍ଠପୋଷକତା ଜାରି ରହିଛି। ଭାରତୀୟ ଜାତୀୟ ହକି ଟିମର ଜର୍ସିରେ 'ଓଡ଼ିଶା' ଲେଖାଯିବା ରାଜ୍ୟବାସୀଙ୍କ ପାଇଁ ଗୌରବର ବିଷୟ। ଓଡ଼ିଶା ପୁଲିସର ମହିଳା ହକି ଦଳ ସର୍ବଭାରତୀୟ ପୁଲିସ ହକି ଟୁର୍ଣ୍ଣାମେଣ୍ଟରେ ତୃତୀୟ ସ୍ଥାନ ହାସଲ କରିବା ଉଲ୍ଲେଖନୀୟ ସଫଳତା। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୁଲିସ କମିଶନର, ଭୁବନେଶ୍ୱର-କଟକ ଡ଼ା. ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍ଏପି) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ପ୍ରବୀଣ କୁମାର, ଅତିରିକ୍ତ ପୋଲିସ କମିଶନର, ଭୁବନେଶ୍ୱର-କଟକ ନରସିଂହ ଭୋଳ, ଆଇଜିପି (କ୍ରାଇମବ୍ରାଞ୍ଚ) ଡ଼ା ସାର୍ଥକ ଷଡ଼ଙ୍ଗୀ, ଆଇଜିପି (ପ୍ରୋଭିଜନିଂ) ନୀତି ଶେଖର, ଆଇଜିପି (କେନ୍ଦ୍ରାଞ୍ଚଳ) ଡ଼ା ସତ୍ୟଜିତ ନାଏକ, ସପ୍ତମ ବାଟାଲିୟନ୍ କମାଣ୍ଡାଣ୍ଟ ପ୍ରଫୁଲ୍ଲ ସିଂ, ଡେପୁଟି କମାଣ୍ଡାଣ୍ଟ ଅଦ୍ୱୈତ ପ୍ରଧାନ, ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଜାହିର ଖାନ ଚେନ୍ନାଇ ସୁପର କିଙ୍ଗସର ମୁଖ୍ୟ କୋଚ୍

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି) : ଆସନ୍ତା ୨୦୨୭ ଆଇପିଏଲ ପୂର୍ବରୁ ବଡ଼ ଘୋଷଣା କରିଛି ଚେନ୍ନାଇ ସୁପର କିଙ୍ଗସ। ଭାରତୀୟ କ୍ରିକେଟ ଟିମର ପୂର୍ବତନ ଦ୍ରୁତ ବୋଲର ଜାହିର ଖାନ ହୋଇଛନ୍ତି ଚେନ୍ନାଇ ସୁପର କିଙ୍ଗସର ନୂଆ ମୁଖ୍ୟ କୋଚ୍। ୨୦୧୧ ଦିନିକିଆ ବିଶ୍ୱକପ ଜିତିଥିବା ଦଳରେ ଜାହିର ଖାନ ରହିଥିଲେ। କିଛି ଦିନ ତଳେ ଷ୍ଟେଫେନ ଫ୍ଲେମିଂ ଚେନ୍ନାଇ ସୁପର କିଙ୍ଗସ ମୁଖ୍ୟ କୋଚ ପଦ ଛାଡ଼ିଥିଲେ। ଏବେ ଜାହିର ଖାନଙ୍କ କୋଚିଂରେ ଚେନ୍ନାଇ ତା'ର ୨୦୨୭ ଅଭିଯାନ ଆରମ୍ଭ କରିବ। ଚେନ୍ନାଇର ମୁଖ୍ୟ କୋଚ୍ ହେବା ପୂର୍ବରୁ ଜହିର ଖାନ ଏକାଧିକ ଆଇପିଏଲ ଫ୍ରାଞ୍ଚାଇଜ ସହ କାମ କରି ସାରିଛନ୍ତି। ସେ ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ନିକଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ସହ ଯୋଡ଼ି ହୋଇ ରହିଥିଲେ।


ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି